

ଫେଡେରର୍‌ଙ୍କୁ ଟପିଲେ ଜୋକୋଭିକ୍ | ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 294 | ଭାଗ ୩୨ | ସଂଖ୍ୟା ୨୯୪ | Bhubaneswar | Friday 17 January 2025 | Page 8 Rs. 4.00 | ଭୁବନେଶ୍ୱର ଶୁକ୍ରବାର ୧୭ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### କେନ୍ଦ୍ର କର୍ମଚାରୀଙ୍କୁ ବଡ଼ ଉପହାର
## ଅଷ୍ଟମ ବେତନ ଆୟୋଗକୁ କ୍ୟାବିନେଟ୍ ମଞ୍ଜୁରୀ



**ନୂଆଦିଲ୍ଲୀ, ୧୬।୧:** ବଜେଟ୍ ପୂର୍ବରୁ ଦୀର୍ଘଦିନର ଦାବି ପୂରଣ କରି କେନ୍ଦ୍ର ସରକାର ଅଷ୍ଟମ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଛନ୍ତି। ଖୁବଶୀଘ୍ର କମିଟି ଗଠନ ହେବ ଓ ଆଗାମୀ ବର୍ଷ ସୁଦ୍ଧା ଆୟୋଗ ରିପୋର୍ଟ ଦେବେ। ଏଥିସହ ଦୀର୍ଘଦିନ ଧରି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଓ କର୍ମଚାରୀ ସଂଗଠନଗୁଡ଼ିକର ଦାବି ପୂରଣ ହୋଇଛି। ଆୟୋଗଙ୍କ ସୁପାରିଶ ଲାଗୁ ହେଲେ କେନ୍ଦ୍ର କର୍ମଚାରୀଙ୍କ ସର୍ବନିମ୍ନ ଦରମା କେତେ ହେବ ସେ ନେଇ ଆଲୋଚନା ଆରମ୍ଭ ହୋଇଛି। ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ୍ ଲାଗୁ ହେଲେ ୧.୧୫ କୋଟି କେନ୍ଦ୍ର କର୍ମଚାରୀ ଉପକୃତ ହେବେ, ଯେଉଁଥିରେ ୫୦ ଲକ୍ଷ କର୍ମଚାରୀ ଓ ୬୫ ଲକ୍ଷ ବେତନଭୋଗୀ ଅଛନ୍ତି। ଏଥିରେ ପ୍ରତିରକ୍ଷା ବିଭାଗ ସହ ଜଡ଼ିତ କର୍ମଚାରୀ ଓ ବେତନଭୋଗୀ ମଧ୍ୟ ସାମିଲ୍। ଏ ସଂକ୍ରାନ୍ତରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଖୁବ୍‌ଶୀଘ୍ର ଆୟୋଗର ଅଧ୍ୟକ୍ଷ ଓ ଦୁଇ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବ। ରିପୋର୍ଟ ଅନୁସାରେ, କର୍ମଚାରୀଙ୍କ ସର୍ବନିମ୍ନ ଦରମା ୫୧ ହଜାର ୪୮୦ ଟଙ୍କା ହେବ, ଯାହାକି ଏବେ ୧୮ ହଜାର ଟଙ୍କା ରହିଛି। ସେହିପରି ପେନ୍‌ସନ୍‌ଧାରୀଙ୍କ ସର୍ବନିମ୍ନ ବେତନ ୯ ହଜାର ଟଙ୍କା ହେବ। ସୂଚନାଯୋଗ୍ୟ ଯେ ଗତ ୨୦୧୬ରେ ମୋଦି ସରକାର ସପ୍ତମ ବେତନ ଆୟୋଗ ଗଠନ କରିଥିଲେ। ତେବେ ଅଷ୍ଟମ ବେତନ ଆୟୋଗ କ'ଣ କ'ଣ ସୁପାରିସ୍ କରିବେ ଓ କେନ୍ଦ୍ର କର୍ମଚାରୀ କେତେ ଦରମା ପାଇବେ, ସେନେଇ କର୍ମଚାରୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି।

### ଇସ୍ରୋକୁ ଐତିହାସିକ ସଫଳତା
# ଦୁଇ ଉପଗ୍ରହ ମଧ୍ୟରେ ସ୍ପେସ୍ ଡକିଂ ସଫଳ

- ଆମେରିକା, ଚୀନ୍ ଓ ରୁଷ୍ ପରେ ଭାରତ ଚତୁର୍ଥ
- ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଅଭିନନ୍ଦନ



**ନୂଆଦିଲ୍ଲୀ, ୧୬।୧:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗୁରୁବାର ସକାଳେ ଦୁଇଟି ଭାରତୀୟ ଉପଗ୍ରହକୁ ମହାକାଶରେ ଡକିଂ ବା ସଂଯୋଗ କରାଇବାରେ ସଫଳ ହୋଇଛି। ଏହା ସ୍ପେସ୍ ଡକିଂ ଏକ୍ସପେରିମେଣ୍ଟ ବା ସ୍ପେଡେକ୍ସର ଏକ ଅଂଶ। ଚତୁର୍ଥ ପ୍ରୟାସରେ ଭାରତୀୟ ବୈଜ୍ଞାନିକମାନେ ଶେଷରେ ସଫଳ ହୋଇଥିଲେ। ଗୁରୁବାର ପୂର୍ବାହ୍ଣ ୧୦ଟାରେ ଇସ୍ରୋ ଡକିଂ ସଫଳତା ଘୋଷଣା କରିଥିଲା। ସଫଳ ମହାକାଶ ଡକିଂ ହାସଲ କରିବାରେ ଭାରତ ଚତୁର୍ଥ ଦେଶ ହୋଇଛି। ଡକିଂ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା ଏବଂ ଇସ୍ରୋ ସତର୍କତାର ସହ ପନ୍ଦର ଦିନ ମଧ୍ୟରେ ଅନେକ ପରୀକ୍ଷଣ କରିଥିଲା। ସେକେଣ୍ଡ ପ୍ରତି ୧୦ ମିଲିମିଟର ବେଗରେ ଉପଗ୍ରହଗୁଡ଼ିକ ପରସ୍ପରର ନିକଟତର ହେବା ପୂର୍ବରୁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଭାରତୀୟ ଡକିଂ ସିଷ୍ଟମ୍‌କୁ ବ୍ୟବହାର କରି ଏହି ସଫଳତା ହାସଲ କରିଥିଲା। ପୃଥିବୀଠାରୁ ୪୭୫ କିଲୋମିଟର ଉଚ୍ଚରେ ପରିକ୍ରମା କରୁଥିବା ଦୁଇଟି ଭାରତୀୟ ଉପଗ୍ରହକୁ ଡକ୍ କରିବାରେ ଇସ୍ରୋ ସଫଳ ହୋଇଛି। ରୁଷ୍, ଆମେରିକା ଓ ଚୀନ୍ ପରେ ଭାରତ ଚତୁର୍ଥ ଦେଶ ଭାବେ ଏହା କରିଛି। ୨୦୨୪ ଡିସେମ୍ବର ୩୦ ତାରିଖରେ ପିଏସ୍‌ଏଲ୍‌ଭି ରକେଟ୍ ବ୍ୟବହାର କରି ଭାରତ ସ୍ପେଡେକ୍ସ ମିସନ ଆରମ୍ଭ କରିଥିଲା। ଚନ୍ଦ୍ରଯାନ-୪ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ଭଳି ଭବିଷ୍ୟତ ଅଭିଯାନ ପାଇଁ ଡକିଂ ହେଉଛି ଏକ ଆବଶ୍ୟକ ଜ୍ଞାନକୌଶଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ 'ଏକ୍ସ'ରେ ଇସ୍ରୋ ଓ ଏହାର ବୈଜ୍ଞାନିକମାନଙ୍କୁ ଉପଗ୍ରହର ସଫଳ ପ୍ରଦର୍ଶନ ପାଇଁ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଭାରତର ମହତ୍ତ୍ୱାକାଂକ୍ଷୀ ମହାକାଶ ଅଭିଯାନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ସ୍ପେସ୍ ଡକିଂ ଗବେଷଣା ଲାଗି ଲଞ୍ଚ ହୋଇଥିବା ଦୁଇଟି ସ୍ପେଶକ୍ରାଫ୍ଟ ମଧ୍ୟରେ ଇସ୍ରୋ ସଫଳ ସ୍ପେସ୍ ଡକିଂ କରି ଐତିହାସିକ ସଫଳତା ପାଇଛି। ସ୍ପେଶ୍ ଡକିଂ କ୍ଷମତା ହାସଲ କରିବାରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନ ହାସଲ କରିଛି। ଏହି ସଫଳତା ଚନ୍ଦ୍ରଯାନ-୪, ଭାରତର ଯୋଜନାବଦ୍ଧ ସ୍ପେସ୍ ସେଣ୍ଟର ଏବଂ ଗଗନଯାନ ଭଳି ମହାକାଶ ଅନୁସନ୍ଧାନରେ ଭାରତର ଭବିଷ୍ୟତ ପ୍ରୟାସ ପାଇଁ ପଥ ପରିଷ୍କାର କରିଛି। ଭାରତର ମହାକାଶ କ୍ଷମତା ବୃଦ୍ଧି ପାଇଁ ଇସ୍ରୋ ଓ ଦେଶର ସମସ୍ତ ବୈଜ୍ଞାନିକ ଏବଂ ଇଞ୍ଜିନିୟର୍ ସମ୍ପ୍ରଦାୟକୁ ଅଭିନନ୍ଦନ ବୋଲି 'ଏକ୍ସ' ପୋଷ୍ଟ୍ ରାଷ୍ଟ୍ରପତି କହିଛନ୍ତି।

## ଜାତୀୟ ଶିକ୍ଷାନୀତି ପାଇଁ ଷ୍ଟିଅରିଂ କମିଟି
### ପ୍ର. ନିତ୍ୟାନନ୍ଦ ପ୍ରଧାନ ହେବେ ଅଧ୍ୟକ୍ଷ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟିଅରିଂ କମିଟି ଗଠନ କରାଯାଇଥିବା ବେଳେ ଏହାର ଅଧ୍ୟକ୍ଷ ଭାବେ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କୁ ନିଯୁକ୍ତି ଦେବା ସକାଶେ ନିଷ୍ପତ୍ତି ହୋଇଛି। କମିଟିରେ ମୋଟ ୧୬ ଜଣ ସଦସ୍ୟ ରହିଥିବା ବେଳେ ସେମାନେ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବେ। ଆସନ୍ତା ଶିକ୍ଷା ବର୍ଷରୁ ସ୍କୁଲ ସ୍ତରରେ ଏନ୍‌ଇପି ଲାଗୁ ହେବ ବୋଲି ଦିନକ ତଳେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏନ୍‌ଇପି-୨୦୨୦ ଲାଗୁ ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥାର ସରଳୀକରଣ ହୋଇପାରିବ। ପ୍ରାଥମିକ ସ୍ତରରେ ପିଲାଙ୍କ ଶିକ୍ଷାର ଭିତ୍ତି ଠିକ ରଖିବା ପାଇଁ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବେ ରାଜ୍ୟ ସରକାର। ଏଥିରେ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ସହ ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷା ବି ଦିଆଯିବ। ବିଶେଷକରି ଓଡ଼ିଆ ଭାଷା, କଳା ଓ ସଂସ୍କୃତିର ପ୍ରଚାର ଦିଗରେ ଉଦ୍ୟମ କରାଯିବ। ଏନ୍‌ଇପି ଲାଗୁ ହେଲେ ପାଠ୍ୟଖସଡ଼ା ସରଳ ଓ ବୋଧଗମ୍ୟ ହେବ। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟାରେ ଆଖିଦୃଶିଆ ହ୍ରାସ ଘଟିବା ସହ ଗୁଣାତ୍ମକ ଶିକ୍ଷା ମିଳିପାରିବ। ସେଥିପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ବି ଲାଗୁ ହୋଇଛି, ଯେଉଁଥିପାଇଁ ୧୫୬ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ନବମ ଓ ଏକାଦଶ ଶ୍ରେଣୀରେ ପିଲାମାନେ ନାମ ଲେଖାଇଲେ ସେମାନଙ୍କ ଆକାଉଣ୍ଟକୁ ଏ ବାବଦ ଟଙ୍କା ପଠାଯିବ।

ଏହାଛଡ଼ା ପିଏମ ଶ୍ରୀ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ସହ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି, ଯେଉଁଥିରେ ରାଜ୍ୟକୁ ପ୍ରାୟ ୩୫୦ ସ୍କୁଲ ମିଳିଛି। ଆହୁରି ଅଧିକ ସ୍କୁଲକୁ ଏଥିରେ ସାମିଲ କରିବା ସକାଶେ କେନ୍ଦ୍ର ➪ ପୃଷ୍ଠା-୬

# ବୁଲେଟ୍ ରାଜାଙ୍କୁ ଛୁରାମାଡ଼





**ମୁମ୍ବାଇ, ୧୬।୧:** ବଲିଉଡ ଅଭିନେତା ତଥା 'ବୁଲେଟ୍ ରାଜା' ସୈଫ୍ ଅଲ୍ଲୀ ଖାନଙ୍କୁ ଗତକାଲି ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଥିବା ବେଳେ ଏହି ଘଟଣାରେ ମୁମ୍ବାଇ ପୁଲିସ ୩ ଜଣଙ୍କୁ ଅଟକ ରଖିଛି। ଛୁରାମାଡ଼ ହେବାର କେଇଘଣ୍ଟା ମଧ୍ୟରେ ପୁଲିସ୍ ସମ୍ପୃକ୍ତ ଅଭିଯୁକ୍ତକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ୩ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଏବେ ବି ପୁଲିସ୍‌ର ପହଞ୍ଚଠାରୁ ଦୂରରେ ରହିଛି। ଏହି ଛୁରାମାଡ଼ ଘଟଣାରେ ସୈଫ୍ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୀଳାବତୀ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ତେବେ ସେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଥିବା ଜଣାପଡିଛି।

- ଚୋରି ଉଦ୍ୟମରୁ ଅଘଟଣ
- ଅନ୍ୟ ଦୁଇ ଜଣ ଆହତ
- ମେରୁହାଡ଼ରୁ ବାହାରିଲା ୨.୫ ଇଞ୍ଚ୍‌ର ଛୁରୀ

ମିଳିଥିବା ସୂଚନା ମୁତାବକ, ସ୍ଥାନୀୟ ସତଗୁରୁ ଶରନ୍ କୋଠାର ଦ୍ୱାଦା ମହଲାରେ ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ସାଢ଼େ ୨ଟା ସମୟରେ ଜଣେ ଦୁର୍ବୃତ୍ତ ସୈଫ୍‌ଙ୍କ ଫାୟାର ଏକ୍ଜିଟ ଶିଡ଼ି ଦେଇ ଘର ଭିତରକୁ ପ୍ରବେଶ କରିଥିଲା। ଚୋରି କରିବା ଉଦ୍ଦେଶ୍ୟ ନେଇ ସେମାନେ ଘର ଭିତରକୁ ପଶି ଆସିଥିବା ବେଳେ ସିଧା ସୈଫ୍‌ଙ୍କ ସାନପୁଅ ଜହାଙ୍ଗୀର ରହୁଥିବା କୋଠରୀରେ ପହଞ୍ଚିଥିଲା। ତେବେ ସେଠାରେ ଥିବା ଘରୋଇ ସହାୟକ ଜଣଙ୍କ ତାକୁ ଦେଖି ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ। ପାଟି ଶୁଣି ସୈଫ୍ ସେଠାକୁ ଧାଇଁ ଆସିଥିଲେ। ତେବେ ହାତାହାତି ହେବା ସମୟରେ ଦୁର୍ବୃତ୍ତ ଜଣକ ସୈଫ୍‌ଙ୍କୁ ୬ ଥର ଛୁରାମାଡ଼ କରିଥିଲା। ଏହି ସମୟରେ ସୈଫ୍‌ଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିବା ଘରୋଇ ସହାୟକଙ୍କୁ ମଧ୍ୟ ଅଭିଯୁକ୍ତ ଜଣଙ୍କ ଛୁରାମାଡ଼ କରିଥିଲା। ଫଳରେ ଘରୋଇ ସହାୟକଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ଏହି ଘଟଣା ଘଟେଇ ଅଭିଯୁକ୍ତ ସୁଯୋଗ ଦେଇ ଉକ୍ତ ସ୍ଥାନରୁ ଫେରାର ହୋଇଯାଇଥିଲା। ଏହି ଛୁରାମାଡ଼ ଘଟଣାରେ ସୈଫ୍ ଗୁରୁତର ଭାବେ ଆହତ ହୋଇଥିବାରୁ ତାଙ୍କୁ ତୁରନ୍ତ ଲୀଳାବତୀ ହସ୍ପିଟାଲ୍‌କୁ ନିଆଯାଇଥିଲା। ସେଠାରେ ➪ ପୃଷ୍ଠା-୬

## ଏନ୍‌କାଉଣ୍ଟରରେ ଟଳିଲେ ୧୨ ମାଓବାଦୀ, ସର୍ଚ୍ଚ ଅପରେସନ ଜୋରଦାର

**ମାଲକାନଗିରି, ୧୬।୧ (ସଂଚାର ବ୍ୟୁରୋ):** ମାଲକାନଗିରି-ଛତିଶଗଡ ସୀମାନ୍ତ ବିଜାପୁର ଜିଲ୍ଲାରେ ଏନକାଉଣ୍ଟ ହୋଇଛି ଯେଉଁଥିରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୨ ଜଣ ମାଓବାଦୀ ନିପାତ ହୋଇଛନ୍ତି। ତେଲେଙ୍ଗାନା ସୁକୁମା ଓ ବିଜାପୁର ଜିଲ୍ଲା ସୀମାନ୍ତରେ ଏହି ଏନକାଉଣ୍ଟର ପରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଏସମ୍ପର୍କରେ ସୁଚନା ଦେଇଛନ୍ତି ବସ୍ତର ଆଇଜି ସୁନ୍ଦରରାଜ ପି.। ସେପଟେ ମାଲକାନଗିରି-ଛତିଶଗଡ଼ ସୀମାନ୍ତ କୋଣ୍ଡାଗାଓଁ ଜିଲ୍ଲାରେ ସୁରକ୍ଷା କର୍ମୀଙ୍କୁ ବଡ ସଫଳତା ମିଳିଛି। କୁମ୍ବିଂ ଅପରେସନ ବେଳେ ଜଙ୍ଗଲ ଭିତରୁ ଯବାନମାନେ ବଡ ଧରଣର ମାଓ ଡମ୍ପ ଠାବ କରିଛନ୍ତି। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ଲାଗି ମାଓବାଦୀମାନେ ଲୁଚାଇ ରଖିଥିବା ଏହି ଡମ୍ପ ଭିତରୁ ୧୪ଟି ଭାର୍ମର ବନ୍ଧୁକ ଓ ୧୪ଟି ଟିଫିନ୍ ବୋମା ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ପୁଙ୍ଗାରପାଲ ଥାନା ଅନ୍ତର୍ଗତ କୁଟୁର ଏବଂ ତୁମ୍ରିୱାଲ ଅଞ୍ଚଳରେ ସୁରକ୍ଷା ବାହିନୀର କମ୍ବିଂ ଚାଲିଥିବ ବେଳେ ଏହି ସବୁ ମାଓ ସାମଗ୍ରୀ ଜବତ ହୋଇଛି। ମାଓବାଦୀଙ୍କୁ ମୂଳପୋଛ କରିବା ଲାଗି ଛତିଶଗଡରେ ଡିଆର୍‌ଜି ଓ ବସ୍ତରର ଫାଇଟର ବାହିନୀ ପକ୍ଷରୁ ଜୋରଦାର ଅପରେସନ ଜାରି ରହିଥିବା ଜଣାପଡିଛି ।



# ଅରୁଣଙ୍କ ଚଞ୍ଚୁ ଫିଟିଲା

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଏତେ ଦିନ ପରେ ଫିଟିଲା ବିଧାୟକ ଅରୁଣ ସାହୁଙ୍କ ଚଞ୍ଚୁ। ଆଗରୁ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ ମୁହଁ ଖୋଲିବାକୁ ସାହସ ନଥିଲା। ଏବେ ଖୋଲାଖୋଲି ଚିଠି ଲେଖୁଛନ୍ତି। ଏବେ ସରକାର ବଦଳିଯାଇଥିବାରୁ ନବୀନ ପଟ୍ଟନାୟକଙ୍କ ପୂର୍ବର ନିଷ୍ପତ୍ତି ଉପରେ ଛାତିପିଟି କହିବାକୁ ଅରୁଣ ସାହସ ପାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦେବା ଦିନରୁ ବିଧାୟକ ଓ ସାଂସଦଙ୍କ କୋଟାରେ ନାମ ଲେଖାର ସୁଯୋଗ ଦିଆଯାଇଛି। ବିଜେଡି ସରକାରରେ ଥିବା ସମୟରେ ନବୀନଙ୍କ ଏହି ନିଷ୍ପତ୍ତି ବିରୋଧରେ ସ୍ୱର ଉଠାଇପାରୁନଥିଲେ ଅରୁଣ ସାହୁ। ଏବେ ହଠାତ କେଉଁଠୁ ଏତେ ଦମ୍ଭ ଆସିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।





୨୦୨୨ରୁ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଦ୍ୟାଳୟରେ ସାଂସଦମାନଙ୍କ କୋଟା ବ୍ୟବସ୍ଥାକୁ ବନ୍ଦ କରିଦେଲେ। ସେ ସମୟରେ ମଧ୍ୟ ଅରୁଣ ସାହୁ ଆଦର୍ଶ ବିଦ୍ୟାଳୟରୁ କୋଟା ବ୍ୟବସ୍ଥାର ଉଚ୍ଛେଦ ପାଇଁ ଦାବି କରିପାରିଥାନ୍ତେ। ସେ ସମୟରେ ମଧ୍ୟ ସେ ବିଜେଡିର ଜଣେ ଟାଣୁଆ ଓ ପ୍ରଭାବଶାଳୀ ବିଧାୟକ ଥିଲେ। ସରକାରରେ ତା ପୂର୍ବରୁ ମନ୍ତ୍ରୀ ମଧ୍ୟ ରହିଥିଲେ। ଯେଉଁ ସମୟରେ ଆଦର୍ଶ ବିଦ୍ୟାଳୟ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥିଲା ସେ ସମୟରେ କ୍ୟାବିନେଟରେ କୋଟା ବ୍ୟବସ୍ଥା ନରଖିବାକୁ ମଧ୍ୟ ପ୍ରସ୍ତାବ ଦେଇପାରିଥାନ୍ତେ। ଏବେ ସରକାର ବଦଳିଯିବା ପରେ କାହିଁକି କେନ୍ଦ୍ରୀୟ ଢାଞ୍ଚାରେ କୋଟା ➪ ପୃଷ୍ଠା-୬

### ଶ୍ରୀମନ୍ଦିର ପ୍ରଶାସନର ପଞ୍ଚସୂତ୍ରୀ କାର୍ଯ୍ୟାବଳୀ
## ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ ବାଧ୍ୟତାମୂଳକ

**ପୁରୀ, ୧୬।୧ (ସଂଚାର ବ୍ୟୁରୋ):** ଆଜି ପୁରୀ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟ ସମୀକ୍ଷା ଅବସରରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ୫ ସୂତ୍ରୀ କାର୍ଯ୍ୟାବଳୀ ଅନୁପାଳନ ସକାଶେ ପରାମର୍ଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏଥିରେ ପ୍ରମୁଖ କାର୍ଯ୍ୟାବଳୀ ମଧ୍ୟରେ ମନ୍ଦିରର ସମସ୍ତ ଅଧିକାରୀ ଓ କର୍ମଚାରୀ ଆସନ୍ତା ୩୧ ତାରିଖ ମଧ୍ୟରେ ସେମାନଙ୍କ ସମ୍ପତ୍ତି ତାଲିକା ଦାଖଲ ପ୍ରମୁଖ ରହିଛି। ୨୦୨୪ ବର୍ଷ ପାଇଁ ଉପରୋକ୍ତ ତାରିଖ ସୁଦ୍ଧା ସମସ୍ତେ ସମ୍ପତ୍ତି ତାଲିକା ଦାଖଲ ନ କଲେ, ସେମାନଙ୍କ ଇନକ୍ରିମେଣ୍ଟ୍, ପଦୋନ୍ନତି, ପୁରସ୍କାର କିମ୍ବା କୌଣସି ପ୍ରକାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ ଉପରେ ରୋକ ଲଗାଯିବ ବୋଲି ଡ. ପାଢ଼ୀ କହିଛନ୍ତି। ଏହାଛଡ଼ା ଶ୍ରୀମନ୍ଦିର ପ୍ରଶାସନର କୌଣସି ଅଧିକାରୀ ଓ କର୍ମଚାରୀ ପାନ, ଗୁଟଖା କିମ୍ବା କୌଣସି ମାଦକ ଦ୍ରବ୍ୟ ସେବନ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଆହୁରି ପ୍ରତି ମାସ ତୃତୀୟ ଶୁକ୍ରବାର ବରିଷ୍ଠ ଅଧିକାରୀଙ୍କ ସ୍ତରରେ କାର୍ଯ୍ୟର ସମୀକ୍ଷା କରାଯିବ। ପ୍ରତି ଶୁକ୍ରବାର ସମସ୍ତ ➪ ପୃଷ୍ଠା-୬

## ଜଙ୍ଗଲ ଆଉ ପଶୁପକ୍ଷୀଙ୍କ ପାଇଁ ସୁରକ୍ଷିତ ନୁହେଁ

- ଛଅ ମାସରେ ୪ଶହରୁ ଅଧିକ ମଲେଣି
- ବାଘ ମାରି ମାଂସ ଖାଇଲେଣି ଲୋକେ
- ଦୁର୍ଘଟଣା ଓ ବିଷ ପ୍ରୟୋଗ କରି ବି ମାରୁଛନ୍ତି

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଜଙ୍ଗଲ ଆଉ ପଶୁ ପକ୍ଷୀମାନଙ୍କ ପାଇଁ ଆଶ୍ରୟସ୍ଥଳ ହୋଇ ରହିନାହିଁ । ଶିକାରୀମାନେ ବିଭିନ୍ନ ଉପାୟରେ ହାତୀ ଠାରୁ ଆରମ୍ଭକରି ବାଘ ପର୍ଯ୍ୟନ୍ତ ସମସ୍ତଙ୍କୁ ମାରୁଛନ୍ତି । ବାରହା, ହରିଣ, କୁଟୁରା ଆଦି ଯେଉଁ ହାରରେ ଲୋକଙ୍କ ଆହାର ହେଉଛନ୍ତି ଆଉ ଅଳ୍ପଦିନ ପରେ ସେମାନଙ୍କ ବଂଶ ଲୋପ ପାଇଯିବ ।

ଓଡ଼ିଶା ଜଙ୍ଗଲରେ ପଶୁପକ୍ଷୀମାନେ କେତେ ଅସୁରକ୍ଷିତ ତାହା ସରକାରୀ ତଥ୍ୟରୁ ଜଳ ଜଳ ହୋଇ ଦିଶୁଛି । ଗତବର୍ଷ ଏପ୍ରିଲରୁ ନଭେମ୍ବର ମାସ ମଧ୍ୟରେ ରାଜ୍ୟର ୪୬ଟି ଜଙ୍ଗଲ ଡିଭିଜନରେ ୪୧୧ ପଶୁ ପ୍ରାଣ ହରାଇଲେଣି । ଏମାନଙ୍କ ମଧ୍ୟରୁ ସର୍ବାଧିକ ଶିକାରୀଙ୍କ ହାତରେ ମରିଛନ୍ତି। ଶିକାରୀମାନେ ହାଡ଼ ପାଇଁ ହାତୀ ଶିକାର କରୁଥିବାବେଳେ ବାଘ ଶିକାର କରି ସେମାନଙ୍କ ଛାଲ ସମେତ ଅନ୍ୟାନ୍ୟ ଅଂଶକୁ ବି ଚାଲାଣ କରିଦେଉଛନ୍ତି । ମଝିରେ ମଝିରେ ଯଦିଓ ଶିକାରୀମାନଙ୍କୁ ଗିରଫ କରାଯାଇ ବାଘଛାଲ ଜବତ ହେଉଛି, କନ୍ତୁ ବହୁ କ୍ଷେତ୍ରରେ ଚୋରା ଚାଲାଣକାରୀମାନେ ଖସି ଯାଉଛନ୍ତି।

ରାଜ୍ୟରେ ବାଘମାନେ କେତେ ଅସୁରକ୍ଷିତ ତାହା ନୂଆପଡା ➪ ପୃଷ୍ଠା-୬



### ମଲେଣି ୩ ମହାବଳ

ନିକଟ ଅତୀତରେ ଶିମିଳିପାଳରେ ୩ଟି ମହାବଳର ମୃତ୍ୟୁ ହୋଇଛି। ୨୦୨୩ ଏପ୍ରିଲ ୩୦ରେ ଦୁଇଟି ବାଘ ମଧ୍ୟରେ ଲଢେଇ କାରଣରୁ ଗୋଟିଏ ମୃତ୍ୟୁବରଣ କରିଥିଲା। ୨୦୨୪ ଫେବ୍ରୁଆରୀ ୬ରେ ଲିଭର୍ ଇନଫେକ୍ସନ୍ ଯୋଗୁଁ ଗୋଟିଏ ମହାବଳ ବାଘର ମୃତ୍ୟୁ ହୋଇଥିଲା। ଉଭୟ ମହାବଳର ପୋଷ୍ଟମର୍ଟମ୍ ରିପୋର୍ଟ ରହିଛି। ସେହିପରି ତୃତୀୟଟି ହେଉଛି ଏକ କଳା ମହାବଳ ଶାବକ। ମା'ଠୁ ଅଲଗା ଥିବାରୁ ଅନ୍ୟ ବନ୍ୟଜନ୍ତୁ ଶିକାର ପାଇଁ ଯାଇଥିବା ଶିକାରୀଙ୍କ ଶିକାର ହୋଇଥିଲା ଏହି କଳା ବାଘ ଶାବକଟି। ଏହି ଘଟଣା ପ୍ରାୟ ୨ ମାସ ତଳେ ଘଟିଥିବା ବନ୍ୟପ୍ରାଣୀ ପିସିସିଏଫ କହିଛନ୍ତି। ଯେତେବେଳେ ବନ ବିଭାଗ ଟିମ ଯମୁନା ଓ ଜିନତକୁ ନେଇ ବ୍ୟସ୍ତ ଥିଲେ, ଶିକାରୀମାନେ ➪ ପୃଷ୍ଠା-୬



### କାନ ଡେରିଥା

ନଙ୍ଗୁଳିଙ୍କ ପାଇଁ ଖଣ୍ଡଗିରି ମନା
ଚଳିତ ମହା ମେଳାରେ
ଏହି କଥା ଶୁଣି ହାମୁଡ଼ି ପଡିଲେ
ନିଶା ଉତୁରିଲା ଧୀରେ
ଅଭ୍ୟାସ ବଦଳାଅରେ...
ନହେଲେ ଯେ ଖାଲି ଦେହକୁ
ଦେଖାଇ
ବୁଲିବ ଗାଁ ଦାଣ୍ଡରେ!

■ ଦେବାଶିଷ

### ବଢୁଛି ସନ୍ୟାସୀଙ୍କ ସଂସାର ମୋହ
# ଦଳକୁ ଫେରାଇବାକୁ ହେଉଛି ରୋଡ୍‌ମ୍ୟାପ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜନୀତିରୁ ସନ୍ୟାସ ନେଇଥିବା ଭି.କେ. ପାଣ୍ଡିଆନ ଓରଫ ସନ୍ୟାସୀଙ୍କ ଉଢୁଛି ସଂସାର ମୋହ। ଦଳକୁ ଫେରିବାକୁ ହେଲେଣି ତରତର। ଆଉ ତାଙ୍କର ଏଇ ଇଚ୍ଛାକୁ ପୂରଣ କରିବାକୁ ପୂରା ଦମରେ ଲାଗିପଡିଛନ୍ତି କ୍ରୀତଦସ ଆଣ୍ଡ କୋ। ଏଥିପାଇଁ ଦୁଇ ଦିନ ତଳେ ନୟାଗଡରେ ବସିଥିଲା କୋର ଟିମର ଏକ ସିକ୍ରିଟ ବୈଠକ। ବିଧାୟକ ଅରୁଣ ସାହୁ ଏହି ବୈଠକର ଆୟୋଜନ କରିଥିଲେ। ଆଉ ଏଥିରେ ଯୋଗ ଦେଇଥିଲେ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସ, ବ୍ୟୋମକେଶ ରାୟ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ବଳବନ୍ତରାୟ ପ୍ରମୁଖ। ଏହି ବୈଠକରେ ସନ୍ୟାସୀଙ୍କୁ ବିଜେଡିକୁ ଫେରାଇ ଆଣିବାକୁ ମାନସମନ୍ଥନ କରାଯାଇଛି। ନବୀନଙ୍କ ପରେ କିଏ ନେବ ବିଜେଡିର ନେତୃତ୍ୱ। ଏହାକୁ ନେଇ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ଥିବା ବେଳେ ସନ୍ୟାସୀଙ୍କୁ କେମିତି ଆଣି ନବୀନଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପିତ କରାଯିବ ସେଥିପାଇଁ କଳ ବଳ କୌଶଳ ପ୍ରୟୋଗରେ ଲାଗିପଡିଛନ୍ତି ତାଙ୍କର ଏହି ଏକାନ୍ତ ଅନୁଗତ ନେତାମାନେ। ରାଜନୀତିରୁ ସନ୍ୟାସ ଘୋଷଣା କରିବା ପରେ ମଧ୍ୟ କିପରି ପୁଣି ଥରେ ସେ ରାଜନୀତିକୁ ଫେରିବେ ଏବଂ ନବୀନ ତାଙ୍କୁ ରାଜ୍ୟବାସୀଙ୍କ ଚଏସ୍ ବୋଲି ସାଧାରଣରେ ପ୍ରେଜେଣ୍ଟ କରିବେ ସେଥିପାଇଁ ମଧ୍ୟ ରଣନୀତି ହେଉଛି। ଏପରିକି ଦଳର କିଛି ନେତାମାନେ ସନ୍ୟାସୀଙ୍କୁ ଦଳକୁ ଫେରାଇ ଆଣିବାକୁ ନବୀନଙ୍କ ➪ ପୃଷ୍ଠା-୬

### ନୟାଗଡ଼ରେ କ୍ରୀତଦାସ ଆଣ୍ଡ କୋ କରିଛନ୍ତି ବ୍ଲୁପ୍ରିଣ୍ଟ

## ସନ୍ୟାସୀଙ୍କୁ କ୍ଲିନ୍‌ଚିଟ୍ ପାଇଁ ଦୀପାଳି ମୋହରା



ଦୁଇ ବର୍ଷ ପରେ ଦୀପାଳି କାହିଁକି ତାଙ୍କ ବାପା ନବ ଦାସଙ୍କ ହତ୍ୟାର ସିବିଆଇ ତଦନ୍ତ କଥା ଉଠାଇଲେ। କାହିଁକି ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ତଦନ୍ତ ପାଇଁ ଅନୁରୋଧ କଲେ। ଦୁଇ ଦିନ ହେଲା ଏହାକୁ ନେଇ ସବୁଠି ଚାଲିଛି ତର୍ଜମା। ହେଲେ ଅସଲ କଥା ହେଉଛି ଦୀପାଳି ଯାହା କହିଛନ୍ତି ତାହା ହେଉଛି ସନ୍ୟାସୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ସ୍କ୍ରିପ୍ଟ। ଦୀପାଳି ଏସବୁ କହିବା ପୂର୍ବରୁ ନବୀନ ନିବାସ ଯାଇଥିଲେ। ନବୀନ ନିବାସରୁ ଫେରି ସେ ସିବିଆଇ ତଦନ୍ତ କଥା ଉଠାଇଛନ୍ତି। ଦୀପାଳିଙ୍କ ମୁହଁରେ ଏଭଳି କୁହାଇ ସନ୍ୟାସୀ ଦୁଇଟି ଗେମ୍ ଖେଳିଛନ୍ତି। ନବ ଦାସ ହତ୍ୟାର ସିବିଆଇ ତଦନ୍ତ ପାଇଁ ପୂର୍ବରୁ ବିଜେପି ଦାବି କରୁଥିଲା। ଏବେ ସରକାରକୁ ଆସିବା ପରେ ଯଦି ବିଜେପି ସିବିଆଇ ତଦନ୍ତ ପାଇଁ ସୁପାରିଶ ନକରେ ତେବେ ବିଜେଡି ପାଲଟା ସମାଲୋଚନା କରିବାକୁ ସୁଯୋଗ ପାଇବ। ଆଉ ଯଦି ସିବିଆଇ ତଦନ୍ତ ପାଇଁ ➪ ପୃଷ୍ଠା-୬

SANCHAR ସଂଚାର

# ସାତଭାୟା ଫରେଷ୍ଟ ବିଟ ସମ୍ମୁଖରେ ଓକିଲପାଳବାସୀଙ୍କ ଧାରଣା

**ରାଜନଗର, ୧୬।୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକ ସାତଭାୟା ଫରେଷ୍ଟ ବିଟ ସମ୍ମୁଖରେ ଗୁପ୍ତି ପଂଚାୟତର ଓକିଲପାଳ ଗ୍ରାମବାସୀ ଧାରଣରେ ବସିଥିଲେ। ଲୁଣି ପାଣି ନେବା ପାଇଁ ନିର୍ମାଣ ହେଉଥିବା ସ୍ଲୁଇସ ନିର୍ମାଣକୁ ବିରୋଧ କରି ଦୀର୍ଘ ୪ ଘଣ୍ଟା କାଳ ଧାରଣାରେ ବସିଥିଲେ। ସମାଧାନ ନହେବା ଯାଏଁ ନିର୍ମାଣ କାମ ବନ୍ଦ ରଖିବାକୁ ପ୍ରତିଶ୍ରୁତି ପରେ ଧାରଣାରୁ ଓକିଲପାଳବାସୀ ଉଠିଥିଲେ। ଓକିଲପାଳ ଗାଁର ୨୭୨ ପରିବାର ମଗରକନ୍ଦା ଓ ଦାନ୍ତିଆପଦାରେ ପ୍ରାୟ ୩ ଶହ ଏକର ଜମିରେ ଧାନ ଚାଷ କରି ପରିବାର ଚଳାଇଥାନ୍ତି। ବନ ବିଭାଗ ପକ୍ଷରୁ ଗିରିଆ ରାସ୍ତାରେ ଏହି ଅଞ୍ଚଳକୁ ଲୁଣି ପାଣି ନେବା ପାଇଁ ସ୍ଲୁଇସ ନିର୍ମାଣ ଆରମ୍ଭ ହୋଇଛି। ଏଠାରେ ସ୍ଲୁଇସ ନିର୍ମାଣ ହେଲେ ଏହି ଅଞ୍ଚଳରେ ଥିବା ଜମିରେ ଲୁଣି ପାଣି ମାଡ଼ିଯିବ ତେଣୁ ସ୍ଲୁଇସ ନିର୍ମାଣ ବନ୍ଦ ରଖିବାକୁ ଗ୍ରାମବାସୀ ଫରେଷ୍ଟର ରଂଜିତ ରାଉତଙ୍କୁ ଜଣାଇଥିଲେ। ଆଜି ପୁଣି କାମ ଆରମ୍ଭ ହେବାରୁ ଶତାଧିକ ପୁରୁଷ ଓ ମହିଳା ସାତଭାୟା ଫରେଷ୍ଟ ବିଟ ସମୁଖରେ ଦିନ ୧୧ ରୁ ୪ ଟା ଯାଏଁ ଧାରଣାରେ ବସି ରହିଥିଲେ। ଫରେଷ୍ଟର ଶ୍ରୀ ରାଉତ କାମ ବନ୍ଦ ରହିବ, ରେଞ୍ଜ ଅଫିସର ଗାଁରେ ପହଂଚି ଆଲୋଚନା କରିବା ପରେ ଯାହା କିଛି ନିଷ୍ପତ୍ତି ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଓକିଲପାଳବାସୀ ଧାରଣରୁ ଉଠିଥିଲେ।



# ମହାକାଳପଡ଼ାରେ ସ୍ଥାୟୀ ବିଡ଼ିଓ ନିଯୁକ୍ତି କେବେ ?

**● ୪ ପଦବୀ ସମ୍ଭାଳୁଛନ୍ତି ଜଣେ ଅଧିକାରୀ ● କେମିତି ଚାଲିଛି କାର୍ଯ୍ୟାଳୟ, ଆଶଙ୍କାରେ ଲୋକେ**

**ମହାକାଳପଡ଼ା, ୧୬।୧ (ସଂଚାର ବ୍ୟୁରୋ) :** ପଦବୀ ସଂଖ୍ୟା ରହିଛି ୪ । ହେଲେ ପଦବୀ ସମ୍ଭାଳୁଛନ୍ତି ଜଣେ ଅଧିକାରୀ। ଏମିତି ଘଟଣା ଯେତିକି ଗମ୍ଭୀର ସେତିକି ସମ୍ବେଦନଶୀଳ ମଧ୍ୟ। ଜଣେ ଅଧିକାରୀ ଚାରିଗୋଟି ଦାୟିତ୍ୱ ମୁଣ୍ଡେଇ ନିଜକୁ କେମିତି ପରିଚାଳନା କରୁଛନ୍ତି ତାହାକୁ ନେଇ ମହାକାଳପଡ଼ାରେ ଚର୍ଚ୍ଚା ଜୋର୍ ଧରିଛି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକର ବର୍ତ୍ତମାନ ତହସିଲଦାର ଭାବରେ ନିୟୋଜିତ ହୋଇଥିବା ଶିବପ୍ରସାଦ ମଲ୍ଲିକଙ୍କୁ ହାତୀ ସୁନାକଳସ ଢାଳିବା ଭଳି ୪ ଗୋଟି ପଦବୀର ଗୁରୁ ଦାୟିତ୍ୱ ମିଳିଛି। ପୂର୍ବତନ ବିଡ଼ିଓ ସାଗର ନନ୍ଦଙ୍କ ବଦଳି ପରେ ମହାକାଳପଡ଼ା ବ୍ଲକ୍‌ରେ ବିଡ଼ିଓ ପଦବୀ ଖାଲି ପଡିଛି। ତାଙ୍କ ସ୍ଥାନ ପୂରଣ କରିବା ପାଇଁ ବର୍ତ୍ତମାନର ତହସିଲଦାର ଶିବ ମଲ୍ଲୀକଙ୍କୁ ବିଡ଼ିଓ ଗାଦିରେ ବସା ଯାଇଛି। ନୂଆକରି ଉଦଘାଟିତ ହୋଇଥିବା ସବରେଜିଷ୍ଟର କାର୍ଯ୍ୟାଳୟରେ ମଧ୍ୟ କେହି ରେଜିଷ୍ଟର ନିଯୁକ୍ତି ନହେବାରୁ ସେ ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି ତହସିଲଦାର। କେବଳ ସେତିକିରେ କଥା ସରିନି ମା ଦରିଆ ରାମଚଣ୍ଡୀ ମନ୍ଦିରର ଟ୍ରଷ୍ଟ ବୋର୍ଡ଼ର ଟ୍ରଷ୍ଟି ଭାବରେ ବି ଶିବପ୍ରସାଦଙ୍କୁ ଦାୟିତ୍ୱ




ଦେଇଛି ବିଭାଗ। ଯାହାକୁ ନେଇ ଏବେ ସାରା ମହାକାଳପଡ଼ାରେ ଚର୍ଚ୍ଚା ଜୋର୍ ଧରିଛି।

ଗୋଟିଏ ଲୋକଙ୍କୁ ଏତେଗୁଡିଏ ଦାୟିତ୍ୱ ମୁଣ୍ଡରେ ଲଦି ଦେଇ କେଉଁ ଲୁଚକାଳି ଖେଳ ଖେଳିବାକୁ ଚାହୁଁଛନ୍ତି ଜିଲ୍ଲା ପ୍ରଶାସନ। ୩ ଗୋଟି ଅତି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଲେଖାଏଁ ଅଧିକାରୀ ରହିବା ବଦଳରେ କାହିଁକି ଗୋଟିଏ ଅଧିକାରୀଙ୍କୁ ୩ ପଦବୀରେ ରଖାଯାଇଛି ତାହାକୁ ନେଇ ସନ୍ଦେହ ବଢ଼ିଛି। ତହସିଲ କାର୍ଯ୍ୟ, ବିଡ଼ିଓ ଦାୟିତ୍ୱ,ସବରେଜିଷ୍ଟର ଭଳି ଦାୟିତ୍ୱକୁ ଜଣେ ସମ୍ଭାଳି କେମିତି ସବୁକୁ ପରିଚାଳନା କରୁଛନ୍ତି ତାହା ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା। ପ୍ରଶାସନର ଅଭିଯୋଗ ଶୁଣାଣୀ ପାଖରୁ ଆରମ୍ଭ କରି କ୍ଷେତ୍ର ପରିଦର୍ଶନ,ବୈଠକ ଆଦିରେ ଗୋଟିଏ ଲୋକ ସବୁ ଠିକ୍ ଠାକ୍ କେମିତି ଚାଲାଇଛନ୍ତି ବୋଲି ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି।

ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ର ଆବାହକ ପ୍ରତାପ ମହାନ୍ତି କହିଛନ୍ତି ମହାକାଳପଡ଼ା ବିଡ଼ିଓ ପଦବୀ ସବୁବେଳେ ଚର୍ଚ୍ଚା ରେ ରହି ଆସିଛି। ମହାକାଳପଡ଼ା ରେ ଅଧିକ ଦୁର୍ନୀତି ଭ୍ରଷ୍ଟାଚାର ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଆସୁଛି। ଏହି ସବୁ ପାଇଁ ବିଡ଼ିଓଙ୍କୁ ନାକେଦମ ହେବାକୁ ପଡ଼େ। ହେଲେ ଏବେକାର ଘଟଣା ମହାକାଳପଡା ଇତିହାସରେ ସମ୍ପୂର୍ଣ୍ଣ ନୂଆ। ଗୋଟିଏ ଲୋକ ୪ ଗୋଟି ପଦବୀର ଦାୟିତ୍ୱ ସମ୍ଭାଳି ସେ କେତେ ଖୁସି ଅଛନ୍ତି କି ଅଦୃଶ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି ତାହା କେବଳ ନାରାୟଣଙ୍କୁ ଜଣା ଥିବ। ହେଲେ ପଦବୀ ଖାଲି କରି କାହିଁକି ଜଣଙ୍କୁ ଗାଦିର ଦାୟିତ୍ୱ ମୁଣ୍ଡେଇ ଦେଇଛନ୍ତି ତାହା ଉପରେ ଜିଲ୍ଲାପାଳ ବିଚାର କରିବା ଆବଶ୍ୟକ।



# ମେଣ୍ଟପୁର ପଞ୍ଚାୟତରେ ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

**ଆଳି, ୧୬।୧ (ସଂଚାର ବ୍ୟୁରୋ) :** ଆଳି ବ୍ଲକ୍ ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତର ତିନିଟି ଗ୍ରାମରେ ଯଥା କଳାପାହାଡ଼ , ରସୁଲପୁର, ପଦନପୁର ଅଲୋକୀକରଣ ଶୁଭ ଉଦଘାଟନ କଲେ ଆଳି ର ବିଧାୟକ ପ୍ରତାପ କେଶୋରୀ ଦେବ। ଏହି ପ୍ରକଳ୍ପ କ୍ରିଟିକାଲ ଗ୍ୟପ୍ ଫଣ୍ଡ ପଚିଶି ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ଥିବା କୁହାଯାଇଛି। ଏହି ଅଲୋକି କରଣ ପ୍ରକଳ୍ପ ଦ୍ୱାରା ତିନିଟି ଗ୍ରାମ ଯାତାୟତରେ ଦେଖାହେଉ ଥିବା ସମସ୍ୟା ଦୂର ହେବ ବୋଲି ଶ୍ରୀ ଦେବ କହି ଥିଲେ। ଏହି ଉଦଘାଟନ ଉତ୍ସବରେ ବିଧାୟକ ଶ୍ରୀ ଦେବଙ୍କ ସମେତ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମିନତି ବାରିକ, ଚାରି ନମ୍ବର ଜୋନ ଜିଲ୍ଲାପରିଷଦ ଜୟରାମ ସାହୁ, ସରପଞ୍ଚ ମେମୁନ ଖାତୁନ ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାରୁ ଆରମ୍ଭ ହେଲା ତୀର୍ଥଯାତ୍ରା

**ଗଲେ ୧୦୧ ବରିଷ୍ଠ ନାଗରିକ**

**କେନ୍ଦ୍ରାପଡ଼ା, ୧୬।୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ନିଶୁଳ୍କ ତୀର୍ଥ ଯାତ୍ରା ଆରମ୍ଭ ହୋଇଛି । ଜିଲ୍ଲା ପ୍ରଶାସନ ତଥା ପର୍ଯ୍ୟଟନ ବିଭାଗର ମିଳିତ ସହଯୋଗ ରେ ଜିଲ୍ଲାର ୯ଟି ବ୍ଲକରୁ ତୀର୍ଥଯାତ୍ରୀ ମାନଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଯାନ ଭୁବନେଶ୍ୱର ଅଭିମୁଖେ ଗୁରୁବାର ଅଭିମୁଖେ ପ୍ରସ୍ଥାନ କରିଛି । ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ପତାକା ଦେଖାଇ ଏହି ତୀର୍ଥଯାତ୍ରୀ ମାନଙ୍କୁ ପ୍ରସ୍ଥାନ କରାଇଥିଲେ । ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନରେ ଏହି ତୀର୍ଥଯାତ୍ରୀ ମାନେ ମହାରାଷ୍ଟ୍ରର ନାସିକ ଓ ସିରିଡି ଅଭିମୁଖେ ଯାତ୍ରା କରିବେ ।

ଜିଲ୍ଲାର ୯ଟି ବ୍ଲକରୁ ୧୦୧ ଜଣ ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି । ଏମାନଙ୍କ ସହିତ ସହାୟକ ଭାବେ କେନ୍ଦ୍ରାପଡା ତହସିଲର ବରିଷ୍ଠ ରାଜସ୍ୱ ସୁପର




ଭାଇଜର ଭାସ୍କର ଚନ୍ଦ୍ର ଦାସ ଓ ଉମେଶ ଚନ୍ଦ୍ର ବେହେରା ଜିଲ୍ଲା କାର୍ଯ୍ୟାଳୟ ର ଶୈଳେନ୍ଦ୍ର ନାରାୟଣ ପ୍ରଧାନ ଓ ରତୀକାନ୍ତ ରାଉତରାୟ ତୀର୍ଥଯାତ୍ରୀଙ୍କ ସହ ଯାତ୍ରା କରିଛନ୍ତି । ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସୂଚନା ଅଧିକାରୀ ଅଶୋକ ବଳିଆର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ପ୍ରମୁଖ ଏହି ତୀର୍ଥଯାତ୍ରୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ମଙ୍ଗଳ କାମନା କରିଥିଲେ ।

# ମିଶନ ଶକ୍ତି ପକ୍ଷରୁ କାଗଜ ପ୍ଲେଟ ତିଆରି ସରଞ୍ଜାମ ପ୍ରଦର୍ଶନ

**ପଟ୍ଟାମୁଣ୍ଡାଇ, ୧୬।୧ (ସଂଚାର ବ୍ୟୁରୋ) :** ପବିତ୍ର ମକର ସଂକ୍ରାନ୍ତି ଅବସରରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତଳବାଲିପଡ଼ା ସ୍ଥିତ ଶ୍ରୀ ବଳଦେବଜୀଉ ମହିଳା ମହାସଂଘ ଦ୍ୱାରା କାଗଜ ପ୍ଲେଟ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଅନୁସଙ୍ଗିକ ସରଞ୍ଜାମ ପ୍ରଦର୍ଶନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ କାଉନସିଲର ବିଦ୍ୟାଧର ସେଠୀ ଉଦଘାଟନ କରିଥଲେ। ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ଭାରତ ଭୂଷଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମହାସଂଘ ଉପଦେଷ୍ଟା ରବୀନ୍ଦ୍ର ବିଶ୍ୱାଳ ଓ ପିତାମ୍ବର କରଙ୍କ ସହିତ ମହାସଂଘ ର ସଭାନେତ୍ରୀ କସ୍ମିତା ପ୍ରଧାନ, ସମ୍ପାଦିକା ପାର୍ବତୀ ତତ୍ରିପାଠୀ, ଶୁଭଲକ୍ଷ୍ମୀ କର, କବିତା ପ୍ରଧାନ, ସୁରେଖା କର, ସ୍ୱର୍ଣ୍ଣପ୍ରଭା ଦାସ, ସୁଶମା ପ୍ରଧାନ, ସୁଷମା ଭୂୟାଁ, ସୁଷମା ପ୍ରଧାନ, ସସ୍ମିତା ସେଠି, ସସ୍ମିତା ସ୍ୱାଇଁ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଶତାଧିକ ସଭ୍ୟା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେବାଶିଷ ମଲ୍ଲିକ, ସୁଶୀଲ ପରିଡା, ଚନ୍ଦନ ପାତ୍ର, ପାରେଶ୍ୱର ପାତ୍ର, ସମୀର ପାତ୍ର, ଚଗଲା ବିଶ୍ୱାଳ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମିଶନଶକ୍ତି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ ।

# ଉପ ଜିଲ୍ଲାପାଳଙ୍କୁ ଭେଟିଲେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କର୍ମକର୍ତ୍ତା



**କେନ୍ଦ୍ରାପଡ଼ା, ୧୬।୧ (ସଂଚାର ବ୍ୟୁରୋ) :** ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତା ମାନେ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ନୂତନ ବର୍ଷ ଉପଲକ୍ଷେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଗୁରୁବାର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଜିଲ୍ଲା ସଭାପତି ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିଶ୍ୱ ବିଜୟୀ ପରିଡାଙ୍କ ସମେତ ପବିତ୍ର ବେହେରା, ପ୍ରତ୍ୟୁଷା ଦିକ୍ଷିତ, ରାଜଶ୍ରୀ ପ୍ରଧାନ, ମନିଷା ପ୍ରିୟଦର୍ଶିନୀ ମୋନାଲିସା ବେହେରା, ମାନସ ରଂଜନ ନାଥ, ବିଜୟ ଜେନା, ଭାସ୍କର ଦାସ ପ୍ରମୁଖ ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ଉପ ଜିଲ୍ଲାପାଳ ଶ୍ରୀ ନାୟକଙ୍କୁ ଭେଟି ଶୁଭେଚ୍ଛା ଜ୍ଞାପନ କରିବା ସହ ନିଜ ନିଜ ଅଂଚଳର ରାଜସ୍ୱ ସମ୍ବନ୍ଧୀୟ ଆଲୋଚନା କରିଥିବା ଜଣାପଡିଛି ।

# ପଞ୍ଚାୟତ ଉନ୍ନୟନ ସୂଚକାଙ୍କ ଓ ଜାତୀୟ ପୁରସ୍କାର ସମ୍ବନ୍ଧୀୟ ତାଲିମ

**କେନ୍ଦ୍ରାପଡା, ୧୬।୧ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ପଂଚାୟତ ଉନ୍ନୟନ ସୂଚକାଙ୍କ ଓ ପଂଚାୟତ ପୁରସ୍କାର ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମ ରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ର ପରାମର୍ଶ ଦାତା ମନୋଜ କୁମାର ସ୍ୱାଇଁ, ସୁକନ୍ୟା ସ୍ୱାଇଁ, ମନମୋହନୀ ମହାନ୍ତି, ଅବଦୁଲ ଖାନ ପ୍ରମୁଖ ଏହି ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିଲେ। ୨୦୨୪ -୨୫




ଆର୍ଥିକ ବର୍ଷରେ ପଂଚାୟତ ଉନ୍ନୟନ ସୂଚକାଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ତଥା ଜାତୀୟ ପଂଚାୟତ ପୁରସ୍କାର ପାଇଁ ଆବଶ୍ୟକୀୟ ସୂଚନା ଓ ଆବେଦନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରା ଯାଇଥିଲା ।

କାର୍ଯ୍ୟକ୍ରମରେ ଜୀବିକା ମିଶନ ଶକ୍ତି, ଗ୍ରାମ ପଂଚାୟତ ଅଧିକାରୀ, ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, କମ୍ପ୍ୟୁଟର ପୋଗ୍ରାମର, ଏମଆଇ ପ୍ରମୁଖ ତାଲିମ ଗ୍ରହଣ କରିଥିଲେ ।

# ବାଙ୍କିଛନ୍ଦାର ସ୍ଥିତି ବିଗାଡ଼ିଲାଣି ମଦ ଓ ଜୁଆ

**ନଦୀ ପଠା ଓ ବିଲରେ ଭଙ୍ଗା ମଦ ବୋତଲ**
**ପ୍ରତିଦିନ ମାରପିଟ୍ ଗଣ୍ଡଗୋଳ**

**ମହାକାଳପଡ଼ା, ୧୬।୧ (ସଂଚାର ବ୍ୟୁରୋ) :** କି ଦିନ କି ରାତି ଗାଁ ରେ ଏବେ ଚୋରା ମଦ ବ୍ୟବସାୟ ବଢ଼ିଛି। ସରକାରୀ ମଦ କାଉଣ୍ଟରର ଭଳି ଭିଡ଼ ଏବେ ଗାଁ ରେ ଲାଗିଛି। ଭଳିକି ଭଳି କମ୍ପାନୀର ମଦ ଅତି ଚତୁରତାର ସହିତ କିଏ ବାଡିପଟେ ଗୁପ୍ତ ସୁଡ଼ଙ୍ଗରେ ରଖିଛି ତ ଆଉ କିଏ ବିଲ ମଝିରେ। ଦିନରେ ଘରଠାରୁ ଦୂରରେ ରଖୁଛନ୍ତି, ରାତି ହେଲେ ଘର ପାଖକୁ ଆଣୁଛନ୍ତି। ଗରାଖ ପହଞ୍ଚି ମଦର ନାମ କହିଲା ମାତ୍ରେ ହାତରେ ଧରା ହେଉଛି ମଦ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଦେଉଳପଡା ପଞ୍ଚାୟତ ଅମିରାବାଦ (ବାଙ୍କିଛନ୍ଦା) ଗ୍ରାମରେ ଏମିତି ଚୋରା ମଦ ବ୍ୟବସାୟ ବ୍ୟାପିଗଲାଣି। ଗ୍ରାମର ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ଏହି ମଦ ବ୍ୟବସାୟ ଚଳାଇଛନ୍ତି। ମଦ ପିଇବାକୁ ଆସୁଥିବା ବ୍ୟକ୍ତି ମଦ ପିଇ ସେହି ଗ୍ରାମରେ ଜୁଆ ଖେଳୁଛନ୍ତି। ଯାହାକୁ କେନ୍ଦ୍ର କରି ଗାଁ ଗାଁ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ମଧ୍ୟ ଦେଖିବାକୁ ମିଳୁଛି।

ଗାଁ ର ପରିବେଶ କେବଳ ନଷ୍ଟ ହେଉଛି ତାହା ନୁହେଁ ଆଗାମୀ ଭବିଷ୍ୟତ କୁହାଯାଉଥିବା କୁନି କୁନି ପିଲାମାନଙ୍କ ଉପରେ ମଧ୍ୟ ଏହା କୁପ୍ରଭାବ ପକାଉଛି। ହେଲେ ମଦରୁ ମିଳୁଥିବା ମୁନାଫା ପାଇଁ ଅସାଧୁ ବ୍ୟକ୍ତି ମାନଙ୍କୁ ଏଥିପାଇଁ କୌଣସି ପ୍ରଭାବ ପଡୁନି। ଲିଖିତ ଦାମ୍ ଠାରୁ କୋଡ଼ିଏ ତିରିଶ ଅଧିକ ଦାମ୍‌ରେ ବିକୁଛନ୍ତି। କେତେଜଣ ଦଲାଲ୍ ବାଇକ୍ ଯୋଗେ ସରକାରୀ ମଦ କାଉଣ୍ଟରରୁ ଅଖାରେ ବାନ୍ଧି ଦିନ ଦ୍ୱିପ୍ରହରରେ ପୋଲିସ ଆଖିରେ ଧୂଳି ଦେଇ ଖୁଲମଖୁଲା ଘର ପାଖରେ ମଦ ପହଞ୍ଚାଇ ମୋଟା ଅଙ୍କର ମୁନାଫା କମାଉଛନ୍ତି।

ଏନେଇ ସଂଚାରରେ ଖବର ପ୍ରକାଶ ପାଇଥିଲା ଓ ପରେ ମହାକାଳପଡା ପୋଲିସ ଏଦିଗରେ ଚଢ଼ାଉ ମଧ୍ୟ କରିଥିଲା। ହେଲେ କୌଣସି ଟେର୍ ନପାଇ ଖାଲି ହାତରେ ଫେରିଥିଲା। ସେହିଦିନଠାରୁ ମଦ ବ୍ୟବସାୟ ଠାରୁ ଜୁଆ ଖେଳ କିଛିଦିନ ପାଇଁ ଠପ୍ ପଡିଥିଲା। ହେଲେ ଏବେ ପୁଣି ପୂର୍ବଭଳି ଚାଲିଲାଣି। ଭଙ୍ଗା ବୋତଲ ନଦୀ ତୁଠସାରା ପଡୁଛି। ନଦୀକୁ ଯିବାକୁ ଲୋକେ ଭୟ କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଅସାମାଜିକ ଲୋକମାନଙ୍କ ପାଇଁ ପରିବାର ପରିବାର ଭିତରେ ଓ ଗାଁ ଗାଁ ଭିତରେ ଏବେ କଳହ ବଢୁଛି।

# ମିଲେନିୟମ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ଓ ବିଜ୍ଞାନ ମେଳା



**ରାଜକନିକା, ୧୬।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକର ଅଗ୍ରଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଭାବେ ଜଣାଶୁଣା ମିଲେନିୟମ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ଓ ବିଜ୍ଞାନ ମେଳା ଶିଶୁଆ ଠାରେ ଥିବା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ର ଅଧ୍ୟକ୍ଷ ପଙ୍କଜ କୁମାର ଦାସଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନା ରାଣୀ ନାୟକ, ସ୍କୁଲ ର ଉପାଧ୍ୟକ୍ଷ ସୁଷମା ଦାଶ, ସାମ୍ବାଦିକ ଅଜିତ କୁମାର ବେହୁରିଆ ଓ ଅଜୟ କୁମାର ରାଉତ ପ୍ରମୁଖ ଯୋଗଦେଇ କୁନି କୁନି ପିଲା ମାନଙ୍କ ବିଜ୍ଞାନ ପ୍ରକଳ୍ପ କୁ ବୁଲି ଦେଖିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ସୁକାନ୍ତ କର ସ୍ୱାଗତ ଭାଷଣ ରଖିଥିବା ବେଳେ ଶିକ୍ଷୟିତ୍ରୀ ଆଲ୍ପନା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀ ରେ ୧୨୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇ ୪୪ ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦେହୁରୀ ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# କ୍ରେଡିଟ କୋ-ଅପରେଟିଭ ସଭାପତିଙ୍କ ନାମରେ ଏତଲା

**୮୦ ହଜାର ଟଙ୍କା ନେଇ ଫେରାଉନଥିବା ଅଭିଯୋଗ**

**କେନ୍ଦ୍ରାପଡ଼ା, ୧୬।୧ (ସଂଚାର ବ୍ୟୁରୋ):** ୮୦ ହଜାର ଟଙ୍କା ନେଇଛନ୍ତି ଟଙ୍କା ମାଗିଲେ ଦେଉନାହାନ୍ତି । ହିସାବ ମାଗିଲେ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କ ନାମରେ ସେହି ସୋସାଇଟିର ନିର୍ଦ୍ଦେଶକ ସେକ ରିୟାସତ ଟାଉନ ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ଟାଉନ ଥାନା ଅନ୍ତର୍ଗତ ଇଦଘାମହଲାର ସେକ ରିୟାସତ ତାଙ୍କ ଏତଲାରେ ଦର୍ଶାଇଛନ୍ତି ଯେ ସେ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଲି଼.ର ନିର୍ଦ୍ଦେଶକ ଅଛନ୍ତି । ଗତ ୭ତାରିଖରେ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଲି଼. (କେସିସି)ର ମୁଖ୍ୟ ଶାଖାରେ ଅନୁଷ୍ଠିତ ଏକ ବୈଠକରେ ସେ ଯୋଗଦେବା ଅବସରରେ ସୋସାଇଟି ସଭାପତି ପ୍ରମୋଦ ସାହୁଙ୍କୁ ସମିତିର ଆୟବ୍ୟୟର ହିସାବ ମାଗିଥିଲେ । ଏତିକିରେ ସଭାପତି ଶ୍ରୀ ସାହୁ ରାଗିଯାଇ ତାଙ୍କୁ ପାଟି ବନ୍ଦ ରଖିବାକୁ ଧମକ ଦେଇ କହିଲେ ଯଦି ହିସାବ ମାଗୁ ତୋତେ ଗାଡି ଚଢ଼ାଇ ଜୀବନରୁ ମାରିଦେବି । ତୁ କିଏବେ, ମୁଁ ତତେ ହିସାବ ଦେବି ବୋଲି ତାଙ୍କୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏଥିସହିତ ବର୍ଷେତଳେ ତାଙ୍କ ପୁଅକୁ ସମିତିରେ ଚାକିରୀ କରାଇଦେବାକୁ କହି ତାଙ୍କ ଠାରୁ ୮୦ହଜାର ଟଙ୍କା ସଭାପତି ଶ୍ରୀ ସାହୁ ନେଇଥିବା ବେଳେ ସେ ଅର୍ଥ ଆଉ ଫେରାଉ ନାହାନ୍ତି କି ତାଙ୍କ ପୁଅକୁ ଚାକିରୀ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ଏଠାରେ ସୂଚନା ଯୋଗ୍ୟ ଯେ ସମିତି ସଭାପତି ଶ୍ରୀ ସାହୁ ଗତ ୨୦୧୯ମସିହାରେ ଏହି ସମିତିର ଜନୈକ କର୍ମଚାରୀ(ଝିଅ) ସହିତ ଅସଦ ବ୍ୟବହାର କରିଥିବା ନେଇ ସଂପୃକ୍ତ କର୍ମଚାରୀ କେନ୍ଦ୍ରାପଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସଭାପତି ଶ୍ରୀ ସାହୁ ଜେଲରେ ପ୍ରାୟ ୮ମାସ ଧରି ରହିବା ପରେ ଜାମିନିରେ ମୁକୁଳିଥିଲେ ।

# ଅଗ୍ନିବିପନ୍ନ ପରିବାରକୁ ସହାୟତାର ହାତ ବଢ଼ାଇଲେ ତେଜେଶ୍ୱର



**ଗରଦପୁର, ୧୬।୧ (ସଂଚାର ବ୍ୟୁରୋ):** ଗରଦପୁର ତହସିଲ ଅଧିନ ଧାନମଣ୍ଡଳ ଗ୍ରାମର ରାମ ଜେନା ଙ୍କ ତିନି ବଖରା ବାସଗୃହ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇଯାଇଛି । ଏହି ଖବର ପାଇ ପାଟକୁରା ବିଜେପି ନେତା ତଥା ରାଜ୍ୟ ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡା ସହୟତାର ହାତ ବଢାଇଛନ୍ତି । ଗୁରୁବାର ତେଜେଶ୍ୱର ଙ୍କ ଏକ ପ୍ରତିନିଧି ମଣ୍ଡଳ ବଙ୍ଗାଳପୁର ପଞ୍ଚାୟତ ସରପଞ୍ଚ ଅମୀୟ କୁମାର ଜେନା, ନୟନବଲ୍ଲଭ ନାୟକ,ପୂର୍ବତନ ସମିତି ସଭ୍ୟ ନିଖିଲ ମହାନ୍ତି, ରଶ୍ମିରଞ୍ଜନ ସ୍ୱାଇ, ମୃତ୍ୟୁଞ୍ଜୟ ସ୍ୱାଇ,ସଞ୍ଜୟ ପରିଡା, ରଞ୍ଜିତ ପରିଡା, ପବିତ୍ର ଜେନା,ପଞ୍ଚାନନ ପଲେଇ, ବିଜ୍ଞାନରତ୍ନ ସୂତାର, ଭାସ୍କର ମହାପାତ୍ର, ସଞ୍ଜୀବ ସ୍ୱାଇ ଧିରେନ ମହାନ୍ତି,ଶାନ୍ତିଲତା ପଟ୍ଟନାୟକ,ପ୍ରଭାକର ସ୍ୱାଇ ପ୍ରମୁଖ ପୀଡିତ ଙ୍କ ନିକଟରେ ପହଞ୍ଚି ଖାଦ୍ୟ ଓ ରାସନ ସାମଗ୍ରୀ ସହିତ ଆର୍ଥିକ ସହୟତା ପ୍ରଦାନ କରି ସମବେଦନା ଜଣାଇଛନ୍ତି ।

**୪୩ତମ ରାଜ୍ୟସ୍ତରୀୟ ଚଂଚଳା ଟ୍ରଫି**

# କଟକକୁ ହରାଇ ସେମିରେ ଭୁବନେଶ୍ୱର

**ରାଜନଗର, ୧୬।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକର ବଡପଲ୍ଲୀ ଚଂଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଂଚଳା ଟ୍ରଫିର ୪ର୍ଥ କ୍ୱାର୍ଟରରେ ଜୁଭେନାଲ କ୍ରିକେଟ ଟିମ କଟକକୁ ୪ ରନରେ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଭୁବନେଶ୍ୱର ୪ର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୧୭୬ ରନ କରିଥିଲେ। ଦଳର ଶ୍ରେୟାସୁ ପଟନାୟକ ୨୬ ବଲରୁ ୨ଟି ଚଉକା ଓ ୨ଟି ଛକା ସହାୟତାରେ ୩୬ ରନ କରିଥିଲେ। ରୋନକ ବାନ୍ନ ୨୮ ବଲରୁ ୪ଟି ଛକା ଓ ୨ଟି ଚଉକା ସହାୟତାରେ ୪୩ ରନ କରିଥିଲେ। ୧୭୭ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆ କୁ ଓହ୍ଲାଇ ଥିବା ଜୁଭେନାଲ କ୍ରିକେଟ ଟିମ କଟକ ୨୨ ଓଭରରେ ୯ ଉଇକେଟ ହରାଇ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ରାମଚନ୍ଦ୍ର ବେହେରା ୩୧ବଲରୁ ୨ଟି ଚଉକା ଓ ୨ଟି ଛକା ସହାୟତାରେ ୩୩ ରନ, ସୋହେଲ ଖାନ ୪୧ ବଲରୁ ୫ଟି ଚଉକା ଓ ୩ଟି ଛକା ସହାୟତାରେ ୫୮ ରନ କରିଥିଲେ। ମୁକ୍ତେଶ୍ୱର ଟିମର ବୋଲର ବିପୁଲ ୪ ଓଭର ବୋଲିଂ କରି ୨୪ ରନ ଦେଇ ୫ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଅଧ୍ୟାପିକା ଭଗବତୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ବଳ, ପୂର୍ବତନ ସରପଂଚ ଗଗନ ପ୍ରଧାନ ଯୋଗଦେଇ



ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସନ୍ତା କାଲି ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଖେଳରେ ସ୍କୋରର ଭାବେ ତାପସ କୁମାର ରଥ, ଉମେଶ ବଳ, ଭାଷ୍ୟକାର ଭାବେ ବିଜୟ କୁମାର ବଳ, ଶଶଧର ରାଉତ ତୁଲାଇଥିବା ବେଳେ ପଲିଶ୍ରୀ ଯୁବକ ସଙ୍ଘର ତପନ କୁମାର ପରିଡା, ଅଭିମନ୍ୟୁ ପ୍ରତିହାରୀ ଖେଳ ପରିଚାଳନା କରିଥିଲେ।



# ବିଜେଡିର ମହାମିଶ୍ରଣ ପର୍ବ

**● ସରପଞ୍ଚଙ୍କ ନେତୃତ୍ୱରେ ତିନି ଶହ କର୍ମୀ ସାମିଲ**

**ରାଜନଗର, ୧୬।୧ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀର କୁରୁଣ୍ଟି ପଂଚାୟତର ସରପଞ୍ଚ, ନାଏବ ସରପଞ୍ଚ ଙ୍କ ସହିତ ୩ଶହ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକ ପ୍ରିୟତା ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ତିନି ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ରାଜନଗରସ୍ଥିତ କେସି ମଣ୍ଡପରେ କୁରୁଣ୍ଟି ପଂଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରାଜନଗର ବିଧାୟକ ଶ୍ରୀସାହୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରିବା ସହ ଏହି ମିଶ୍ରଣ କୁରୁଣ୍ଟି ପଂଚାୟତରେ ଦଳକୁ ମଜବୁତ କରିବ ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ବାସନ୍ତୀ ଜେନା, ବରିଷ୍ଠ ନେତା ବିଜୟ ନାୟକପ୍ରମୁଖ ଯୋଗ ଦେଇ ନୂତନ ସଦସ୍ୟଙ୍କୁ ଦଳକୁ ସ୍ୱାଗତ କରିଥିଲେ।

# ବହୁ ପୁରାତନ ପୂଜା କମିଟିର ପ୍ରାରମ୍ଭିକ ସଭା

**ଗରଦପୁର, ୧୬।୧ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ପାଖଡ଼ ପଞ୍ଚାୟତ ଚାଉଳିଆ ବାମରା ଗ୍ରାମର ମା ବାସନ୍ତୀ ଦୁର୍ଗା ଙ୍କ ପୂଜା ୩୬ ବର୍ଷ ରେ ପଦାର୍ପଣ କରିଥିବା ବେଳେ ଅନୁଷ୍ଠାନରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ପୂଜା ଉତ୍ସବ ପାଇଁ ପ୍ରାରମ୍ଭିକ ସଭା ମକର ସଂକ୍ରାନ୍ତି ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଅଛି ।

ସଭା ଆରମ୍ଭ ରେ ସଭା ପରିଚାଳନା ପାଇଁ ସଭାପତି ଚୟନ କରାଯିବା ପରେ, ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀ ମାନଙ୍କ ପକ୍ଷରୁ ଗତ ଏକ ବର୍ଷ ମଧ୍ୟରେ ଇହଧାମ ତ୍ୟାଗ କରିଥିବା ଗ୍ରାମର ସେହି ଦିବ୍ୟାତ୍ମା ମାନଙ୍କର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା। ଏହା ପରେ ମା ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠାନ ଗଠନ ସମୟର ପୁରୋଧା କୁହାଯାଉଥିବା ସ୍ୱର୍ଗତ ମନମୋହନ ସ୍ୱାଇଁ ଙ୍କ ବିଷୟରେ ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ବକ୍ତବ୍ୟ ରଖାଯିବା ସହ ପୂର୍ବ ବର୍ଷର ସଭାପତି, ସମ୍ପାଦକ ମାନଙ୍କ ପରିଚାଳନା କିଭଳି ଥିଲା ଏବଂ ଏଥିସହ କମିଟି ର ଆୟ ବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ଡାକଓ୍ୱାଜି ଯନ୍ତ୍ର ଦ୍ୱାରା ଉପସ୍ଥାପନ କରାଯାଇଥିଲା । ଶେଷରେ ୩୬ ବର୍ଷ ରେ ପଦାର୍ପଣ କରିଥିବା ଏହି ବହୁ ପୁରାତନ ପୂଜା କମିଟି କୁ ଚଳିତ ବର୍ଷ ସୁରୁଖୁରୁରେ ଆଗେଇ ନେବା ପାଇଁ ପୂଜା କମିଟି ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଅଛି । ଯେଉଁଥିରେ ସଂଗ୍ରାମ ମନ୍ତ୍ରୀ ଙ୍କୁ ସଭାପତି, ବାସୁଦେବ ପୃଷ୍ଟି ଉପ ସଭାପତି , ସୁପ୍ରିତ ମଙ୍ଗରାଜ କାର୍ଯ୍ୟକାରୀ ସଭାପତି ଶାରଦା ପ୍ରସନ୍ନ ସ୍ୱାଇଁଙ୍କୁ ସମ୍ପାଦକ ,ଚିନ୍ମୟ ବେଉରା ସହ ସମ୍ପାଦକ, ଗୋଲଖ ଓଝା କାର୍ଯ୍ୟକାରୀ ସମ୍ପାଦକ ବିଜୟ କୁମାର ସ୍ୱାଇଁ ଙ୍କୁ କୋଷାଧକ୍ଷ ସଂଗ୍ରାମ ପୃଷ୍ଟି ସହ କୋଷାଧକ୍ଷ ଏବଂ ପୂଜା ଅନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ପାଇଁ ସମ୍ପାଦକ କମଳାକାନ୍ତ ମଙ୍ଗରାଜ ଓ ବିଭୂତି ଭୂଷଣ ବେଉରା ଙ୍କୁ ଚୟନ କରାଯାଥିବା ବେଳେ ପୂଜା କମିଟିର ଉପଦେଷ୍ଟା ବୃନ୍ଦ ମାନଙ୍କ ମଧ୍ୟରେ ରହିଛନ୍ତି ବିରଜା ପ୍ରସନ୍ନ ବେଉରା ମୁଖ୍ୟ , ଶଶିକାନ୍ତ ଦଳାଇ , ଗଙ୍ଗାଧର ପୃଷ୍ଟି , ନିୟତି ପରିତୋଷାନନ୍ଦ ମହାପାତ୍ର , ଡମ୍ବରୁଧର ସ୍ୱାଇଁ , ସୁଶୀଲ ଚୌଧୁରୀ , କୈଳାସ ଚନ୍ଦ୍ର ସାହୁ ।

ଚଳିତ ବର୍ଷ ଚାଉଳିଆ ବାମରା ମା ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠାନ ପକ୍ଷରୁ ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ କୁ ଯାତ୍ରା ପରିବେଷଣ ପାଇଁ ସ୍ତରୀକୃତ କରାଯଇଥିବା ବେଳେ ଯାତ୍ରା କମିଟି ପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ଭାବେ ଅବନୀ କାନ୍ତ ମହାପାତ୍ର ଙ୍କୁ ସଭାପତି, ସୌଭାଗ୍ୟ ସ୍ୱାଇଁ ଙ୍କୁ ଉପସଭାପତି, ଧୁଣାସନ ମଳିକ ସହ ସଭାପତି, ସୌମେନ୍ଦ୍ର ଦଳାଇ ଙ୍କୁ ସମ୍ପାଦକ, ମର୍କତ କେଶରୀ ପୃଷ୍ଟି ଓ ଶାରଦା ପ୍ରସନ୍ନ ସାହୁ ଙ୍କୁ ସହ ସମ୍ପାଦକ, ଆକାଶ ବର୍ମନ ସ୍ୱାଇଁ ଙ୍କୁ କୋଷାଧକ୍ଷ ଏବଂ ଉଭୟ ପୂଜା କମିଟି ଓ ଯାତ୍ରା କମିଟି ର ସଂଯୋଜକ ଭାବେ ସୁରେନ୍ଦ୍ର ନାଥ ସାହୁଙ୍କୁ ଚୟନ କରାଯାଇଅଛି ।

● ଜାତିଭିତ୍ତିକ ଜନଗଣନା ନେଇ ବିଜେଡି-ବିଜେପି ଆରୋପ ପ୍ରତିଆରୋପ

# ଓବିସିଙ୍କୁ ସଂରକ୍ଷଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ବିଶ୍ୱାଳ




ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ): ରାଜ୍ୟର ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାରର ସଂରକ୍ଷଣ ପାଇଁ ଓଡ଼ିଶା ଗସ୍ତରେ ପଛୁଆ ବର୍ଗ ମଙ୍ଗଳ ପାଇଁ ଗଠିତ ସଂସଦୀୟ କମିଟିର ସଦସ୍ୟମାନେ ଆସିଥିବା ବେଳେ ଜାତିଭିତ୍ତିକ ଜନଗଣନା ନେଇ ବିଜେପି ଓ ବିଜେଡି ମଧ୍ୟରେ ଆରୋପ ପ୍ରତିଆରୋପ ହୋଇଛି। ଉଭୟ ଦଳର ପ୍ରତିନିଧି ଓବିସି ମୋର୍ଚ୍ଚା ପ୍ରତିନିଧି ଦଳକୁ ଭେଟିଛନ୍ତି। ଗୋଟିଏ ପଟେ ବିଜେଡି ପକ୍ଷରୁ ଓଡ଼ିଶାର ଏସ୍‌ଇବିସିଙ୍କୁ ଜାତୀୟ ଓବିସି ତାଲିକାରେ ସାମିଲ୍ କରିବା ସକାଶେ ଦାବି କରାଯାଇଥିବା ବେଳେ ବିଜେପି ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରିବା ସହ ବିଜେଡି ଦାବିର କୌଣସି ଯଥାର୍ଥତା ନ ଥିବା କହିଛି। ସଂସଦୀୟ କମିଟି ଅଧ୍ୟକ୍ଷ ତଥା ସାଂସଦ ଗଣେଷ ସିଂହଙ୍କ ସହ ଆଲୋଚନା ପରେ ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ରାଜ୍ୟର ଓବିସି ବର୍ଗଙ୍କ ସମସ୍ୟା ସମ୍ପର୍କରେ କମିଟି ସହ ବିସ୍ତୃତ ଆଲୋଚନା କରାଯାଇଛି ବୋଲି କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ମଣ୍ଡଳ କମିଶନ ସୁପାରିସର ଦୀର୍ଘ ବର୍ଷ ପରେ ବି ପଛୁଆ ବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ଅଛନ୍ତି। ବିଶେଷ ଭାବେ ୨୪ ବର୍ଷ ବିଜେଡି ସରକାରରେ ଓବିସି ବର୍ଗ ସବୁଠୁ ଅଧିକ ପ୍ରତାରିତ ହୋଇଛନ୍ତି। ପଞ୍ଚାୟତ ଓ ପୌର ନିର୍ବାଚନରେ ସଂରକ୍ଷଣକୁ ବିଜେଡି ସରକାର ଉଚ୍ଛେଦ କରିଥିଲା। ମିଛ ସର୍ଭେ କରି ଲୋକଙ୍କୁ କେବଳ ଭୁଆଁ ବୁଲାଇବା ରାଜନୀତି କରିଥିଲା ବିଜେଡି ସରକାର। ବହୁ ଆକାଂକ୍ଷୀ ବିଶ୍ୱକର୍ମା ଯୋଜନାର କାର୍ଯ୍ୟକାରିତାରେ ନିର୍ବାଚିତ ସରପଞ୍ଚଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଅଧିକାଂଶ ସରପଞ୍ଚ ବିଜେଡି ସମର୍ଥିତ ହୋଇଥିବା କାରଣରୁ ଲକ୍ଷ ଲକ୍ଷ ହିତାଧିକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମସ୍ତ ପ୍ରସଙ୍ଗରେ କମିଟି ସହ ଆଲୋଚନା କରାଯାଇଛି। ଅନ୍ୟ ପକ୍ଷରେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ଓବିସି ବର୍ଗଙ୍କ ପାଇଁ କିଛି କରିନଥିବାରୁ ବିଜେଡି ଦାବିର କୌଣସି ଯଥାର୍ଥତା ନାହିଁ। ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

# ତୃଣମୂଳ ସ୍ତର ପର୍ଯ୍ୟନ୍ତ ଯୋଜନାର ସଫଳ ରୂପାୟନ ଜରୁରୀ: ମନ୍ତ୍ରୀ

## ଡିଡିୟୁ-ଜିକେୱାଇ-୨.୦ର ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଉଦ୍‌ଘାଟିତ




ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳର ଯୁବବର୍ଗଙ୍କୁ ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରି ସେମାନଙ୍କୁ ରୋଜଗାରକ୍ଷମ କରାଇବା ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ ସାମଗ୍ରିକ ପ୍ରୟାସ କରାଯାଉଛି। ଏହି କ୍ରମରେ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ୍ ଯୋଜନା ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ-ଜିକେୱାଇ)-୨.୦ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏଠାରେ ଆଜି ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଉଦ୍‌ଘାଟିତ ହୋଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସର ମିଳିତ ଉଦ୍ୟମରେ ଆୟୋଜିତ ଦୀନ୍ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ-ଜିକେୱାଇ)-୨.୦ କାର୍ଯ୍ୟକାରୀ ସମ୍ବନ୍ଧୀୟ ଏହି କର୍ମଶାଳା ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କର୍ମଶାଳାରେ ଯୋଗ ଦେଇଥିବା ୧୧ଟି ରାଜ୍ୟର ଅଧିକାରୀ ଓ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ଗ୍ରାମୀଣ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ବିଷୟରେ ଦିଗଦର୍ଶନ ପ୍ରଦାନ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯୋଜନାର ସଫଳତା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ନିଷ୍ଠା ଏବଂ ତତ୍ପରତା ଦେଖାଇବାକୁ ପଡ଼ିବ । ଫଳରେ ପ୍ରକୃତ ହିତାଧିକାରୀ ଏହି ଯୋଜନାର ସଫଳ ପାଇପାରିବେ। ରାଜ୍ୟର ଅଧିକରୁ ଅଧିକ ଯୁବବର୍ଗଙ୍କ ରୋଜଗାରକ୍ଷମ କରିବା ସହ ଗ୍ରାମୀଣ ଓଡ଼ିଶାର ସାମାଜିକ ଏବଂ ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇପାରିବ ବୋଲି ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସଫଳ ରୂପାୟନ ହୋଇପାରିବ। ଏଥିସହ ଆଞ୍ଚଳିକ ଉପାଦାନଭିତ୍ତିକ ଦକ୍ଷତା ବିକାଶ ଓ ଆତ୍ମନିଯୁକ୍ତି ସହ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଯୋଜନାର ସଫଳ ରୂପାୟନ ଜରୁରୀ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି। କର୍ମଶାଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟର ଯୁଗ୍ମ ସଚିବ ପଙ୍କଜ ଯାଦବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ଯୋଗ ସଚିବ ଗିରୀଶ ଏସ୍. ଏନ୍, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସନ୍ତୋଷ କୁମାର ତିୱାରୀ, ଓରମାସ୍ ଅତିରିକ୍ତ ସିଇଓ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ, ସଫଳ ରୂପାୟନ ଓ ସମସ୍ୟା ଆଦିର ସମାଧାନ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଓରମାସର ସିଇଓ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ରଖିଥିଲେ। ଅନ୍ତିମ ପର୍ଯ୍ୟାୟରେ ଓରମାସର ଅତିରିକ୍ତ ସିଇଓ ସୁବାସ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଓ ପରାମର୍ଶଦାତାଙ୍କ ସହ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ସିକିମ, ମିଜୋରାମ, ମଣିପୁର, ନାଗାଲାଣ୍ଡ, ତ୍ରିପୁରାର ଆଦି ଗ୍ରାମୀଣ ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ପରାମର୍ଶଦାତା ଯୋଗଦେଇଥିଲେ। କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ, ଡିଡିୟୁ- ଜିକେୱାଇ (୨.୦)ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ରୂପରେଖ କ'ଣ ରହିବ, କିଭଳି ଭାବେ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରାଯିବ, ପ୍ରତିକୂଳ ପରିସ୍ଥିତି ବା ସମସ୍ୟା ଦେଖାଦେଲେ ସେଗୁଡ଼ିକର କିଭଳି ସମାଧାନ କରାଯିବ, ସେ ଦିଗରେ ସବିଶେଷ ଆଲୋଚନା କରାଯାଇଥିଲା।

➤ ୧୧ ରାଜ୍ୟର ଅଂଶଗ୍ରହଣକାରୀଙ୍କୁ ଦିଗଦର୍ଶନ

➤ ସଫଳ ରୂପାୟନ ପାଇଁ ସରକାର କରୁଛନ୍ତି ବିଶେଷ ପ୍ରୟାସ

## ଟ୍ୱିନ୍ ସିଟି କ୍ରାଇମ୍

# ବାକିଟଙ୍କା ମାଗିବାରୁ ଆକ୍ରମଣ



ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ): ଅଭିଯୋଗକାରିଣୀ ଙ୍କ ଏଜାହାର ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ସ୍ୱାମୀ ଙ୍କର ନୀଳକଣ୍ଠନଗର ରେ ଏକ ଭେରାଇଟି ଷ୍ଟୋର ଅଛି । ଗତ ତା ୨୩ ରିଖ ସକାଳେ ଅଭିଯୋଗକାରିଣୀ ଙ୍କର ପୁଅ ତାଙ୍କର ଭେରାଇଟି ଷ୍ଟୋର ରେ ବସିଥିବା ବେଳେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ଦୋକାନକୁ ଯାଇଥିଲେ ଓ ବାକିରେ ସିଗାରେଟ ନେଇଥିଲେ। ଗତ ତା ୨୩ ରିଖ ସକାଳେ ଅଭିଯୋଗକାରିଣୀ ଙ୍କର ସ୍ୱାମୀ ନିମ୍ନୋକ୍ତ ଅଭିଯୁକ୍ତ ଙ୍କୁ ତାଙ୍କର ବକେୟା ଟଙ୍କା ମାଗିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଗାଳି ଗୁଲଜ କରିବା ସହ ଧମକ ଦେଇ ସେଠାରୁ ଚାଲି ଯାଇଥିଲେ। ଘଟଣା ଦିନ ଅପରାହ୍ନ ରେ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ମାନେ ପୂର୍ବବର୍ତ୍ତୀ ଅଭିଯୋଗକାରିଣୀ ଙ୍କର ଘରକୁ ଯାଇଥିଲେ ଓ ତାଙ୍କର ସ୍ୱାମୀ ଙ୍କୁ ଘରୁ ଟାଣି ଆଣି ଆକ୍ରମଣ କରିଥିଲେ। ଉଭୟେ ସ୍ୱାମୀ ଓ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ମାନେ ପୁନର୍ବାର ସେମାନଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ଏକଜୁଟ ହେବାରୁ ଅଭିଯୁକ୍ତ ମାନେ ଘଟଣା ସ୍ଥଳ ଛାଡି ଚାଲି ଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ କରି ନିମ୍ନୋକ୍ତ ଅଭିଯୁକ୍ତ ଙ୍କୁ ଗିରଫ କରିଥିଲେ । ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ । ଅଭିଯୁକ୍ତର ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ ତାଙ୍କର ନାମରେ ମୈତ୍ରୀ ବିହାର ଥାନା ରେ ୩ଟି ଅପରାଧିକ ମାମଲା ରହିଥିବା ଜଣା ପଡିଛି।

# ଦେଶୀମଦ ବିକ୍ରି ଅଭିଯୋଗରେ ଦୁଇ ଗିରଫ




ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ): ମୈତ୍ରୀବିହାର ଥାନା ପୁଲିସ ବେଆଇନ ଦେଶୀମଦ ବିକ୍ରୟ କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ମୈତ୍ରୀବିହାର ଥାନାଧ୍ୟାକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ସ୍ପେଶାଲ ଟିମ ଶକ୍ତିବିହାର ସାଲିଆସାହି ରେ ଅତର୍କିତ ଚଢ଼ଉ କରିବା ସହିତ ବେଆଇନ ଦେଶୀମଦ ପ୍ରସ୍ତୁତ ତଥା ବିକ୍ରୟ ଅଭିଯୋଗରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ତଲାସି ବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୫୦ ଲିଟର ଦେଶୀମଦ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ଏହି ଦେଶୀମଦ ବିକ୍ରୟ କରିବା ନେଇ କୌଣସି ଅନୁମତି ପତ୍ର ଦେଖାଇ ପାରିନଥିବା ବେଳେ ନିଜର ଅପରାଧ ସ୍ୱୀକାର କରିଥିଲେ।

● ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ

# ଡିଏଭିରେ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ): ଡିଏଭି ପୋଖରୀପୁଟରେ ବଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ଅନାସକ୍ତଭାବ, ଯୁକ୍ତିଯୁକ୍ତତା ଓ ଅନ୍ୟମାନଙ୍କ ପ୍ରଭାବରୁ ମୁକ୍ତ ରହି ସ୍ୱାଧୀନ ବିଚାରଧାରା ଭଳି ବିରଳ ଗୁଣର ଅଭିବୃଦ୍ଧି ନିମନ୍ତେ "ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ'ଶୀର୍ଷକ ଆଲୋଚନା ଚକ୍ର ଏକ ବିଜ୍ଞାନ ଓ ପରିବେଶ ପ୍ରେମୀ ସଂସ୍ଥା ତଥା ଡିଏଭି ପୋଖରୀପୁଟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ଏହି ଅନୁଭବାତ୍ମକ କାର୍ଯ୍ୟକ୍ରମକୁ ଅଭ୍ୟାଗତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ କୁମାର ସାହୁ ସ୍ୱାଗତ ଭାଷଣ ଦେବାସହିତ ବିଜ୍ଞାନର ପ୍ରଗତିରେ ଦେଶର ପ୍ରଗତି ସମ୍ଭବ ବୋଲି ନିଜର ଅଭିମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବିପିଓଟିର ପୂର୍ବତନ କୁଳପତି ପ୍ରଫେସର ଓଁମ୍‌କାର ନାଥ ମହାନ୍ତି ଉପସ୍ଥିତ ରହି ପ୍ରକୃତି ହିଁ ପ୍ରକୃତ ଶିକ୍ଷକ ବୋଲି ଅଭିମତ ଦେବାସହିତ ନିଜର ଦିଗ୍‌ଦର୍ଶନର ରୂପରେଖାକୁ ଉପସ୍ଥାପନ କରିଥିଲେ। ନାଲ୍‌କୋର ପୂର୍ବତନ ଜେନେରାଲ୍ ମ୍ୟାନେଜର ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି ବିଜ୍ଞାନ ଉତ୍ପତ୍ତି ଦିଗ-ଦିଗନ୍ତ ଉପରେ ଆଲୋକପାତ କରିବା ସହିତ ବିଜ୍ଞାନଯୁଗର ଛାତ୍ରଛାତ୍ରୀଙ୍କୁ କେତେକ ସାଧାରଣ ଜ୍ଞାନ ସ୍ମରଣୀୟ କରାଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ



ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ): ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ମାନ୍ୟବର ଜଷ୍ଟିସ୍ ଶତ୍ରୁଘନ ପୁଜାହାରୀ ଓଡ଼ିଶାର ନବନିଯୁକ୍ତ ମାନ୍ୟବର ରାଜ୍ୟପାଳ ଡା. ହରି ବାବୁ କାୟାମପତିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି । ବୁଧବାର ପୂର୍ବାହ୍ଣରେ ଜଷ୍ଟିସ ପୂଜାହାରୀ ମାନ୍ୟବର ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଓଡ଼ିଶା ମାନବାଧିକାର ଆୟୋଗର କାର୍ଯ୍ୟାଧାରା ଏବଂ ତତ୍ସମ୍ବନ୍ଧୀୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ବିଶେଷକରି ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଗ ଏକ ନୂତନ କାର୍ଯ୍ୟକ୍ଷମ ଡାଇନାମିକ ୱେବସାଇଟ୍ ପ୍ରସ୍ତୁତ କରିଛନ୍ତି, ଯେଉଁଠାରେ ଆୟୋଗ ଦ୍ୱାରା ପଞ୍ଜିକୃତ ସମସ୍ତ ମାମଲାର ବିବରଣୀ, ପ୍ରତ୍ୟେକ ମାମଲାର ସ୍ଥିତି, ଆଦେଶ ଇତ୍ୟାଦି ଯେ କୌଣସି ସମୟରେ, ଯେକୌଣସି ସ୍ଥାନରେ ଯେ କେହି ବି ପାଇପାରିବେ । ଆଗାମୀ ଦିନରେ ଆୟୋଗକୁ ଆହୁରି କ୍ରିୟାଶୀଳ କରାଯିବ ବୋଲି ଜଷ୍ଟିସ ଶ୍ରୀ ପୂଜାହାରୀ ଆଶାବ୍ୟକ୍ତ କରିଛନ୍ତି ।

## ମୋଦିଙ୍କ ଜନ୍ମସ୍ଥାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦଘାଟିତ

# 'ପ୍ରେରଣା ସ୍କୁଲ' ଶିକ୍ଷା ଓ ମୂଲ୍ୟବୋଧର ଅନନ୍ୟ କେନ୍ଦ୍ର: ଧର୍ମେନ୍ଦ୍ର



ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ): ଗୁଜରାଟର ବଡ଼ନଗରରେ ଜନ୍ମଗ୍ରହଣ କରିଥିବା ଜଣେ ସାଧାରଣ ପିଲାରୁ ବିଶ୍ୱ ନେତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ ଯାତ୍ରା ଆଗାମୀ ଦିନରେ ଦେଶ ଦୁନିଆର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଧ୍ୟୟନର ବିଷୟ ହେବ। ଗୁରୁବାର ଗୁଜରାଟର ବଡନଗରଠାରେ ଏକ ଅତ୍ୟାଧୁନିକ ପ୍ରତ୍ନତତ୍ତ୍ୱିକ ଅନୁଭୂତି ସଂଗ୍ରହାଳୟ, ପ୍ରେରଣା କମ୍ପ୍ଲେକ୍ସ ଏବଂ ଓ୍ୱାଡନଗର କ୍ରୀଡ଼ା କମ୍ପ୍ଲେକ୍ସକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ସେହିପରି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାର କେନ୍ଦ୍ରସ୍ଥଳ ବଡନଗରର ତପୋଭୂମି ଆଜି ନୂଆ ରୂପ ନେଉଛି। ଐତିହାସିକ ଐତିହ୍ୟର ଏହି ଭୂମିକୁ ଏକବିଂଶ ଶତାବ୍ଦୀରେ ଭାରତର ନେତୃତ୍ୱ ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ସହିତ ଗ୍ଲୋବାଲ ସାଉଥର ସ୍ୱର ହୋଇଛନ୍ତି। ଏହା ହେଉଛି ବଡନଗରର ସଂସ୍କାର। ଏହି ଅଞ୍ଚଳର ବିଚାର, ଯାହାର ଛତ୍ରଛାୟାରେ ସମଗ୍ର ବିଶ୍ୱର ଲୋକମାନେ ଲାଭ ପାଉଛନ୍ତି। ଯେଉଁ ସ୍କୁଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ, ସେହିଠାରେ ଲୋକାର୍ପିତ 'ପ୍ରେରଣା କମ୍ପ୍ଲେକ୍ସ' ଜାତୀୟ ଶିକ୍ଷା ନୀତି ଅନୁଯାୟୀ ପାଠ୍ୟକ୍ରମ ମାଧ୍ୟମରେ ଆମ ପିଲାମାନଙ୍କ ମଧ୍ୟରେ ନେତୃତ୍ୱର ଗୁଣାତ୍ମକ ଏବଂ ମୂଲ୍ୟବୋଧ ବିକାଶ କରିବାର ଏକ ଜରିଆ ହେବ। ଏହି ଆଧୁନିକ ସଂଗ୍ରହାଳୟରେ ବଡନଗର ପ୍ରାଚୀନ ସଂସ୍କୃତି ଏବଂ ଇତିହାସର ଛାପ ରହିଛି। ଏହା ବିଶ୍ୱର ଏକମାତ୍ର ଅତ୍ୟାଧୁନିକ ସଂଗ୍ରହାଳୟ। ବଡନଗର ଆମର ସମୃଦ୍ଧ ଐତିହ୍ୟ। ଆଗାମୀ ଦିନରେ ଏହି ଭୂମି ଆମର ଯୁବପିଢ଼ିଙ୍କୁ ଗର୍ବିତ କରିବା ସହିତ ଏକ ବିକଶିତ ଭାରତ ନିର୍ମାଣ ପାଇଁ ପ୍ରେରଣା ଯୋଗାଇବ। ଏହି ସମାରୋହରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ମନ୍ତ୍ରୀ କହିଛନ୍ତି ଯେ ଆଜି ସମଗ୍ର ବିଶ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଦାନୁସରଣ କରୁଛି। ଆଜିର କାର୍ଯ୍ୟକ୍ରମ ମୋଦୀଙ୍କ ଜନ୍ମସ୍ଥାନରେ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ବଡନଗରକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଶ ଓ ବିଶ୍ୱର ମାନଚିତ୍ରରେ ସ୍ଥାନିତ କରିବାକୁ ଯାଉଛି। ବଡନଗର ହେଉଛି ବିଶ୍ୱର ଅନ୍ୟତମ ପୁରାତନ ସହର। ଏହା ପ୍ରତ୍ୟେକ ଯୁଗର ସଂସ୍କୃତି ଏବଂ ମୂଲ୍ୟବୋଧକୁ ପ୍ରଭାବିତ କରିଛି ବୋଲି ଶ୍ରୀ ଶାହ କହିଛନ୍ତି।

# ସୋଫିଆଙ୍କ ଅଭିଯୋଗ, ମନମାନୀ କରୁଛନ୍ତି ଅଧିକାରୀ



କଟକ,୧୬।୧ (ସଂଚାର ବ୍ୟୁରୋ): ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ କାର୍ଯ୍ୟାଳୟରେ ଚାଲିଛି ଅଫିସର ରାଜ । ହାଇକୋର୍ଟଙ୍କ ଅର୍ଡର ପରେ ବି ପୂର୍ବତନ କର୍ମଚାରୀଙ୍କୁ ଦିଆଯାଉନି ପେନସନ୍। ଏପରି ଅଭିଯୋଗ କରିଛନ୍ତି କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ । ପେନସନ ବନ୍ଦ ବିରୋଧରେ ଧାରଣାରେ ବସିଥିବା ପୂର୍ବତନ କର୍ମଚାରୀଙ୍କ ସହ ଆଲୋଚନା ପରେ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶିକା ରଜନି ଜାନୀ କାର୍ଯ୍ୟରେ ଅବହେଳା ମନମାନି କରୁଥିବା ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ସୋଫିଆ। କଟକ ଯୋବ୍ରାସ୍ଥିତ ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାର କର୍ମଚାରୀମାନେ ପେନସନ ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାଙ୍କୁ ପ୍ରଦାନ କରାଯାଉନାହିଁ । ଦୁର୍ନୀତିମୂଳକ କାର୍ଯ୍ୟ, ପେନସନ ବନ୍ଦ ଓ ଜିପିଏଫ ବନ୍ଦକୁ ବିରୋଧ କରି ଦୀର୍ଘ ଧାରଣାରେ ବସିଛନ୍ତି। ଏହା ଜାଣିବା ପରେ କଟକ ବିଧାୟିକା ନିଜେ ସଂସ୍ଥାକୁ ଯାଇ ଅତିରିକ୍ତ ନିର୍ଦ୍ଦେଶିକାଙ୍କୁ ଭେଟି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ସମୟରେ ନିର୍ଦ୍ଦେଶିକା ରଜନି ଜାନୀ ସୋଫିଆଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିବା କହିଛନ୍ତି ସୋଫିଆ । ପୂର୍ବତନ କର୍ମଚାରୀଙ୍କ ଅଭିଯୋଗ ଅନୁସାରେ ୪୦ ବର୍ଷ ଧରି ଉକ୍ତ ସଂସ୍ଥାରେ କାର୍ଯ୍ୟ କରିଥିବା କର୍ମଚାରୀମାନେ ଅବସର ପରେ ପାଉଥିବା ପେନସନକୁ ୨୦୨୩ ଅଗଷ୍ଟ ମାସରୁ ଉଦ୍ଦେଶ୍ୟମୂଳକ ଭାବେ ବନ୍ଦ କରାଯାଇଛି । ଏପରିକି ଚାକିରି କରିଥିବା କର୍ମଚାରୀମାନଙ୍କ ଜିପିଏଫ୍ ପରିବର୍ତ୍ତେ ଏନ୍‌ପିଏସ୍ ଲାଗୁ କରିବା, ଦରମା କାଟ କରିବା, କାର୍ଯ୍ୟାଳୟର ଲାମିନେସନ ମେସିନ୍ କ୍ରୟରେ ବ୍ୟାପକ ଦୁର୍ନୀତି ହେବା ଏବଂ ମେସିନ କିଣାଯିବା ପରେ ମଧ୍ୟ ଏହାର ବ୍ୟବହାର କରାଯାଉନଥିବା ଅଭିଯୋଗ ହୋଇଛି ।

# ଶିଳ୍ପ ମନ୍ତ୍ରୀ-ହିମାଚଳ ମନ୍ତ୍ରୀ ସାକ୍ଷାତାଲୋଚନା



ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ): ସମ୍ପ୍ରତି ଓଡ଼ିଶା ଗସ୍ତରେ ଆସିଥିବା ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ମନ୍ତ୍ରୀ ରାଜେଶ ଧର୍ମାନୀଙ୍କୁ ଆଜି ଅପରାହ୍ନରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଲୋକସେବା ଭବନସ୍ଥିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀ ସ୍ୱାଇଁ ହିମାଚଳ ମନ୍ତ୍ରୀଙ୍କୁ ଉତ୍ତରୀୟ ଓ କୋଣାର୍କ ଚକ୍ରର ସ୍ମାରକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ଶ୍ରୀ ଧର୍ମାନୀ ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବୈଷୟିକ ଶିକ୍ଷା ବିଭାଗ ପରିଦର୍ଶନ କରିଥିଲେ। ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଟ୍ରେନିଂ ପ୍ଲେସ୍‌ମେଣ୍ଟରେ ଦେଶବିଦେଶରେ ନିଯୁକ୍ତି ପାଇଥିବା ଜାଣି ବେଶ୍ ଖୁସି ହେବା ସହ ଶ୍ରୀ ଧର୍ମାନୀ ଛାତ୍ରଛାତ୍ରୀମାନଙ୍କ ଉନ୍ନତ ଭବିଷ୍ୟତ କାମନା କରିଥିଲେ। ଏହି ଛାତ୍ରଛାତ୍ରୀମାନେ ସେମାନଙ୍କ ସଫଳତା ଆଧାରରେ ରାଜ୍ୟକୁ ରୋଲ୍ ମଡେଲରେ ପରିଣତ କରିବାରେ ସକ୍ଷମ ହେବେ ବୋଲି ଶ୍ରୀ ସ୍ୱାଇଁ ଆଶା ପ୍ରକଟ କରିଥିଲେ। ଏହି ଅବସରରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଧର୍ମାନୀଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ହିମାଚଳ ପ୍ରଦେଶର ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଅକ୍ଷୟ ସୁଦ୍‌ଙ୍କ ସମେତ ବିଭାଗୀୟ କର୍ମକର୍ତ୍ତା ଓ ଅଧିକାରୀ ଉପସ୍ଥିତ ଥିଲେ।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାତୃବିୟୋଗ



ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାତା ଲୋଭାବତୀ ପରିଡ଼ାଙ୍କର ଗତକାଲି ରାତି ପ୍ରାୟ ୯ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ବୟସଜନିତ ବିଭିନ୍ନ ଶାରୀରିକ ସମସ୍ୟା ନେଇ ଚିକିତ୍ସାଧୀନ ଥିଲେ। ପରିଡ଼ା ଜଣେ ଧର୍ମପରାୟଣ ମହିଳା ଥିଲେ। ଏଥିସହ ପାଖାପାଖି ମାସେ ତଳେ ତାଙ୍କର ମସ୍ତିଷ୍କାଘାତ ମଧ୍ୟ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ପ୍ରିୟଜନ ପୁରୀ ଜିଲ୍ଲା ନୂଆହାଟସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଜନ୍ମସ୍ଥାନ ନୂଆହାଟର ନିବାରଣ ଶ୍ମଶାନରେ ଦାହସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ସନ୍ତୋଷ ପରିଡ଼ା ମୁଖାଗ୍ନି ଦେଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକଟ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଖବର ଶୁଣି ସେ ମର୍ମାହତ ଓ ଦୁଃଖୀତ ବୋଲି ମୁଖ୍ୟମନ୍ତ୍ରୀ 'ଏକ୍ସ'ରେ ଏକ ପୋଷ୍ଟ୍‌ରେ କହିଛନ୍ତି। ଏଥିସହ ସେ ଲୋଭାବତୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଭୀର ଶୋକ ପ୍ରକାଶ କରିବା ସହ ଲୋଭାବତୀଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# କଳିଙ୍ଗନଗରରେ ଖଣିଜ ପରିବହନ ସ୍ୱାଭାବିକ

## ପ୍ରଶାସନ ଓ ଟ୍ରକ ମାଲିକ ସଙ୍ଘ ବୈଠକ ସଫଳ



ଭୁବନେଶ୍ୱର, ୧୬।୧(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଖଣିଜ ପଦାର୍ଥ ପରିବହନକୁ ନେଇ ଦେଖାଦେଇଥିବା ବିବାଦର ସମାଧାନ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରେ ସମାଧାନର ବାଟ ବାହାର କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପରାମର୍ଶ ଦେଇଥିଲେ। ଏହି କ୍ରମରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଓ ଟ୍ରକ୍ ମାଲିକ ସଙ୍ଘର ନେତାମାନେ ଯୋଗଦେଇ ବିବାଦର ସମାଧାନ କରିଛନ୍ତି। ବୈଠକରେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ଯାଜପୁରର ଅତିରିକ୍ତ ଏସପି, କାଳିଆପାଣି ଆଇଆଇସି ଓ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ରାଜ୍ୟ ଟ୍ରକ ଫେଡେରେସନର ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀଙ୍କ ସମେତ ଯାଜପୁର, କଳିଙ୍ଗନଗର, ଚଣ୍ଡିଖୋଲର ଟ୍ରକ ମାଲିକ ସଙ୍ଘ ନେତାମାନେ ସାମିଲ ହୋଇଥିଲେ। ବିବାଦର ସମାଧାନ ପାଇଁ ସବୁ ପକ୍ଷଙ୍କ ମତାମତ ଆଧାରରେ ସମାଧାନର ବାଟ ବାହାରିଛି। ବାକି କିଛି ଦାବି ଉପରେ ପଦକ୍ଷେପ ପାଇଁ ଏହାକୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

● ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଉଦ୍‌ଯାପିତ

# ଓଡ଼ିଆ ସଂସ୍କୃତି ଓ ଐତିହ୍ୟ ପ୍ରଚାର ଦିଗରେ ସହାୟକ ହେବ: ମନ୍ତ୍ରୀ




ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ): ଯାଜପୁରର ଲଳିତଗିରି ଓ ଉଦୟଗିରିରେ ଚାଲିଥିବା ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। ଗୁରୁ ପଦ୍ମସମ୍ଭବଙ୍କ ଜୀବନୀ, ଆଦର୍ଶକୁ ଆଧାର କରି ଅନୁଷ୍ଠିତ ଏହି ସମ୍ମିଳନୀ ଗତ ୧୨ରୁ ଆରମ୍ଭ ହୋଇଥିବା ବେଳେ ଲାଇଟ୍ ଅଫ୍ ବୁଦ୍ଧଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ଅନୁଷ୍ଠାନ ଏହାର ଆୟୋଜକ ଥିଲା। ଏହି ସମ୍ମିଳନୀରେ ବିଭିନ୍ନ ଦେଶରୁ ଆସିଥିବା ପାଖାପାଖି ଅଢ଼େଇ ହଜାର ବୌଦ୍ଧଧର୍ମର ଗୁରୁ, ପଣ୍ଡିତ, ବୌଦ୍ଧ ଧର୍ମର ପ୍ରଚାରକଙ୍କ ସହ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀରେ ଓଡ଼ିଶାର ଇତିହାସ, ବୌଦ୍ଧ ଧର୍ମର ସଂସ୍କୃତି ଏବଂ ଐତିହ୍ୟ ସମ୍ବନ୍ଧରେ ଆଲୋଚନା କରାଯିବା ସହ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରଦାନ କରାଯିବା ପ୍ରଶଂସନୀୟ। ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧ ଧର୍ମର ପ୍ରମୁଖ କୀର୍ତ୍ତିରାଜି ଏବଂ ହୀରକ ତ୍ରିଭୁଜ ଭାବେ ବିଶ୍ୱପ୍ରସିଦ୍ଧ। ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଓଡ଼ିଶାରେ ରହିଥିବା ବିଭିନ୍ନ ବୌଦ୍ଧଧର୍ମ କୀର୍ତ୍ତିରାଜି ଏବଂ ପର୍ଯ୍ୟଟନସ୍ଥଳୀଗୁଡିକର ପ୍ରଚାର ଓ ପ୍ରସାର ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ଆଶା ପ୍ରକାଶ କରିଛନ୍ତି। ସମ୍ମିଳନୀରେ ବୌଦ୍ଧ ଧର୍ମର ଇତିହାସ, ଏହାର ବିକାଶ, ବୌଦ୍ଧଧର୍ମ ପ୍ରଦାନ କରୁଥିବା ଶାନ୍ତି ଓ ମୋକ୍ଷର ବାର୍ତ୍ତା ସହିତ ଗୁରୁ ପଦ୍ମସମ୍ଭବଙ୍କ ଜୀବନଶୈଳୀ ଓ ଆଦର୍ଶକୁ ନେଇ ସବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ ଓଡ଼ିଶାରେ ବୌଦ୍ଧଧର୍ମର ଇତିହାସ, ସଂସ୍କୃତି ଓ ଐତିହ୍ୟ ଆଦି ସମ୍ବନ୍ଧରେ ଗୁରୁତ୍ୱାରୋପ କରାଯିବା ସହ ବୌଦ୍ଧଧର୍ମ ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶ କରାଯିବା ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା।

# ଶିଶୁପୁତ୍ର ମୃତଦେହ ଝୁଣି ଖାଇଲା କୁକୁର



ଭୁବନେଶ୍ୱର,୧୬।୧: ନବଜାତ ପୁତ୍ରର ମୃତଦେହକୁ ଝୁଣି ଖାଇଲା କୁକୁର। ନୟାପଲ୍ଲୀ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ ଖବର ପରେ ମୃତଦେହ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପୋଲିସ ପଠାଇଥିବା ଜଣାପଡିଛି। ଏହି ହୃଦୟ ବିଦାରକ ଦୃଶ୍ୟକୁ ଦେଖି ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

# ବେଦାନ୍ତ ଲାଞ୍ଜିଗଡ଼ ଷ୍ଟଲରେ ବିକାଶ ମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶିତ

## ୨୭ତମ କଳାହାଣ୍ଡି ଉତ୍ସବ-ଘୁମୁରା



କଳାହାଣ୍ଡି,୧୬।୧(ସଂଚାର ବ୍ୟୁରୋ): ଚାରି ଦିନ ଧରି ଚାଲିଥିବା ୨୭ତମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୫ ପାଳନ ଅବସରରେ ଭାରତର ଅଗ୍ରଣୀ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲାଞ୍ଜିଗଡ଼ ଏହାର ଷ୍ଟଲରେକମ୍ପାନିଏହି ଅଞ୍ଚଳରେ ଚଳାଇଥିବା ପରିବର୍ତ୍ତନଶୀଳ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରିଛି। ବେଦାନ୍ତ ଷ୍ଟଲରେ ପ୍ରୋଜେକ୍ଟ ଆଦିକଳାରହାତତିଆରିସାମଗ୍ରୀରଚମତ୍କାରପ୍ରଦର୍ଶନ କରାଯାଇଥିଲା, ଯାହା ଭାରତର ସର୍ବପୁରାତନ କଳା - ସଉରା ଏବଂ ଢୋକ୍ରାକୁ ପୁନରୁଦ୍ଧାର କରିବା ସହିତ ସ୍ଥାୟୀ ଜୀବିକା ମାଧ୍ୟମରେ ୨୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସଶକ୍ତ କରିଥାଏ। ଗ୍ରାମୀଣ ମହିଳାଙ୍କ ପାଇଁ ବେଦାନ୍ତର ଅର୍ଥନୈତିକ ସ୍ୱାଧୀନତାର ସ୍ୱପ୍ନକୁ ପ୍ରତିଫଳିତ କରୁଥିବା ପ୍ରୋଜେକ୍ଟ ସଖୀ ଅଧୀନରେ ୪୦୦ରୁ ଅଧିକ ମହିଳାଙ୍କ ଦ୍ୱାରା ବିକଶିତ ଘରୋଇ ଜୈବିକ ଉତ୍ପାଦ ଏହି କଳାତ୍ମକ ପ୍ରଦର୍ଶନର ଏକ ଅଂଶ ଥିଲା । ଏହାବ୍ୟତୀତ ବେଦାନ୍ତର ଅତ୍ୟାଧୁନିକ କାରଖାନାରେ ବକ୍ସାଇଟ୍ ପଥରକୁ ଉଚ୍ଚମାନର ଆଲୁମିନିୟମ ଉତ୍ପାଦରେ ପରିଣତ କରିବାର ପ୍ରଦର୍ଶନ କରି ପର୍ଯ୍ୟଟକଙ୍କୁ ଆଲୁମିନିୟମର ଯାତ୍ରା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହିତ ପରିବେଶ ପରିଚାଳନା ସହ କଂପାନିର ସ୍ଥାୟୀ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବେଦାନ୍ତ ଷ୍ଟଲକୁ ଉଦଘାଟନ କରି କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ଓ ଜିଲ୍ଲାପାଳ ଶ୍ରୀ ସଚିନ ପାୱାର ଏହି ଅଞ୍ଚଳର ସଂସ୍କୃତି ଓ ଆଧୁନିକ ବିକାଶର ଅନନ୍ୟ ମିଶ୍ରଣ ପାଇଁ ଗର୍ବ ପ୍ରକାଶ କରିଥିଲେ।କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେଘୁମୁରା ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ଉତ୍ସବ ଏବଂ ଏହା ଏକ ଜିଲ୍ଲା ଭାବରେ ଆମେ କରୁଥିବା ସାମଗ୍ରିକ ପ୍ରଗତିକୁ ପ୍ରତିଫଳିତ କରେ । ଉଦଘାଟନୀ ଭାଷଣରେ ଜିଲ୍ଲାପାଳ ସଚିନ ପାଓ୍ୱାର କହିଛନ୍ତି ଯେକଳାହାଣ୍ଡି ଉତ୍ସବ ଆମ ଅଞ୍ଚଳର କାଳଜୟୀ ଐତିହ୍ୟ ଓ ସାମୂହିକ ଭାବନାର ଉତ୍ସବ। ବେଦାନ୍ତ ଆଲୁମିନା ବିଜନେସ୍ ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ଉତ୍ସବରେ ଯୋଗଦେଇ କହିଛନ୍ତି ଯେକଳାହାଣ୍ଡି ଉତ୍ସବ ଏହି ଅଞ୍ଚଳର ଆତ୍ମାକୁ ସ୍ମରଣ କରୁଥିବା ଏକ ମଞ୍ଚ ଭାବେ କାର୍ଯ୍ୟ କରୁଛି ଏବଂ ବେଦାନ୍ତ ଏହି ଭବ୍ୟ ଉତ୍ସବର ଅଂଶ ହୋଇ ଗର୍ବ ଅନୁଭବ କରୁଛି।

ଜୀବନ ଅମୃତ ଅନୁଚିନ୍ତା

ଯାହାଙ୍କ ମୂର୍ତ୍ତି ସମସ୍ତ ଶ୍ରେଷ୍ଠ ଶ୍ରୁତିଦ୍ୱାରା ସମୁଦ୍ଭାସିତ, ଯେ ବେଦାନ୍ତରୂପକ ପଦ୍ମକୁ ପ୍ରସ୍ଫୁଟିତ କରୁଥିବା ସୂର୍ଯ୍ୟସ୍ୱରୂପ, ସେହି ଶ୍ରୀଗୁରୁଙ୍କୁ ନମସ୍କାର

SANCHAR
ସଂଚାର




# ଭିନ୍ନ ଏକ ବିପର୍ଯ୍ୟୟ

ବନ୍ୟା, ବାତ୍ୟା, ମରୁଡ଼ି ଏବଂ ଭୂକମ୍ପ ତଥା ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସମସ୍ତେ ଅବଗତ। ଏହା ସହିତ ଏବେ ତାଲିକାରେ ଆଉ ଏକ ବିପର୍ଯ୍ୟୟ ଯୋଡ଼ି ହୋଇଛି। ଆଗରୁ ମଧ ଏ ସମ୍ପର୍କରେ ଅନେକ ଅବଗତ ହୋଇଥିଲେ। କିନ୍ତୁ ଏବେ ଏହି ବିପର୍ଯ୍ୟୟ ଏତେ ବ୍ୟାପକ ଭାବେ ହେଉଛି ଯେ, ଏହାକୁ ଆଉ ଗୌଣ କରାଯାଇପାରିବ ନାହିଁ। ଏହି ବିପର୍ଯ୍ୟୟ ହେଲା ଜଙ୍ଗଲ ନିଆଁ ବା ବନାଗ୍ନି। ବିଶ୍ୱର ବିଭିନ୍ନ ଦେଶରେ ଏବେ ଏହା ଏକ ବଡ଼ ବିପଦ ଭାବେ ଉଭା ହୋଇଛି। ଭାରତରେ ବା ଓଡ଼ିଶାରେ ମଧ ଏହା ଏକ ନିୟମିତ ଘଟଣା ହୋଇଗଲାଣି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଶିମିଳିପାଳଠାରୁ ଅନ୍ୟ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ସମ୍ପଦ ଧ୍ୱଂସ ହେଉଛି। ପରିବେଶ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ୁଛି। ଏବେ ଆମେରିକାର କାଲିଫର୍ଣ୍ଣିଆରେ ଲାଗିଥିବା ଜଙ୍ଗଲ ନିଆଁ ଅଣାୟତ୍ତ ହୋଇପଡ଼ିଛି। ପ୍ରାୟ ଦୁଇ ସପ୍ତାହ ଧରି ଲସଏଞ୍ଜେଲସ ନିକଟରେ ଏହି ନିଆଁ ଜଳୁଛି। ଏହାକୁ ନିର୍ବାପିତ କରିବା ନିମନ୍ତେ ବହୁ ଉଦ୍ୟମ କରିବା ସତ୍ତ୍ୱେ ଏଥିରେ ଏବେ ସୁଦ୍ଧା ସଫଳତା ମିଳିପାରିନାହିଁ। ମାତ୍ର ୧୫% ଅଞ୍ଚଳରେ ଏହି ନିଆଁକୁ ଆୟତ୍ତ କରାଯାଇପାରିଛି। ଏବେ ସୁଦ୍ଧା ୪୫ ହଜାର ହେକ୍ଟର ଜଙ୍ଗଲ ଜମି ବା ସହରାଞ୍ଚଳରେ ଏହି ନିଆଁ ଲାଗିଛି। ଏହା ଯେଉଁ ଗତିରେ ଆଗକୁ ବଢ଼ୁଛି ସେଥିରେ ଲକ୍ଷେ ହେକ୍ଟର ଜଙ୍ଗଲ ଜମି ଧ୍ୱଂସ ପାଇବା ଅସମ୍ଭବ ନୁହେଁ। ଏଥିରେ ଏବେ ସୁଦ୍ଧା ୨୪ ଜଣ ପ୍ରାଣ ହରାଇଛନ୍ତି ବୋଲି ସରକାରୀ ଭାବେ କୁହାଯାଉଛି। ଏହା ବ୍ୟତିତ ଅନେକ ନିଖୋଜ ଅଛନ୍ତି। ତେଣୁ ବାସ୍ତବରେ ମୃତ୍ୟୁ ସଂଖ୍ୟା ଢେର ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ନିଆଁ ଲସଏଞ୍ଜେଲସ ସହର ମାଡ଼ି ଚାଲିଛି। ୫ହଜାରରୁ ଅଧିକ ଘର ଏଥିରେ ଜଳି ଯାଇଛି। ଦେଢ଼ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ଏହି ପ୍ରକ୍ରିୟା ଜାରି ରହିଛି। ଏବେ ବି ଲୋକଙ୍କୁ ବିସ୍ଥାପନ ପ୍ରକ୍ରିୟା ଜାରି ରହିଛି। ଏହି ଭୟଙ୍କର ଅଗ୍ନିବିପ୍ଳାବରେ ହଜାର ହଜାର ଏକର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଇଛି। ମୂଲ୍ୟ ଦୃଷ୍ଟିରୁ ଏହାର ଆକଳନ କରିବା କଷ୍ଟକର। ଜଙ୍ଗଲ ନିଆଁରେ ଅନେକ ପଶୁପକ୍ଷୀ ମଧ ପ୍ରାଣ ହରାଇଛନ୍ତି। ଏହାକୁ ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ବୋଲି କୁହାଯାଇପାରେ। ତିନି ବର୍ଷ ତଳେ ଅଷ୍ଟ୍ରେଲିଆରେ ମଧ ଠିକ ଏହିଭଳି ଏକ ଭୟଙ୍କର ବନାଗ୍ନି ଦୃଷ୍ଟିଗୋଚର ହୋଇଥିଲା। ଏଥିରେ ହଜାର ହଜାର କୋଟି ଟଙ୍କାର ପ୍ରାକୃତିକ ସମ୍ପଦ ନଷ୍ଟ ହୋଇଯାଇଥିଲା। ଜଙ୍ଗଲରୁ ବାହାରି ପଶୁ ମାନେ ରାସ୍ତାରେ ଦଉଡ଼ୁଥିବା ଦେଖାଯାଇଥିଲା। ଏହା ସମ୍ପୂର୍ଣ୍ଣ ନିର୍ବାପିତ ବା ନିୟନ୍ତ୍ରିତ ହେବାକୁ ଅନେକ ଦିନ ଲାଗିଯାଇଥିଲା। ଆମେରିକାରେ ଏବେ ଯେଉଁ ବନାଗ୍ନି ଦେଖିବାକୁ ମିଳିଛି ତାହା ଅଷ୍ଟ୍ରେଲିଆରେ ହୋଇଥିବା ଅଗ୍ନିବିପ୍ଳାବ ତୁଳନାରେ ଅଧିକ ଭୟଙ୍କର ଏବଂ ଏହାକୁ ରୋକିବା ପାଇଁ ମଧ ଅନେକ ଦିନ ଲାଗିଯାଇପାରେ। ଅଷ୍ଟ୍ରେଲିଆରେ ଯେଉଁ ବନାଗ୍ନି ଦେଖିବାକୁ ମିଳିଥିବା ତାହା ତୁଳନାରେ ଆମେରିକା ବନାଗ୍ନି ଅଧିକ କ୍ଷତିକାରକ ସାବ୍ୟସ୍ତ ହୋଇଛି। କାରଣ ଲସଏଞ୍ଜେଲସ ହେଉଛି ଏକ ବଡ଼ ଏବଂ ସମୃଦ୍ଧ ସହର। ହଲିଉଡ଼ର ଏହା ହେଉଛି କେନ୍ଦ୍ର। ବନାଗ୍ନିରେ ଅନେକ ହଲିଉଡ଼ କଳାକାରଙ୍କ ଘର ମଧ ପୋଡ଼ିଯାଇଛି। ଅନେକ ଷ୍ଟୁଡିଓ ଏଥିରେ ଛାରଖାର ହୋଇଯାଇଛି। ସୁରକ୍ଷା ଦୃଷ୍ଟିରୁ ସିନେମା ହଲ ବା ଥିଏଟର ଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଗୋଟିଏ ବାକ୍ୟରେ କହିଲେ ବନାଗ୍ନି ପାଇଁ ହଲିଉଡ଼ ଫିଲ୍ମ ଇଣ୍ଡଷ୍ଟ୍ରୀ ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ଏହାର ପୁନରୁଦ୍ଧାର ନିମନ୍ତେ ଅନେକ ଦିନ ଲାଗିବ। ତେବେ ପୁନରୁଦ୍ଧାର କଥା ପରେ ଚିନ୍ତା କରାଯିବ, ଆଗ ଅଗ୍ନି ନିର୍ବାପିତ ହେବା ଆବଶ୍ୟକ। ଏହି ଅଗ୍ନିନିର୍ବାପନ ନିମନ୍ତେ ହଜାର ହଜାର ଗ୍ୟାଲନ ପାଣି ବ୍ୟବହାର କରାଗଲାଣି। ଆକାଶ ମାର୍ଗରୁ ମଧ ପାଣି ସିଞ୍ଚନ କରାଯାଉଛି। ନିଆଁ ଲିଭାଇବାକୁ ଗ୍ୟାସର ବ୍ୟବହାର ମଧ କରାଯାଉଛି। ଏହା ସତ୍ତ୍ୱେ ନିଆଁ ବ୍ୟାପିବାରେ ଲାଗିଛି। କାରଣ ଜଙ୍ଗଲର ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇ ନିଆଁ ଲିଭାଇବା ସମ୍ଭବ ହେଉନାହିଁ। ଦିନକୁ ୧୦୦ ହେକ୍ଟର ଜମିରେ ନିଆଁ ଲିଭୁଥିବା ବେଳେ ୧୫୦ ହେକ୍ଟର ଜମିକୁ ନିଆଁ ବ୍ୟାପୁଛି। ଏହା ସହିତ ଦାଉ ସାଧୁଛି ସାନ୍ତାଆନା ପବନ। ଏହି ସମୟରେ ଏଭଳି ପବନ ହୋଇଥାଏ। ଘଣ୍ଟାକୁ ୧୦୦ କିମିରୁ ଅଧିକ ବେଗରେ ପବନ ବହିବା ଫଳରେ ନିଆଁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଆମେରିକା ପ୍ରଶାସନ ପାଇଁ ଏହା ଏକପ୍ରକାର ଚାଲେଞ୍ଜ ସୃଷ୍ଟି କରିଛି। ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଆଉ ୪ ଦିନ ପରେ ଶପଥ ଗ୍ରହଣ କରିବେ। ଦାୟିତ୍ୱ ଗ୍ରହଣ ପରେ କାଲିଫର୍ଣ୍ଣିଆରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ମାସ ମାସ ଧରି ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଜଳବାୟୁ ଏବଂ ପରିବେଶ ଉପରେ ଏହାର ବ୍ୟାପକ ପ୍ରଭାବ ପଡ଼ିବ। ଦୀର୍ଘଦିନ କାଳ ଏକ ବିରାଟ ଅଞ୍ଚଳରେ ଦିନରାତି ନିଆଁ ଜଳିବା ଫଳରେ ବାୟୁ ପ୍ରଦୂଷଣ ବଢ଼ିବ, ବାୟୁମଣ୍ଡଳର ତାପମାତ୍ରା ବଢ଼ିବ ଏବଂ ଅନିୟିତ ବର୍ଷା ହୋଇପାରେ। ଫଳରେ ଋତୁ ପରିବର୍ତ୍ତନରେ ଅନିୟମିତତା ଦେଖାଯାଇପାରେ। ଏଲନିନୋ ପ୍ରଭାବ ଏହା ତ୍ୱରାନ୍ୱିତ ହୋଇପାରେ। ଏହା କେବଳ ଗୋଟିଏ ଘଟଣା ନୁହେଁ, ସାରା ବିଶ୍ୱରେ ଏଭଳି ଅଗ୍ନିକାଣ୍ଡ ପ୍ରତିଦିନ ହେଉଛି। ପରିବେଶ ଉପରେ ବ୍ୟାପକ ପ୍ରଭାବ ପଡ଼ୁଛି। ଏହିସବୁ ଅଗ୍ନିବିପ୍ଳାତ ମଧ୍ୟରୁ ଅଧିକାଂଶ ହେଉଛି ମନୁଷ୍ୟକୃତ। ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣର ଏହା ଏକ ପ୍ରମୁଖ କାରଣ। ଏହା ଦ୍ୱାରା ଜଙ୍ଗଲ କ୍ଷୟ ମଧ ହେଉଛି। ଜଙ୍ଗଲ ନିଆଁ ଆଜି ନହେଲେ କାଲି ଲିଭିଯିବ। କିନ୍ତୁ ଯେଉଁ ଜଙ୍ଗଲ ସମ୍ପଦ ନଷ୍ଟ ହେବ ତାହାକୁ ଭରଣା କରିବାକୁ ଅନେକ ବର୍ଷ ଲାଗିଯିବ। କିଛି ବର୍ଷ ତଳେ ଆଫ୍ରିକାରେ ଏଭଳି ବନାଗ୍ନିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହା ବିଶ୍ୱର ଇକୋ ସିଷ୍ଟମକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଜଙ୍ଗଲ ଧ୍ୱଂସ ଫଳରେ ବାୟୁ ମଣ୍ଡଳରେ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ ନୂଆ ଟେକ୍ନୋଲୋଜି ବା ବୈଷୟିକ କୌଶଳର ଆବଶ୍ୟକତା ରହିଛି। ଏହା ସାରା ବିଶ୍ୱ ପାଇଁ, ସାରା ମାନବ ସମାଜ ପାଇଁ ଏକ ସମସ୍ୟା ବା ଚିନ୍ତାର କାରଣ। ଏ ସମ୍ପର୍କରେ ଚିନ୍ତା କରିବାର ଏବଂ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଓଡ଼ିଶାରେ ଅନେକ ସମୟରେ ଜଙ୍ଗଲ ନିଆଁ ମନୁଷ୍ୟକୃତ ହୋଇଥାଏ। ପଶୁପକ୍ଷୀ ଶିକାର, ପୋଡ଼ୁ ଚାଷ ବା କାଠ କୋଇଲା ସଂଗ୍ରହ କରିବାକୁ ଅନେକ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଏ। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଜଙ୍ଗଲ ସୁରକ୍ଷା ଦାୟିତ୍ୱ କେବଳ ବନ ବିଭାଗର ନୁହେଁ। ସ୍ଥାନୀୟ ଲୋକଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରିବା ଉଚିତ ଏବଂ ସେମାନଙ୍କୁ ଏଥିଲାଗି ସ୍ୱତନ୍ତ୍ର ତାଲିମ ଏବଂ ପ୍ରୋତ୍ସାହନ ପ୍ରଦାନ କରାଯିବା ଉଚିତ। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହେବା ଉଚିତ। ଏହାକୁ ନରହତ୍ୟା ସହ ସମାନ ଅପରାଧ ଭାବେ ବିବେଚନା କରାଯିବା ଉଚିତ। ଜଙ୍ଗଲ ନିଆଁ ରୋକିବା ଏକ ମିଶନରେ ପରିଣତ ହେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ପାରାଦ୍ୱୀପରେ ମେଡିକାଲ କଲେଜ ହେଉ

ମହାଶୟ,

ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ସ୍ୱାସ୍ଥ୍ୟସେବାର ପରିସର ବା ମାନ ବଢ଼ୁନି। କିଛି ଘରୋଇ ହସ୍ପିଟାଲ ବଡ଼ ବଡ଼ ସହରରେ ପ୍ରତିଷ୍ଠା ହୋଇଛି। କିଛି ସରକାରୀ ହସ୍ପିଟାଲର ଉନ୍ନତିକରଣ ହୋଇଛି। କିନ୍ତୁ ଜନସଂଖ୍ୟା ତୁଳନାରେ ଏବଂ ଆବଶ୍ୟକତା ଦୃଷ୍ଟିରୁ ଏହା ପର୍ଯ୍ୟାପ୍ତ ନୁହେଁ। ଅନେକ ସରକାରୀ ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ବା ନର୍ସ, ଫାର୍ମାସିଷ୍ଟ ଏବଂ ଟେକ୍ନିସିଆନ ନାହାଁନ୍ତି। ଅନେକ ସରକାରୀ ହସ୍ପିଟାଲରେ ସର୍ବନିମ୍ନ ପରୀକ୍ଷା ବ୍ୟବସ୍ଥା ନାହିଁ। ଏପରିକି ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ମଧ ଏହା ଉପଲବ୍ଧ ନାହିଁ। ତେଣୁ ସରକାର ରାଜ୍ୟରେ ଅଧିକରୁ ଅଧିକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେମିତିକି ରାଜ୍ୟରେ ଡାକ୍ତର ଅଭାବ ରହିବନି। କିଛି କାର୍ଯ୍ୟକାରୀ ମଧ ହୋଇଛି। କିନ୍ତୁ ଅନେକ ନୂଆ ମେଡିକାଲ କଲେଜ ସମ୍ପୂର୍ଣ୍ଣ ହୋଇନାହିଁ। କେନ୍ଦ୍ର ସରକାର ଦେଶର ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ବା ଯୋଜନା କରିଛନ୍ତି। ସେ ଦୃଷ୍ଟିରୁ ଜଗତସିଂହପୁର ଜିଲ୍ଲାର ବନ୍ଦର ନଗରୀ ପାରାଦ୍ୱୀପରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଏହା ଜିଲ୍ଲାର ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ସହର। ଏହା ଦ୍ୱାରା ଉଭୟ ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ଉପକୃତ ହୋଇପାରିବେ।

**ମହେଶ୍ୱର ମହାପାତ୍ର, ମଧୁବନ, ପାରାଦ୍ୱୀପ**

# ରାଜ୍ୟମାନଙ୍କୁ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅନୁଶାସନ ପରାମର୍ଶ



**ଗୋପାଳ ମହାପାତ୍ର**

ଭାରତ ଭଳି ବିଶାଳ ଏବଂ ବିବିଧତା ଭରା ଦେଶର ସାମାଜିକ ଏବଂ ଆର୍ଥୀକ ଅସମାନତା ଏକ ସାଧାରଣ କଥା। ଦେଶରେ ଆର୍ଥୀକ ବିକାଶ ଏବଂ ସାମାଜିକ କଲ୍ୟାଣ ମଧ୍ୟରେ ସନ୍ତୁଳନ ରକ୍ଷାକରିବା ସବୁବେଳେ କଷ୍ଟକର ହୋଇ ପଡୁଛି। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ମାଗଣା ଯୋଜନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସରକାଙ୍କ ଦ୍ୱାରା ଲାଗୁ କରାଯାଉଥିବା ମାଗଣା ଯୋଜନାର ଉଦେଶ୍ୟ ହେଉଛି ସମାଜର ଦୁର୍ବଳ ଶ୍ରେଣୀର ଏବଂ ବଞ୍ଚିତ ବର୍ଗଙ୍କୁ ସହାୟତା ପ୍ରଦାନ କରିବା। କିନ୍ତୁ ଏହାର ଦୀର୍ଘକାଳ ପ୍ରଭାବ ରାଜ୍ୟର ଆର୍ଥୀକ ସ୍ଥିତି ଉପରେ ପଡ଼ିପାରେ। ଏକ ସନ୍ତୁଳିତ ଦୃଷ୍ଟିକୋଣରେ ଏସବୁ ଯୋଜନର ମହତ୍ୱ ଏବଂ ଏହାର ଆର୍ଥୀକ ପ୍ରବନ୍ଧନ ଉପରେ ବିଚାର କରିବା ଆବଶ୍ୟକ। ସଠିକ୍ ରଣନୀତି ସହ ଏହି ଯୋଜନା ସବୁକୁ କେବଳ ଯେ ସାମାଜିକ ସୁରକ୍ଷାର ଆଧାରରେ ପରିଣତ କରାଯାଇ ପାରିବ ତା ନୁହେଁ ବରଂ ଆର୍ଥୀକ ବିକାଶର ସାଧନରେ ପରିଣତ କରାଯାଇ ପାରିବ। ମାଗଣା ଯୋଜନା ସମାଜର ବଞ୍ଚିତ ଏବଂ ଦୁର୍ବଳ ବର୍ଗଙ୍କ ପାଇଁ ଏକ ଗୁରୁତ୍ୱପୁର୍ଣ୍ଣ ଜୀବନରେଖା ସାବ୍ୟସ୍ତ ହୋଇଥାଏ। ଆର୍ଥୀକ ସ୍ତରରେ ଦୁର୍ବଳ ଏବଂ ଯେଉଁ ମାନଙ୍କୁ ବୁନିଆଦି ସୁବିଧା ମିଳୁନାହିଁ ସେମାନେ ଏହି ଯୋଜନା ପାଇଁ ଉପକୃତ ହୋଇ ପାରୁଛନ୍ତି। ଏହାର ଏକ ଉଦାହରଣ ହେଉଛି କୋରନା ମହାମାରୀ ସମୟରେ ମାଗଣା ରାସନ (ଚାଉଳ –ଗହମ) ବିତରଣ ଯୋଜନା ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ଖାଦ୍ୟଭାବର କଷ୍ଟରୁ ମୁକ୍ତି ମିଳିଥିଲା। ସେହିପରି ଆୟୁଷ୍ମାନ ଯୋଜନା ଗରୀବ ପରିବାରଙ୍କ ବ୍ୟୟବହୁଳ ଚିକିତ୍ସାର ସୁଯୋଗ ସୃଷ୍ଟି କରିଛି। ଏହି ଯୋଜନା ସବୁ ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କୁ ସହାୟତା କରିବା ସହ ସମାଜରେ ଅସମାନତାକୁ କମ୍ କରିବାରେ ସହାୟକ ହୋଇ ପାରିଛି।

ମାଗଣା ଶିକ୍ଷା ଯୋଜନା ଏବଂ ଛାତ୍ରବୃତ୍ତି ଛାତ୍ରମାନଙ୍କୁ ଶିକ୍ଷାର ମାଧମରେ ଆତ୍ମନିର୍ଭର ହେବାର ଅବସର ଦେଇଛି। ଏହି ଯୋଜନା ସମାଜକୁ ଶସକ୍ତ କରିବା ସହ ଦୀର୍ଘକାଳୀନ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିଥାଏ। ଏସବୁ ପରେ ମଧ ଯୋଜନା ଗୁଡିକର ଆର୍ଥୀକ ଦିଗକୁ ଅଣଦେଖା କରାଯାଇ ପାରିବ ନାହିଁ। ରାଜର୍ଭବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଯେ ମାଗଣା ଯୋଜନା ଗୁଡିକର ବିତ୍ତପୋଷଣ ଯଦି ଦୀର୍ଘକାଳୀନ ଦୃଷ୍ଟିକୋଣରେ କରାଯିବ ତେବେ ଏହା ରାଜ୍ୟର ଆର୍ଥୀକ ସନ୍ତୁଳନକୁ ବିଗାଡିଦେବ। ମାଗଣା ବିଦ୍ୟୁତ୍, ମାଗଣା ପରିବହନ, ନଗଦ ଆର୍ଥୀକ ସହାୟତା ଏବଂ କୃଷି ଋଣ ଛାଡ ଭଳି ଯୋଜନା ଅତ୍ୟଧିକ ବ୍ୟୟ କାରଣରୁ ରାଜ୍ୟର ଆର୍ଥୀକ ସ୍ଥିତି ଦୁର୍ବଳ ହୋଇ ପଡ଼ିବ। ପରିଣାମ ସ୍ୱରୂପ ରାଜ୍ୟର ବିକାଶ କାର୍ଯ୍ୟ ଓ ବୁନିଆଦି ଢ଼ାଞ୍ଚାର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ ପର୍ଯ୍ୟପ୍ତ ସଂଶୋଧନର ଅଭାବ ପଡ଼ିବ। ଏତଦ୍ ବ୍ୟତୀତ ଅଧିକ ଋଣ ଆଣିଲେ ରାଜ୍ୟରେ ଆର୍ଥୀକ ସଙ୍କଟର ସମ୍ଭାବନା ଦେଖାଯିବ ଯାହା ରାଜ୍ୟର ଆର୍ଥୀକ ସ୍ଥିରତାକୁ ପ୍ରଭାବିତ କରିବ। ଏଣୁ ମାଗଣା ଯୋଜନାକୁ ପ୍ରଭାବୀ କରିବା ପାଇଁ ଏକଥା ଦେଖିବାକୁ ପଡ଼ିବ ଯେ ଯେମିତି ପ୍ରକୃତ ବଞ୍ଚିତ ଓ ଦୁର୍ବଳ ବର୍ଗଙ୍କ ନିକଟରେ



ଏହି ଯୋଜନା ପହଞ୍ଚିବ। ଡିଜିଟାଲିକରଣ ଏବଂ ଆଧାର-ଆଧାରିତ ତନ୍ତ୍ର ଉପଯୋଗ ଲାଭାର୍ଥୀଙ୍କୁ ଚିହ୍ନଟ କରାଯାଇ ପାରିବ। ଯୋଜନାର ଦୁରୁପଯୋଗ କେମିତି ନହେବ ତାହା ଉପରେ ମଧ ଦୃଷ୍ଟି ଦିଆଯିବା ଆବଶ୍ୟକ। ରାଜ୍ୟ ସରକାରମାନେ ଏକଥା ମଧ ଦୃଷ୍ଟି ଦିଆଯିବା ଆବଶ୍ୟକ। ରାଜ୍ୟ ସରକାରମାନେ ଏକଥା ମଧ ଧାନ ରଖିବା ଉଚିତ ଯେ ମାଗଣା ଯୋଜନା ଯେମିତି ଦୀର୍ଘକାଳୀନ ସମାଧାନ ପ୍ରଦାନ କରିବାରେ ସହାୟକ ହେବ।

ମାଗଣା ଶିକ୍ଷା ଯୋଜନା ସହ କୌଶଳ ବିକାଶ କାର୍ଯ୍ୟକ୍ରମକୁ ମଧ ଯୋଡ଼ାଯାଇ ପାରିବ ଯାହାଦ୍ୱାରା ଲୋକେ ଆତ୍ମନିର୍ଭର ହୋଇପାରିବେ। ମାଗଣା ଯୋଜନା ଆର୍ଥୀକ ଅନୁଶାସନ ମଧ ଜରୁରୀ। ରାଜ୍ୟ ସରକାର ମାନଙ୍କୁ ନିଜର ଖର୍ଚ୍ଚକୁ ତର୍କସଙ୍ଗତ କରିବାକୁ ପଡ଼ିବ ଏବଂ କେବଳ ଆବଶ୍ୟକ ଯୋଜନା ବାବଦରେ ହିଁ ଖର୍ଚ୍ଚ କରିବାକୁ ପଡ଼ିବ। ବୁନିଆଦି ଡାଞ୍ଚାର ନିର୍ମାଣ ଏବଂ ରୋଜଗାର ସୃଜନ ଉପରେ ଧାନ କେନ୍ଦ୍ରୀତ କରି ରାଜ୍ୟର ଆର୍ଥୀକ ସ୍ଥିତିକୁ ସୁଧାରିବା ଦିଗରେ ରାଜ୍ୟ ସରକାର ମାନେ ଉଦ୍ୟମ କରିବା ଆବଶ୍ୟକ। ଏହା ବ୍ୟତୀତ ରାଜ୍ୟ ସରକାର ମାନେ ସାର୍ବଜନୀକ ଏବଂ ଘରୋଇ ଉଦ୍ୟୋଗ କ୍ଷେତ୍ର ସହ ଭାଗିଦାରୀକୁ ଗୁରୁତ୍ୱ ଦେଇ ଏସବୁ ଯୋଜନା ପାଇଁ ଆର୍ଥୀକ ସଂସାଧନ ଯୋଗାଡ କରିବା ଉପରେ ରିଜର୍ଭବ୍ୟାଙ୍କ ଗୁରୁତ୍ୱ ଦେଇଛି। ସାମାଜିକ କଲ୍ୟାଣ ଏବଂ ଆର୍ଥୀକ ସ୍ଥିରତା ମଧ ସନ୍ତୁଳନ ରକ୍ଷା କରିବା ସହ ଜନ ଭାଗିଦାରୀକୁ ମଧ ଗୁରୁତ୍ୱ ଦିଆଯିବା ଆବଶ୍ୟକ ଏବଂ ଯୋଜନାକୁ ଏଭଳି ପ୍ରସ୍ତୁତ କରାଯିବା ଆବଶ୍ୟକ ଯେପରି ଏହା ସାମାଜିକ ଉତ୍‌ଥାନ ସହ ଆର୍ଥୀକ ବିକାଶ ଦିଗରେ ସହଯୋଗୀ ହୋଇପାରିବ। ରିଜର୍ଭ ବ୍ୟାଙ୍କ ପରାମର୍ଶ ଦେଇଛନ୍ତି ଯେ ରାଜ୍ୟ ନିଜର ସବ୍‌ସିଡ଼ି ଖର୍ଚ୍ଚକୁ ନିୟନ୍ତ୍ରିତ କରିବା ଆବଶ୍ୟକ। ରାଜ୍ୟ ସରକାରମାନେ ପୁଞ୍ଜିଗତ ବ୍ୟୟକୁ ବୃଦ୍ଧି କରିବା ଏବଂ ବ୍ୟୟର ଗୁଣବର୍ତ୍ତାକୁ ସୁଧାରିବା ଦିଗରେ କାମ କରିବା ଉଚିତ୍ ଯାହାଦ୍ୱାରା ଆର୍ଥୀକ ସ୍ଥିରତା ବଜାୟ ରହିବ। ସଶକ୍ତ ନାଗରିକ ଉତ୍ତମ ଅର୍ଥବ୍ୟବସ୍ଥା ଦିଗରେ ସହାୟକ ହୋଇଥାନ୍ତି। ଯଦି ସମାଜର ଦୁର୍ବଳ ବର୍ଗଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାରର ସୁବିଧା ପ୍ରଦାନ କରାଯାଏ ତେବେ ସେମାନଙ୍କ ଜୀବନସ୍ତର ସୁଧୁରିବା ସହ ସେମାନେ ଦେଶର ପ୍ରଗତିରେ ସହାୟକ ହୁଅନ୍ତି। ମାଗଣା ଯୋଜନା କଲ୍ୟାଣକାରୀ ରାଜ୍ୟ/ରାଷ୍ଟ୍ରର ଏକ ଅଭିନ୍ନ ଅଂଶ ଅଟେ କିନ୍ତୁ ଏହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ରିଜର୍ଭବ୍ୟାଙ୍କ ଏବେ ଯେଉଁ ଚିନ୍ତା ପ୍ରକଟ କରିଛି ସେଥିରୁ ସ୍ପଷ୍ଟ ଯେ କେମିତି ଏସବୁ ଯୋଜନାକୁ ଆର୍ଥୀକସ୍ଥିରତା ସହ ସନ୍ତୁଳିତ କରାଯାଇ ପାରିବ। ଏହାର ସଠିକ୍ କାର୍ଯ୍ୟକାରୀତା କେବଳ ବର୍ତ୍ତମାନର ପିଢ଼ୀ ପାଇଁ ଯେ ଉଦିଷ୍ଟ ତା ନୁହେଁ ବରଂ ଏହା ଭବିଷ୍ୟତ ପିଢ଼ୀଙ୍କ ପାଇଁ ଏକ ମଜଭୁତ ଏବଂ ଶସକ୍ତ ଭାରତର ନିର୍ମାଣରେ ସହାୟକ ହେବ। ରାଜ୍ୟ ସରକାର ମାନେ ଦୀର୍ଘକାଳୀନ ଆର୍ଥୀକ ସ୍ଥିରତାକୁ ଦୃଷ୍ଟିରେ ରଖି ଏସବୁ ଯୋଜନାକୁ ଲାଗୁ କରିବା ଉଚିତ୍। ଏପରି କରାଗଲେ ରାଜ୍ୟରେ ଆର୍ଥୀକ ସଙ୍କଟ ସୃଷ୍ଟି ହେବନାହିଁ ଓ ଅନ୍ୟ ପକ୍ଷରେ ଏକ ନ୍ୟାୟସଙ୍ଗତ ସମୃଦ୍ଧ ସମାଜ ସୃଷ୍ଟି ହୋଇ ପାରିବ।

**ରାମଚନ୍ଦ୍ର ପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଇଣ୍ଡିଆ ବ୍ଲକ୍‌ରେ ଫାଟ





**ସୌଭାଗ୍ୟ ରଞ୍ଜନ ମହାନ୍ତି**

ଜାତୀୟ ରାଜଧାନୀ ଦିଲ୍ଲୀର ବିଧାନସଭା ନିର୍ବାଚନ ଶାସକ ଆମ ଆଦମୀ ପାର୍ଟି (ଆପ୍) ଏବଂ ମୁଖ୍ୟ ବରୋଧିଦଳ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଲୋକସଭା ନିର୍ବାଚନ ପୂର୍ବରୁ ୨୬ଟି ବିରୋଧି ଦଳକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟରେ ଫାଟ। କ୍ରମାଗତ ତୃତୀୟ ଥର କ୍ଷମତାସୀନ ହେବା ଲାଗି ଲକ୍ଷ୍ୟ ରଖିଥିବା ଆମ୍ ଆଦମୀ ପାର୍ଟି ଏକାକୀ ନିର୍ବାଚନ ଲଢୁଛି। ଇଣ୍ଡିଆ'ର ଦୁଇ ଅଂଶୀଦାର ଦଳ ଆପ ଏବଂ କଂଗ୍ରେସ ଏବେ ପରସ୍ପର ବିରୁଦ୍ଧରେ କେବଳ ନିର୍ବାଚନ ଲଢୁନାହାଁନ୍ତି, ଯେଉଁଭଳି ଆକ୍ଷେପ-ପ୍ରତିଆକ୍ଷେପ କରୁଛନ୍ତି, ତାହା ମେଣ୍ଟ ଭାଙ୍ଗି ଯାଇଥିବା ସଂକେତ ପ୍ରଦାନ କରୁଛି। କେବଳ ଏତିକି ନୁହେଁ, ଇଣ୍ଡିଆ'ର ଅନ୍ୟତମ ପ୍ରମୁଖ ଅଂଶୀଦାର ଦଳ ସମାଜବାଦୀ ପାର୍ଟି, ତୃଣମୂଳ କଂଗ୍ରେସ ଏବଂ ଶିବସେନା(ୟୁବିଟି) ଖୋଲାଖୋଲି ଭାବେ ଆପ୍ ପ୍ରତି ସମର୍ଥନ ଘୋଷଣା କରିଛି। ଫଳତଃ କଂଗ୍ରେସ ଏବେ ଏକ ଘରକିଆ ହୋଇଯାଇଛି ବୋଲି କହିଲେ ଭୁଲ ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏକତ୍ର ଲଢ଼ିଥିଲେ ମଧ କଂଗ୍ରେସ ଓ ଶିବସେନା(ୟୁବିଟି) ମଧ୍ୟରେ କେତେକ ଘଟଣା ନେଇ ମୁହାଁମୁହିଁ ହୋଇଥିଲେ। ନିକଟରେ ଶିବସେନା (ୟୁବିଟି)ର ମୁଖପତ୍ର 'ସାମନା'ର ସମ୍ପାଦକୀୟରେ କଂଗ୍ରେସକୁ କଟୁ ଭର୍ତ୍ସନା କରାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସର ବଡ ଭାଇ ପଣିଆକୁ ତୃଣମୂଳ କଂଗ୍ରେସ ପ୍ରଥମରୁ ବିରୋଧ କରି ଆସୁଥିବାବେଳେ ଏବେ ନିକଟରେ ଏହାର ସୁପ୍ରିମକୋ ସୁଶ୍ରୀ ମମତା ବାନାର୍ଜୀ ମେଣ୍ଟର ନେତୃତ୍ୱ ନେବା ଲାଗି ନିଜ ଆଡ଼ୁ ଆଗ୍ରହ ପ୍ରକାଶ କରିଥିଲେ। ତାଙ୍କୁ କଂଗ୍ରେସର ପୁରାତନ ସହଯୋଗୀ ଆରଜେଡି ସମେତ ବହୁ ଅଂଶୀଦାର ଖୋଲାଖୋଲି ସମର୍ଥନ କରିନଥିଲେ। ସେହିପରି ନିକଟରେ ଉତରପ୍ରଦେଶ ୯ଟି ବିଧାନସଭା ଆସନରେ ଆଶାନୁରୂପ ଆସନରେ ପ୍ରତିଦ୍ୱନ୍ଦତା ପାଇଁ ନପାଇବାରୁ ନିର୍ବାଚନ ନଲଢିବା ଏବଂ ସମାଜବାଦୀ ପାର୍ଟିର ପରାଜୟ କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଗଲା ସାଧାରଣ ନିର୍ବାଚନରେ ମେଣ୍ଟ ସତ୍ତ୍ୱେ ଆପ୍ କିମ୍ବା କଂଗ୍ରେସ ଗୋଟିଏ ଆସନ ନପାଇବା ଏବଂ ପଞ୍ଜାବରେ ଉଭୟ ପରସ୍ପର ବିରୁଦ୍ଧରେ ପ୍ରତିଦ୍ୱନ୍ଦିତା କରିବା ଦୁଇ ଦଳର ସମ୍ପର୍କରେ ଭଙ୍ଗା ପକାଇଛି। କେବଳ ଏତିକି ନୁହେଁ, ଦୁଇଟି କାରଣ ପାଇଁ କଂଗ୍ରେସର ଏବେ ମେଣ୍ଟର ଅଂଶୀଦାର ଦଳମାନଙ୍କର ତୀବ୍ର ବିରୋଧର ସମ୍ମୁଖୀନ ହେବା ସହ ଏକଘରକିଆ ହୋଇଯାଇଛି ବୋଲି କୁହାଯାଇପାରେ। ପ୍ରଥମ ଘଟଣାଟି ହେଉଛି, ଇଣ୍ଡିଆ ମେଣ୍ଟର ସହାୟତାରେ କଂଗ୍ରେସ ଲୋକସଭାରେ ତିନି ଅଙ୍କବିଶିଷ୍ଟ ସଂଖ୍ୟାରେ ପହଁଚି ମୁଖ୍ୟ ବିରୋଧି ଦଳର ମାନ୍ୟତା ହାସଲ କରିଥିବାବେଳେ ହରିଆନା ଓ ମହାରାଷ୍ଟ୍ର ନିର୍ବାଚନରେ ଶୋଚନୀୟ ପରାଜୟ। ସେହିପରି ଲୋକସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ରାଜସ୍ଥାନ, ଛତିଶଗଡ଼ ଏବଂ ମଧପ୍ରଦେଶ ବିଧାନସଭା ନିର୍ବାଚନରେ ଇଣ୍ଡିଆ'ର ଅଂଶୀଦାରଦଳମାନଙ୍କୁ ହେୟଜ୍ଞାନ କରି ନିର୍ବାଚନ ଲଢ଼ିବା। ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସ କ୍ଷମତାଚ୍ୟୁତ ହେବା ଏବଂ ହରିଆନାରେ ଏକାକୀ ଲଢ଼ି ପରାଜିତ ହେବା ଘଟଣା ବିଜେପିକୁ ମୁକାବିଲା କରିବାରେ କଂଗ୍ରେସ ଅସମର୍ଥ ଥିବା ନେଇ ଧାରଣା ଏବେ ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। କଂଗ୍ରେସର ବଡ ଭାଇ ପଣିଆ ଏବେ ଅଂଶୀଦାରମାନଙ୍କୁ ଦୂରେଇ ଦେଇଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଆହୁରି ମଧ କଂଗ୍ରେସ ନେତା ଅଜୟ ମାକେନ କେଜିରୱାଲାଙ୍କୁ ପର୍ଜିଂୱାଲା ଏବଂ ଅନ୍ୟତମ ନେତା ଅଶୋକ ଗେହଲଟ ଆପ୍ କଂଗ୍ରେସର ମୁଖ୍ୟ ବିରୋଧି କହିବା ମେଣ୍ଟରେ ଅଂଶୀଦାରଙ୍କ ଠାରୁ ଦୂରେଇ ଦେଇଛି ବୋଲି କୁହାଯାଇପାରେ। ସେହିପରି ଆରଜେଡି ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି ଯେ, ଲୋକସଭା ନିର୍ବାଚନରେ ବିଜେପିକୁ ହରାଇବା ପାଇଁ ମେଣ୍ଟ ଗଠନ ହୋଇଥିଲା। ବିଧାନସଭା ନିର୍ବାଚନରେ ମେଣ୍ଟର କିଛି ମନେ ନାହିଁ। ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ତଥା ଜାତୀୟ ସମ୍ମିଳନୀ ନେତା ଓମାର ଅବଦୁଲା ମେଣ୍ଟ ଭାଙ୍ଗିଦେବା ନେଇ ପ୍ରଶ୍ନ ଉଠାଇଛନ୍ତି। ଲୋକସଭା ନିର୍ବାଚନର ମାତ୍ର ୧୦ମାସ ପୂର୍ବରୁ ଗଠିତ 'ଇଣ୍ଡିଆ ମେଣ୍ଟ' ସାଧାରଣ ନିର୍ବାଚନ ପରଠାରୁ ଅବକ୍ଷୟର ଧାରା ଆରମ୍ଭ କରିବା ବିଭିନ୍ନ ଘଟଣାବଳୀରୁ ସଂକେତ ମିଳିଥିଲା, ଯାହାକି ଏବେ ଖଣ୍ଡଖଣ୍ଡ ହୋଇ ଭାଙ୍ଗିଯିବା ଅବସ୍ଥାକୁ ଚାଲି ଆସିଛି। ପରିସ୍ଥିତି ଏପରି ହୋଇଛି ଯେ, ବିଧାନସଭା ନିର୍ବାଚନ ଗୁଡିକରେ ପରସ୍ପର ବିରୁଦ୍ଧରେ ଲଢୁଛନ୍ତି। ବିରୋଧି ଏକତା 'ୟୁନାଇଟେଡ ୱି ଷ୍ଟାଣ୍ଡ' ପରିବର୍ତେ କ୍ରମଶଃ 'ଡିଭାଇଡେଡ୍ ୱି ଫଲ'ରେ ପରିଣତ ହେବା ପଥରେ ଅଗ୍ରସର ହେଉଛି। ଇଣ୍ଡିଆ ମେଣ୍ଟ ଏବେ ପରିବର୍ତ୍ତିତ ରାଜନୀତିର ସୁଅରେ ଭାସିଯାଇ ଇତିହାସ ପାଲଟିବା ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଆସନ୍ତାବର୍ଷ ତାମିଲନାଡୁ, ପଶ୍ଚିମବଙ୍ଗ, ଆସାମ, କେରଳ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ହେବ। ଇଣ୍ଡିଆ ମେଣ୍ଟରେ ବିଭାଜନ ବିଜେପିକୁ କେବଳ ସୁହାଇବ ନାହିଁ, ଜୟଯାତ୍ରାକୁ ରୋକିବାରେ ବଖଣ୍ଡିତ ବିରୋଧି ଅସମର୍ଥ ହେବେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ୍: ୯୪୩୭୯୯୪୩୭୯**

# ଘଡ଼ଘଡ଼ି ନା ଭୈରବୀ ରଡ଼ି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ମୋତେ ଏବେ ଅଶି ବର୍ଷ ପାଖାପାଖି ବୟସ, ମୁଁ କେବେ ଏମିତି ଭୟଙ୍କର ରଡିର ଘଡ଼ଘଡ଼ି ଶୁଣିବା ହୋଇନଥିଲା କି ଏପରି ଘଡ଼ଘଡ଼ି ବିଜୁଳିରେ ଲୋକ ମରିବା ଜୀବଜନ୍ତୁ ମରିବା କେବେ ଏତେ ହାରରେ ଶୁଣା ଦେଖା ନଥିଲା। ଆମ ଗ୍ରାମରେ ମୋର ପିଲାବେଳେ ଅନେକ ବୃକ୍ଷ ଓ ସମୁହ ବୃକ୍ଷରେ ବିରାଜିତ ତୋଟା ଥିଲା। ଆମ୍ବ ତୋଟା ବହୁତ ଥିଲା, ମିଶ୍ରଘର ମଧୁବନ ଏକ ଗହଳିଆ ଆମ୍ବ କେନ୍ଦୁ ତାଳ ନଡ଼ିଆ ବେତ ବାଉଁଶର ବୃକ୍ଷର ବନ ଥିଲା। ଯହିଁରେ ମହୁମାଛି ଅନେକ ସମୟରେ ବସା ବାନ୍ଧୁଥିଲେ। ଆମେ ରଜରେ ବାଗୁଡ଼ି ଖେଳିବା ପାଇଁ ଏକ ତୋଟା ଥିଲା ତାର ନାମ ଥିଲା ଉଆସ ତୋଟା। ଗ୍ରାମର ମୁଁ ପୁରୁଖା ଲୋକଙ୍କୁ ପଚାରି ବୁଝିଥିଲି। ଖୋର୍ଦ୍ଧାରୁ ଆସି ଏକ ଚଲାରାସ୍ତାରେ ବସତି ଖୋଜି ଯିବାବେଳେ ଏକ ଛଞ୍ଚାଣ ଏକ ପକ୍ଷୀକୁ ତାର ପାଦ ନଖରେ ମାଡ଼ି ବସି ବିଦାରଣ କରୁଛି ଓ ପକ୍ଷୀଟି ବିକଳ ରଡ଼ି କରୁଛି। ଏଇଟି ସେମାନେ ତାଙ୍କ ବାସ ଅନୁକୂଳ ସ୍ଥାନ ମନେକରି ଏଇଠାରୁ ଓହ୍ଲାଇ ଉଆସ ତୋଳାଇ ଥିଲେ। ଅନେକ ମନ୍ଦିରରେ ଗଜ ବିଡାଳ ମୂର୍ତ୍ତି ବା ହସ୍ତୀକୁ ମାଡ଼ି ବସିଥିବା ସିଂହର ମୂର୍ତ୍ତି ଅଛି। ଜଙ୍ଗଲର ବୃକ୍ଷ ଲତାକୁ ଅବାଧରେ ଭାଙ୍ଗି ନଷ୍ଟ କରୁଥିବା ହାତିକୁ ସିଂହ ହିଁ ଭୟ ଦେଖାଇ କ୍ଷାନ୍ତ କରିଥାନ୍ତି। ଏହାବାଦ ଅଛି ଦୁଇ କ୍ଷତ୍ରୀୟ ରାଜାଙ୍କର ଅହି ନକୁଳ ସମ୍ପର୍କ। ଗଜପତି ବଂଶ ବା କେଶରୀ ବଂଶ କାଳର ଗତିରେ ଦୁଇ କ୍ଷତ୍ରୀୟ ଜାତିଙ୍କର ପାଲ୍ଲା କାହାର କେତେବେଳେ ତଳ ଉପର ହେଉଥିଲା। ଏହି କ୍ଷତ୍ରିୟ ପରିବାର ଯେ ଖୋର୍ଦ୍ଧାରୁ ଆସିଥିଲେ ପରେ ସେମାନେ ଗ୍ରାମର ମଧକୁ ଚାଲିଗଲେ ତୋଟାଟି ପରିତ୍ୟକ୍ତ ହୋଇଯାଉଥିଲା। ସେହି ତୋଟାରେ ଅନେକ ସୁଆଦି ଆମ୍ବ ଆମ୍ଳୁଲ ଆମ୍ବର ଗଛ ଥିଲା। ଏବେ ବିଭିନ୍ନ ସ୍ଥାନରୁ ଆମ୍ବ ଆମ ରାଜ୍ୟରେ ଆମ୍ବ ବେଳେ ବଜାରକୁ ଆସୁଛି କିନ୍ତୁ ସେତେବେଳେ ଆମ୍ବର ଚାହିଦା ପ୍ରାୟ ତିନି ମାସ ଏଇ ଗାଁରେ ଭରପୁର ଥିଲା। ଆମ୍ବ ପରି ନଡ଼ିଆ ତାଳ ଫଳ କେବେ ଅଭାବ ନଥିଲା। ତାଳଗଛର କୋରଟ ନଡ଼ାଛପର ଘରର ଛାଆଣି ବେଳକୁ ବିଶେଷ ଆବଶ୍ୟକ ଥିଲା। ତାଳ ବରଡ଼ା ପୋଥି ଜାତକ ଖଜଣାର ପାଉତି ଲେଖନରେ ଲେଖାଯାଉଥିଲା। ଏକ ପୋଥିରୁ ଅନେକ ପୋଥି ଲିପି ଲିଖନ ଅଭ୍ୟସ୍ତମାନେ କରି ପୋଥି ସଂଖ୍ୟା ବଢ଼ାଉଥିଲେ ତାଳପତ୍ର କାଗଜ ବାହାରିବା ପୂର୍ବରୁ ଲେଖନୀର ହସ୍ତ ଥଲା। ବରଡ଼ାରେ ଅନେକ ଅସ୍ଥାୟୀ ଘର ପ୍ରସ୍ତୁ ହେଉଥିଲା। ପ୍ରାୟ ହାଟ ଘର ଗୁଡ଼ିକ ବରଡ଼ା ଛାଉଣୀରେ ହେଉଥିଲା। ବରଡ଼ା ତାଟରେ ଘର ଚାରି ପଟ ବା ତିନି ପଟ ଆବଦ୍ଧ କରାଯାଉଥିଲା। କୋଟରରେ ଟୋକେଇ ଡାଲା କରାଯାଉଥିଲା। ତାଳପତ୍ରରେ ଖାଳେଇ ବିଛଣା କରାଯାଉଥିଲା। ନଡ଼ିଆଗଛର ଗୁଣ ଏବେ ବି ଯେ କରିଛନ୍ତି ସେ ତ ଜାଣନ୍ତି ଅନ୍ୟମାନେ ନିଷ୍ଟେ ବୁଝିବାକୁ। ନଡ଼ିଆ ବାହୁଙ୍ଗୀର ଖଡ଼ିକା ଝାଡ଼ୁମୁଠା ଏବେ ବି ବଜାରରେ ମିଳୁଛି। ନଡ଼ିଆ କତାର ଦୌଡ଼ି ପାପୋଛ ଏବେ ବି ମିଳୁଛି। ନଡ଼ିଆ ପଇଡ଼ ଶ୍ରୀଫଳ ଦେବତା ସମ୍ବନ୍ଧର ଫଳ। ମନୁଷ୍ୟର ଖାଦ୍ୟ ର ବି ଅଂଶ ହୋଇ ଚାଲିଛି ନଡ଼ିଆ ତେଲ ବିଶେଷ ବ୍ୟବହାରର୍ଯ୍ୟ ତେଲ।



ଏସବୁ ଗଛ ଏବେ ବିଲୁପ୍ତ ଦିଗରେ ଆଗକୁ ବଢୁଛି। ତାଳଗଛ ସର୍ବତ୍ର ଖୋଜିଲେ କାଁ ଭାଁ ଦୃଶ୍ୟ। ପୂର୍ବେ ସେଟଲମେଣ୍ଟ ନକ୍ସାରେ ତାଳଗଛର ଶଙ୍କୁ ରଖାଯାଉଥିଲା। ଏଇ ନଡ଼ିଆ ତାଳଗଛ ଉଚ୍ଚତା ପ୍ରତ୍ୟେକ ଘର ଠାରୁ ଉଚ୍ଚରେ ରହୁଥିବାରୁ ଘଡ଼ଘଡ଼ି ଏଇ ଗଛରେ କେବେ କେବେ ପଡୁଥିଲା। ବେଶୀ ଭାଗ ତାଳ ଓ ତାପରେ ନଡ଼ିଆ ଗଛରେ ପଡୁଥିଲା। ହେଲେ ଏବେ ଉଚ୍ଚ ଉଚ୍ଚ ଛାତ ଘର ହିଁରେ ସର୍ବତ୍ର ଛାତରୁ ଭୂମି ପର୍ଯ୍ୟନ୍ତ ସବୁ ଘର ଆରଥିଙ୍ଗ ବା ଭୂମି ସମ୍ପୃକ୍ତି କରାଯାଇନାହିଁ। ଅନେକ ମନ୍ଦିର ଏପରି କରାଯାଇଛି। ଏ ସମୟରେ ତାଳ ନଡ଼ିଆ ଗଛ କାଁ ଭାଁ ବୃକ୍ଷ ତୋଟା ନାହିଁ। ବଡ଼ ବଡ଼ ଗଛ ନାହିଁ। ଜଳତ ପୋଖରୀ ପୋତା ହୋଇଗଲାଣି। ସର୍ବତ୍ର ବଡ଼ ବଡ଼ ଲୁହାଖୁଣ୍ଟ ଟାୱାର ମୋବାଇଲ ଟାୱାର ଦ୍ରୁତ ବିଜୁଳିକୁ ଟାଣି ଆଣୁଛି ପତଳରେ ଅଗ୍ନୀ ଏହାର କ୍ଷତି କରାଉନାହିଁ ମାତ୍ର ପାଖ ସ୍ଥାନରେ ବହୁକ୍ଷତି କରାଉଛି। ଜଳସ୍ଥାନ ଓ ବୃକ୍ଷରୁ ଉଠୁଥିବା ଜଳୀୟବାଷ୍ପ ଆକାଶରେ ଭାସିଆସୁଥିବା ଜଳୀୟ ବାଷ୍ପ ସହ ସଂଯୋଗ ହେଲେ ବିଜୁଳି ଘଡ଼ଘଡ଼ି ହେଉଥିଲା। ଏବେ ସେ ଧାରା ନାହିଁ ମନ୍ଥର ଗତିରେ ପୂର୍ବରୁ ଚାଲୁଥିବା ମେଘମାଳ ବାଦଲରେ ଦ୍ରୁତ ପବନରେ ଆସୁଥିବା ଗଛର ମେଘମାଳ ପିଟି ହୋଇ ଘଡ଼ଘଡ଼ି ବିଜୁଳି ସୃଷ୍ଟି କରୁଛି। ଏ ପାଇଁ କଳକାରଖାନା ନିର୍ଗତ ବାଷ୍ପ ଏହା ସହିତ ସଂଯୋଗ ହେଉଛି ଓ ବଡ଼ ବଡ଼ କୋଠା ଓ ଲୌହ ଟାୱାର ଦୁଇଟି ବିପରୀତ ମେଘକୁ ଟାଣିବାରେ ସହାୟକ ଏଇ ବର୍ଷାଦିନରେ ହେଉଛନ୍ତି। ଏ ପାଇଁ ସାଂଘାତିକ ଘଡ଼ଘଡ଼ି ବିଜୁଳି ହେଉଛି। ଏସବୁର ପ୍ରତିକାର ଏବେ କଣ କରାଯିବ ସମସ୍ତେ ଭାବିବା କଥା। ପୂର୍ବେ ବସ ଗୁଡ଼ଇକର ପଛ ଚକା ପାଖରେ ମାଟିରେ ଘୁଷୁରୀ ଘୁଷୁରୀ ଯିବା ପାଇଁ କିଛି ଲୁହାର ଜଞ୍ଜିର ଲାଗୁଥିଲା। ଏବେ ବସ ଗୁଡ଼ିକ କେବେ ଆରଥିଙ୍ଗ ହେବା ସମ୍ଭାବନା ନାହିଁ। ରେଲଗାଡ଼ି ସବୁ ଲୌହ ଧାରଣାରେ ଚାଲିଲେ ବି ଲାଇନ ଗୁଡ଼ିକ ଆରଥିଙ୍ଗ ସ୍ଥାନେ ସ୍ଥାନେ କରାଯାଇଛି। ପୂର୍ବେ ବହୁତ ଛତା ମିଳୁନଥିଲା ଯହିଁରେ ବାଉଁଶ କାଠ ବେତର ବେଣ୍ଟ ଥିଲା ଏବେ ସବୁ ଲହା ବେଣ୍ଟର ଛତା। ଖୋଲା ରାସ୍ତା ପଡ଼ିଆରେ ଗଲେ ଏହି ଛତା ଧାରକ ଘଡ଼ଘଡ଼ିରେ ପଡ଼ି ପାରନ୍ତି। ସବୁ ଉଚ୍ଚ ଘର ଗୁଡ଼ିକର ବିଦ୍ୟୁତ ଲାଇନ ବିଛା ଯିବା ବେଳେ ଆରଥିଙ୍ଗ କଥା ବିଭାଗୀୟ ବିଶେଷ ପରୀକ୍ଷା କରିବା ନିହାତି ଜରୁରୀ ପୁଣି ଛାତରୁ ଭିଜିଯାଏ ୨/୩ଟି ମୋଟା ତମ୍ବା ଆର୍ଥିଙ୍ଗ କରାଯିବା ନିହାତି ଆବଶ୍ୟକ। ଯେଉଁଠି କାରଖାନାର ଉଚ୍ଚା ଚେମିନୀ ଟେଲିଫୋନର ଟାୱାର ଅଛି ତାର ସାବଧାନତା ଆବଶ୍ୟକ ଅଛି। ଟାୱାର ବିକିରଣ ଟାୱାରରୁ କେତେ ଦୂର ଯାଏ ବୃତ୍ତ ପରି ହେଉଛି ଜାଣି ଚଳ ପ୍ରଚଳ ଆବଶ୍ୟକ। ମୋବାଇଲ ଫୋନର ବିକିରଣ ବି ବିଜୁଳିକୁ ଟାଣି ଆଣିପାରେ। ଏପାଇଁ ସାବଧାନତା ଆବଶ୍ୟକ। ଏ ସମୟରେ ଏ ଘଡ଼ଘଡ଼ି ନୁହେଁ ଭୈରବୀ ରଡ଼ି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍,**
**ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:**

## କେନ୍ଦ୍ର କ୍ୟାବିନେଟ୍‌ରେ ମିଳିଲା ମଞ୍ଜୁରୀ

# ଶ୍ରୀହରିକୋଟାରେ ପ୍ରତିଷ୍ଠା ହେବ ଇସ୍ରୋର ତୃତୀୟ ଲଞ୍ଚ ପ୍ୟାଡ୍



**ନୂଆଦିଲ୍ଲୀ,୧୬।୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଇସ୍ରୋର ସତୀଶ ଧୱନ ମହାକାଶ କେନ୍ଦ୍ରରେ ତୃତୀୟ ଲଞ୍ଚ ପ୍ୟାଡ (ଟିଏଲପି) ପ୍ରତିଷ୍ଠା ସଂକ୍ରାନ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଇସ୍ରୋର ପରବର୍ତ୍ତୀ ପିଢ଼ି ଉତକ୍ଷେପଣ ଯାନ ପାଇଁ ଶ୍ରୀହରିକୋଟାଠାରେ ଉତକ୍ଷେପଣ ଭିତ୍ତିଭୂମି ପ୍ରତିଷ୍ଠା ଉଦ୍ଦେଶ୍ୟରେ ତୃତୀୟ ଲଞ୍ଚ୍ ପ୍ୟାଡ୍ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଶ୍ରୀହରିକୋଟାଠାରେ ଥିବା ଦ୍ୱିତୀୟ ଲଞ୍ଚ ପ୍ୟାଡ୍ ପାଇଁ ସହାୟକ ଲଞ୍ଚ୍ ପ୍ୟାଡ୍ ଭାବେ ଏହାକୁ ଉପଯୋଗ କରାଯିବ। ଏହା ଭବିଷ୍ୟତରେ ଭାରତୀୟ ମାନବ ମହାକାଶ ଉଡ଼ାଣ ଅଭିଯାନର ଉତକ୍ଷେପଣ କ୍ଷମତାକୁ ମଧ୍ୟ ବୃଦ୍ଧି କରିବ।

ଟିଏଲପିକୁ ଏଭଳି ଢାଞ୍ଚା ପ୍ରଦାନ କରାଯାଇଛି ଯାହା ଯଥାସମ୍ଭବ ସାର୍ବଜନୀନ ଏବଂ ଅନୁକୂଳ। ଏହା କେବଳ ଏନଜିଏଲଭି ନୁହେଁ, ବରଂ ସେମିକ୍ରାୟୋଜେନିକ ପର୍ଯ୍ୟାୟ ସହିତ ଏଲଭିଏମ-୩ ଯାନ ତଥା ଏନଜିଏଲଭିର ଉନ୍ନତ ବିନ୍ୟାସ ବା କନଫିଗୁରେସନକୁ ମଧ୍ୟ ସମର୍ଥନ କରିପାରିବ। ପୂର୍ବବର୍ତ୍ତୀ ଲଞ୍ଚ୍ ପ୍ୟାଡ୍ ପ୍ରତିଷ୍ଠା ଏବଂ ବର୍ତ୍ତମାନ ଲଞ୍ଚ୍ କମ୍ପ୍ଲେକ୍ସ ସୁବିଧାଗୁଡ଼ିକୁ ଅନ୍ୟମାନଙ୍କ ଉପଯୋଗ ପାଇଁ ସର୍ବାଧିକ ସୁବିଧା ଦେବାରେ ଇସ୍ରୋର ଅଭିଜ୍ଞତାକୁ ସମ୍ପୂର୍ଣ୍ଣ ଉପଯୋଗ କରି ଶିଳ୍ପ କ୍ଷେତ୍ରର ସର୍ବାଧିକ ଅଂଶଗ୍ରହଣ ଜରିଆରେ ଏହା ସାକାର ହେବ। ଆସନ୍ତା ୪ ବର୍ଷ ମଧ୍ୟରେ ଟିଏଲପି ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖାଯାଇଛି।

ଏହି ଲଞ୍ଚ୍ ପ୍ୟାଡ୍ ପ୍ରତିଷ୍ଠା ପାଇଁ ୩୯୮୪.୮୬ କୋଟି ଟଙ୍କାର ବଜେଟ୍ ରହିଛି। ଏଥିରେ ଲଞ୍ଚ ପ୍ୟାଡ୍ ପ୍ରତିଷ୍ଠା ଏବଂ ଆନୁସଙ୍ଗିକ ସୁବିଧା ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଭାରତୀୟ ମହାକାଶ ଇକୋସିଷ୍ଟମକୁ ଅଧିକ ମହାକାଶଯାନ ଉତକ୍ଷେପଣ ଏବଂ ମାନବ ମହାକାଶ ଉଡ଼ାଣ ଓ ମହାକାଶ ଅନୁସନ୍ଧାନ ମିଶନ ହାତକୁ ନେବା ପାଇଁ ଜାତୀୟ କ୍ଷମତାକୁ ସକ୍ଷମ କରିବ। ସମ୍ପ୍ରତି ଭାରତୀୟ ମହାକାଶ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦୁଇଟି ଲଞ୍ଚ ପ୍ୟାଡ ଉପରେ ନିର୍ଭରଶୀଳ- ପ୍ରଥମ ଲଞ୍ଚ ପ୍ୟାଡ୍ (ଏଫଏଲପି) ଏବଂ ଦ୍ୱିତୀୟ ଲଞ୍ଚ ପ୍ୟାଡ୍ (ଏସଏଲପି)। ପିଏସଏଲଭି ପାଇଁ ୩୦ ବର୍ଷ ପୂର୍ବେ ଏଫଏଲପି ସ୍ଥାପନ କରାଯାଇଥିଲା ଏବଂ ଏହା ପିଏସଏଲଭି ଓ ଏସଏସଏଲଭିର ଉତକ୍ଷେପଣ ନିମନ୍ତେ ଏହାର ଉପଯୋଗ ଜାରି ରହିଛି। ଏସଏଲପିକୁ ମୁଖ୍ୟତଃ ଜିଏସଏଲଭି ଏବଂ ଏଲଭିଏମ ୩ ପାଇଁ ପ୍ରତିଷ୍ଠା କରାଯାଇଥିଲା ଏବଂ ପିଏସଏଲଭି ପାଇଁ ଏହା ଷ୍ଟାଣ୍ଡବାଇ ଭାବେ ମଧ୍ୟ କାର୍ଯ୍ୟ କରିଥାଏ। ଏସଏଲପି ପ୍ରାୟ ୨୦ ବର୍ଷ ଧରି କାର୍ଯ୍ୟକ୍ଷମ ରହିଛି ଏବଂ ଚନ୍ଦ୍ରଯାନ-୩ ମିଶନ ସମେତ ଜାତୀୟ ମିଶନ ଏବଂ ପିଏସଏଲଭି/ଏଲଭିଏମ-୩ର କିଛି ବ୍ୟବସାୟିକ ମିଶନକୁ ସକ୍ଷମ କରିବା ଲାଗି ଏହା ଉତକ୍ଷେପଣ କ୍ଷମତାକୁ ବୃଦ୍ଧି କରିଛି। ଗଗନଯାନ ଅଭିଯାନ ପାଇଁ ମାନବ ମାନ୍ୟତା ପ୍ରାପ୍ତ ଏଲଭିଏମ-୩ ଉତକ୍ଷେପଣ ନିମନ୍ତେ ମଧ୍ୟ ଏସଏଲପି ପ୍ରସ୍ତୁତ ହେଉଛି।

ଆସନ୍ତା ୨୦୩୫ ସୁଦ୍ଧା ଭାରତୀୟ ମହାକାଶ ଷ୍ଟେସନ (ବିଏଏସ୍) ପ୍ରତିଷ୍ଠା ଏବଂ ୨୦୪୦ ସୁଦ୍ଧା ଭାରତୀୟ ମହାକାଶ ଯାତ୍ରୀଙ୍କୁ ଚନ୍ଦ୍ରରେ ଅବତରଣ କରାଇବା ସମେତ ଅମୃତ କାଳରେ ଭାରତୀୟ ମହାକାଶ କାର୍ଯ୍ୟକ୍ରମର ବିସ୍ତାରିତ ଲକ୍ଷ୍ୟ ପାଇଁ ନୂତନ ପ୍ରପଲ୍ସନ ସିଷ୍ଟମ ସହ ଏକ ନୂଆ ପିଢ଼ିର ଭାରୀ ଉତକ୍ଷେପଣ ଯାନର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନର ଲଞ୍ଚ ପ୍ୟାଡ ଦ୍ୱାରା ପୂରଣ ହୋଇପାରିବ ନାହିଁ। ଅଧିକ ଭାରୀ ହୋଇଥିବା ପରବର୍ତ୍ତୀ ପିଢ଼ିର ଉତକ୍ଷେପଣ ଯାନଗୁଡ଼ିକୁ ଆବଶ୍ୟକତା ପୂରଣ କରିବା ଏବଂ ଏସଏଲପି ପାଇଁ ଏକ ଷ୍ଟାଣ୍ଡବାଇ ଭାବରେ ତୃତୀୟ ଲଞ୍ଚ ପ୍ୟାଡର ତ୍ୱରିତ ପ୍ରତିଷ୍ଠା ଅତ୍ୟନ୍ତ ଆବଶ୍ୟକ, ଯାହାଦ୍ୱାରା ଆଗାମୀ ୨୫-୩୦ ବର୍ଷ ଲାଗି ପରିବର୍ତ୍ତିତ ମହାକାଶ ପରିବହନ ଆବଶ୍ୟକତାକୁ ପୂରଣ କରାଯାଇପାରିବ।

## ସକାଳେ ସରିଲା ନିର୍ବନ୍ଧ, ମଧ୍ୟାହ୍ନରେ ଜୀବନ ହାରିଲେ ଯବାନ



**ନୂଆଦିଲ୍ଲୀ ୧୬।୧:** ଉତ୍ତରପ୍ରଦେଶର ବିଜନୌରରେ ପିଏସିର ଜଣେ ଯବାନଙ୍କ ମୃତଦେହ ଗଛରୁ ଉଦ୍ଧାର ହେବା ପରେ ଚାଞ୍ଚଲ୍ୟ ଖେଳି ଯାଇଛି। ଉଦ୍ଧାର ବେଳେ ଯବାନଙ୍କ ଦୁଇହାତ ପଛରେ ବନ୍ଧାଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକ ପୁଅକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି। ସୂଚନାଯୋଗ୍ୟ, ବିଜନୌରର ଅଫଜଲଗଡ଼ର ଯବାନ ଲୋକେନ୍ଦ୍ର ମୁରାଦାବାଦର ନବମ ବାଟାଲିୟନରେ ଚାକିରି କରୁଥିଲେ। ତାଙ୍କର ଡିୟୁଟି ପ୍ରୟାଗରାଜରେ ଚାଲୁଥିବା ମହାକୁମ୍ଭ ମେଳାରେ ପଡ଼ିଥିଲା। ଜାନୁଆରି ୧୫ ତାରିଖରେ ତାଙ୍କର ନିର୍ବନ୍ଧ ଥିବାରୁ ସେ ତିନିଦିନର ଛୁଟି ନେଇ ଘରକୁ ଆସିଥିଲେ।

ଅଧିକପଢ଼ନ୍ତୁ:ସୈଫଙ୍କୁ ତାଙ୍କ ଘରେ ଆକ୍ରମଣ କରାଯାଇଥିବା ଶୁଣି ଏଭଳି ଟ୍ୱିଟ କଲେ ଜୁନିୟର ଏନଟିଆର ଗତ ବୁଧବାର ଯବାନ ଲୋକେନ୍ଦ୍ରଙ୍କ ଧୁମଧାମରେ ନିର୍ବନ୍ଧ ଶେଷ ହୋଇଥିଲା। ନିର୍ବନ୍ଧ ପରେ ଲୋକେନ୍ଦ୍ରଙ୍କ ବିବାହ ଫେବ୍ରୁଆରି ୧୪ ତାରିଖରେ ହେବା ନେଇ ସ୍ଥିର ହୋଇଥିଲା। ନିର୍ବନ୍ଧ ଶେଷହେବାପରେ ଲୋକେନ୍ଦ୍ର କୌଣସି ଏକ କାମରେ ଘରୁ ବାହାରି ଯାଇଥିଲେ। ଅନେକ ସମୟ ବିତି ଯାଇଥିଲେ ସୁଦ୍ଧା ସେ ଘରକୁ ଫେରି ନଥିଲେ। ପରିବାରଲୋକେ ଯବାନ ଲୋକେନ୍ଦ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ତାଙ୍କ ଫୋନ ସୁଇଚ ଅଫ କହିଥିଲା। ଅନେକ ଖୋଜାଖୋଜି ପରେ ଗ୍ରାମ ନିକଟସ୍ଥ ଏକ ଜମିରେ ଥିବା ଗଛରେ ଯବାନଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ଗ୍ରାମବାସୀ ଲୋକେନ୍ଦ୍ରଙ୍କ ପରିବାର ସମେତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ମୃତ ଯବାନ ଲୋକେନ୍ଦ୍ରଙ୍କ ପକେଟରୁ ଏକ ନୋଟ ମିଳିଛି। ଏହି ନୋଟରେ ଉଲ୍ଲେଖ ଅଛି କି, ମୁଁ ଗତ ତିନିଚାରିମାସ ହେବ ବହୁତ ଚିନ୍ତାରେ ଥିଲି। ମୋର ଅନୁରୋଧ ଏଣିକି ମୋ ପରିବାକୁ ଏହି ଘଟଣା ପରେ ଯେମିତି କୌଣସି ପ୍ରକାରେ ହଇରାଣ କରାନଯାଉ।' ଏହି ନୋଟ ମିଳିବା ପରେ ପୁଲିସ ତଦନ୍ତ କରୁଛି କି ଲୋକେନ୍ଦ୍ରଙ୍କ ପକେଟରୁ ମିଳିଥିଲା ଚିଠି ସେ ନିଜେ ଲେଖିଛନ୍ତି। ନା କେହି ଜଣେ ଲେଖି ତାଙ୍କ ପକେଟରେ ରଖି ଦେଇଛନ୍ତି।

## ମଦ ଦୁର୍ନୀତି ମାମଲାରେ ଛତିଶଗଡ଼ର ପୂର୍ବତନ ଅବକାରୀ ମନ୍ତ୍ରୀ ଗିରଫ

**ରାୟପୁର, ୧୬।୧:** ମଦ ଦୁର୍ନୀତି ମାମଲାରେ ଛତିଶଗଡ଼ର ପୂର୍ବତନ ଅବକାରୀ ମନ୍ତ୍ରୀ କାୱାସି ଲଖମାଙ୍କୁ ଗିରଫ କରାଯାଇଛି । ଦୀର୍ଘ ଦିନର ପଚରାଉଚରା ପରେ ଇଡି କୱାସି ଲଖମାଙ୍କୁ ଗିରଫ କରିଛି ଇଡି। ବୁଧବାର ତାଙ୍କୁ ତୃତୀୟ ଥର ପାଇଁ ପଚରାଉଚରା ପାଇଁ ଇଡି କାର୍ଯ୍ୟାଳୟକୁ ଡକାଯାଇଥିଲା ଏବଂ ଏହି ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ମଦ ଦୁର୍ନୀତି ପଦାକୁ ଆସିବା ପରେ କବାସୀ ଲଖମା ସେତେବେଳେ କଂଗ୍ରେସ ସରକାରରେ ଅବକାରୀ ବିଭାଗର ମନ୍ତ୍ରୀ ଥିଲେ। ୨ହଜାର କୋଟି ରୁ ଅଧିକ ଟଙ୍କାର ଛତିଶଗଡ଼ ମଦ ଦୁର୍ନୀତିର ତଦନ୍ତ କରୁଛି ଇଡି। ଏହି ମାମଲାରେ ଅନେକ ଅଭିଯୁକ୍ତ ଜେଲରେ ଅଛନ୍ତି ।

ଏହି ଦୁର୍ନୀତିରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଛତିଶଗଡ଼ରେ ମଦ ଦୁର୍ନୀତି ନେଇ ଇଡିକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। କୁହାଯାଉଛି ଯେ ଏହି ପୁରା ଘଟଣା ୨୦୧୯ରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ୨୦୨୨ ପର୍ଯ୍ୟନ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ହୋଲୋଗ୍ରାମ ଲଗାଇ ବିପୁଳ ପରିମାଣରେ ବେଆଇନ ମଦ ବିକ୍ରି ହେଉଥିଲା। ଯେଉଁଥିପାଇଁ ଛତିଶଗଡ଼ର ରାଜସ୍ୱ ବିଭାଗକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା ।

ଇଡି କହିଛି ଯେ ମଦକୁ ସ୍କାନିଂରୁ ରକ୍ଷା କରିବା ପାଇଁ ନକଲି ହୋଲୋଗ୍ରାମ ମଧ ଲଗାଯାଇଥିଲା ଯାହା ଦ୍ୱାରା ମଦକୁ କେହି ଧରି ପାରିବେ ନାହିଁ । ସୂଚନା ଅନୁଯାୟୀ, ମଦ ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ନକଲି ହୋଲୋଗ୍ରାମ ତିଆରି କରିବା ପାଇଁ ଉତ୍ତରପ୍ରଦେଶର ନୋଏଡାରେ ହୋଲୋଗ୍ରାଫି କାମ କରୁଥିବା ଏକ କମ୍ପାନୀକୁ ଟେଣ୍ଡର ଦେଇଥିଲେ । ଯଦିଓ ଏହି କମ୍ପାନୀ ଏହି ପ୍ରକ୍ରିୟା ପାଇଁ ଯୋଗ୍ୟ ନଥିଲା, କିନ୍ତୁ ନିୟମରେ ସଂଶୋଧନ କରିବା ପରେ ମଧ ସେହି କମ୍ପାନୀକୁ ଏହି ଟେଣ୍ଡର ଦିଆଯାଇଥିଲା। ଏହା ବଦଳରେ କମ୍ପାନି ମାଲିକଙ୍କଠାରୁ କମିଶନ ନିଆଯାଇଥିଲା।ନୋଏଡାର ଏହି କମ୍ପାନିର ମାଲିକଙ୍କ ନାମ ବିଧୁ ଗୁପ୍ତା ଥିଲା, ଯେତେବେଳେ ବିଧୁ ଗୁପ୍ତାଙ୍କୁ ଇଡି ଗିରଫ କରିଥିଲା। ସେତେବେଳେ ସେ ଅରୁଣ ପତି ଏବଂ ଅନୱର ଧେବରଙ୍କ ନାମ ନେଇଥିଲେ। ଯାହା ପରେ ଗୋଟିଏ ପରେ ଗୋଟିଏ ପୂରା ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲାରେ ଅନିଲ ଟୁଟେଜା, ଅନୱାର ଢେବର ଓ ଏପି ତ୍ରିପାଠୀଗିରଫ ହେବା ପରେ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିବା ସହ କଂଗ୍ରେସ ବିଧାୟକ ତଥା ପୂର୍ବତନ ଅବକାରୀ ମନ୍ତ୍ରୀ କବାସୀ ଲଖମାଙ୍କ ନାଁ ସାମ୍ନାକୁ ଆସିଥିଲା। ଡିସେମ୍ବର ୨୮ରେ ଇଡି ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

## ଭୂମିକମ୍ପରେ ଥରିଲା ଆଫଗାନିସ୍ତାନ, ରିକ୍ଟର ସ୍କେଲରେ ତୀବ୍ରତା ୪.୨

**କାବୁଲ, ୧୬।୧:** ଥରିଲା ଆଫଗାନିସ୍ତାନ। ଗୁରୁବାର ଏଠାରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୨ ମପାଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ନ୍ୟାସନାଲ ସେଣ୍ଟର ଫର୍ ସିସ୍ମୋଲୋଜି ଅନୁସାରେ, ଗୁରୁବାର ସକାଳେ ଆଫଗାନିସ୍ତାନରେ ରିକ୍ଟର ସ୍କେଲରେ ୪.୨ ତୀବ୍ରତାର ଭୂମିକମ୍ପ ଆସିଥିଲା। ହଠାତ୍ ଭୂମି ଦୋହଲିବା ଦେଖି ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଭୂମିକମ୍ପର କେନ୍ଦ୍ରସ୍ଥଳ ୧୮୦ କିଲୋମିଟର ଗଭୀରରେ ଥିଲା। ପ୍ରାୟତଃ ଏଠାରେ ଭୂମିକମ୍ପ ଆସିଥାଏ। ମଙ୍ଗଳବାର ମଧ୍ୟ ଭୂମିକମ୍ପର ଝଟକା ଅନୁଭବ କରାଯାଇଥିଲା। ଆଫଗାନିସ୍ତାନର ପଡ଼ୋଶୀ ଦେଶ ତାଜାକିସ୍ତାନରେ ୪.୧ ତୀବ୍ରତାର ଭୂମିକମ୍ପ ଆସିଥିଲା। ୨୮ କିଲୋମିଟର ଗଭୀରତାରେ ଭୂମିକମ୍ପ କେନ୍ଦ୍ରୀଭୂତ ହୋଇଥିଲା। ନିକଟରେ ଦକ୍ଷିଣ-ପଶ୍ଚିମ ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ଆସିଥିଲା। ରିକ୍ଟର ସ୍କେଲରେ ତୀବ୍ରତା ଥିଲା ୬.୫। ଏହାପରେ ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଶରେ ସୁନାମୀ ଚେତାବନୀ ଜାରି କରିଥିଲା।

## ଖାଲିଦା ଜିଆଙ୍କୁ ଖଲାସ କଲେ ବାଂଲାଦେଶ ସୁପ୍ରିମକୋର୍ଟ



**ଢାକା, ୧୬।୧:** ଦୁର୍ନୀତି ମାମଲାରେ ବାଂଲାଦେଶ ହାଇକୋର୍ଟ ବାଂଲାଦେଶ ନ୍ୟାସନାଲିଷ୍ଟ୍ ପାର୍ଟି (ବିଏନ୍‌ପି)ର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆ (୭୯)ଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ମାମଲାରେ ଆଜି ଦେଶର ସୁପ୍ରିମକୋର୍ଟ ତାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଖଲିଦା ଜିଆ, ଆୱାମୀ ଲିଗ୍‌ର ନେତ୍ରୀ ତଥା ଗାଦଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ତୀବ୍ର ବିରୋଧୀ ଭାବେ ବେଶ୍ ପରିଚିତ। ଶେଖ୍ ହସିନାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ, ୮ ଫେବ୍ରୁଆରି ୨୦୧୮ରେ ଖାଲିଦା ଗିରଫ ହୋଇଥିଲେ।

ଜିଆ ଅନାଥାଳୟ ଟ୍ରଷ୍ଟର ପାଣ୍ଠି ଦୁରୁପଯୋଗ ମାମଲାରେ ଖାଲିଦା, ବିଏନ୍‌ପିର କାର୍ଯ୍ୟକାରୀ ସଭାପତି ତାରିକ ରହେମାନ୍ ଓ ଅନ୍ୟମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହି ମାମଲାରେ ଖାଲିଦା ୧୦ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇଥିଲେ। ତାରିକ ରହେମାନ୍, ସିଦ୍ଦିକି ଓ ମୋମିନୁର୍ ରହେମାନ୍ ଫେରାର୍ ହୋଇଯାଇଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ଗିରଫ କରାଯାଇଛି ବୋଲି ଉଭୟ ଖା ଲିଦା ଓ ତାଙ୍କ ଦଳ ଅଭିଯୋଗ କରିଥିଲେ। ନିଜର ଗିରଫଦାରି ବିରୋଧରେ ଖାଲିଦା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନକୁ ୧୧ ନଭେମ୍ବର ୨୦୨୪ରେ ସୁପ୍ରିମକୋର୍ଟ ବିଚାର ନିମନ୍ତେ ଗ୍ରହଣ କରିଥିଲେ।

## ସମସ୍ତ ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ବିଜେପି

# ସ୍ମୃତି-ନୂପୁରଙ୍କୁ ମିଳିଲାନି ଟିକେଟ





**ନୂଆଦିଲ୍ଲୀ,୧୬।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି (ଭାଜପା) ୬୮ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ଜେଡିୟୁ ଏବଂ ଏଲଜେପିକୁ ଦୁଇଟି ଆସନ ଦେଇଛି। ଏହିପରି, ଦିଲ୍ଲୀର ସମସ୍ତ ୭୦ଟି ଆସନରେ ଆମ ଆଦମୀ ପାର୍ଟି, ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ନିର୍ବାଚନରେ ସ୍ମୃତି ଇରାନୀ ଏବଂ ନୂପୁର ଶର୍ମାଙ୍କୁ ଟିକେଟ ଦିଆଯିବା ନେଇ ଆଲୋଚନା ହେଉଥିଲା, କିନ୍ତୁ ତାହା ହୋଇପାରିଲା ନାହିଁ।

ଏହି ନିର୍ବାଚନରେ ଭାଜପା ବଡ଼ ମୁଣ୍ଡ ଉପରେ ବାଜି ଲଗାଇଛି। ଯେପରିକି, ପୂର୍ବତନ ଏମପି ପ୍ରବେଶ ବର୍ମାଙ୍କୁ ନୂଆଦିଲ୍ଲୀ ଆସନରେ ଏବଂ ପୂର୍ବତନ ଏମପି ରମେଶ ବିଧୁରୀଙ୍କୁ କାଲକାଜୀ ଆସନରେ ଟିକେଟ ଦିଆଯାଇଛି। ଏପରି ପରିସ୍ଥିତିରେ, ଦଳ ବଳକା ଆସନ ପାଇଁ ଆଶ୍ଚର୍ଯ୍ୟଜନକ ନାମ ଅନ୍ତର୍ଭୁକ୍ତ କରିବାର ସମ୍ଭାବନା ଥିଲା। ସମାନ କ୍ରମରେ, ନିଲମ୍ବିତ ଭାଜପା ନେତ୍ରୀ ନୂପୁର ଶର୍ମାଙ୍କ ନାମ ମଧ୍ୟ ଉଠିଲା, ଯେଉଁଥିରେ ତାଙ୍କୁ ପୂର୍ବ ଦିଲ୍ଲୀର ବାବରପୁର ଆସନ ଦିଆଯିବ ବୋଲି କୁହାଯାଉଥିଲା। ହେଲେ ଦଳ ଏଠାରୁ ଅନିଲ ବଶିଷ୍ଠଙ୍କୁ ପ୍ରାର୍ଥୀ କରିଛି। ନୂପୁର ଶର୍ମା ଜୁନ ୨୦୨୨ ପର୍ଯ୍ୟନ୍ତ ଭାଜପାର ଜାତୀୟ ମୁଖପାତ୍ର ମଧ୍ୟ ଥିଲେ। କିନ୍ତୁ ଜୁନ ୨୦୨୨ରେ, ତାଙ୍କୁ ପୟଗମ୍ବର ମହମ୍ମଦ ଏବଂ ତାଙ୍କ ପତ୍ନୀଙ୍କ ବିଷୟରେ ବିବାଦୀୟ ମନ୍ତବ୍ୟ ଦେବା କାରଣରୁ ଦଳରୁ ନିଲମ୍ବିତ କରାଯାଇଥିଲା। ଏହା ପରେ ସେ ରାଜନୀତିରୁ ଦୂରେଇ ଯାଇଥିଲେ। ତାଙ୍କର ନିଲମ୍ବନ ଶେଷ ହେବାକୁ ଆହୁରି ତିନି ବର୍ଷ ବାକି ଅଛି। ନୂପୁର ଶର୍ମାଙ୍କ ମନ୍ତବ୍ୟକୁ ଅନେକ ମୁସଲିମ ଦେଶ ବିରୋଧ କରିଥିଲେ।

ସେହି ସମୟରେ, ଦିଲ୍ଲୀ ନିର୍ବାଚନରେ ଟିଭି କଳାକାର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ପ୍ରାର୍ଥୀ କରିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। କୁହାଯାଉଥିଲା ଯେ ଦଳ ତାଙ୍କୁ ଦିଲ୍ଲୀ କ୍ୟାଣ୍ଟ କିମ୍ବା ଗ୍ରେଟର କୈଳାସ ବିଧାନସଭା ଆସନରୁ ପ୍ରାର୍ଥୀ କରିପାରେ। କିନ୍ତୁ ଏହା ହୋଇପାରିଲା ନାହିଁ ଏବଂ ଭୁବନ ତନୱରଙ୍କୁ ଦିଲ୍ଲୀ କ୍ୟାଣ୍ଟରୁ ଟିକେଟ ମିଳିଗଲା। ଦଳ ଗ୍ରେଟର କୈଳାସରୁ ଶିଖା ରାୟଙ୍କୁ ପ୍ରାର୍ଥୀ କରିଛି।

## ମୁମ୍ବାଇକୁ ଅସୁରକ୍ଷିତ କହି ବିଜେପିକୁ ତେରେଚ୍ଛା ତୀର ମାରିଲେ କେଜ୍ରିୱାଲ

# ସୁରକ୍ଷା ଯୋଗାଇବାରେ ଡବଲ ଇଞ୍ଜିନ୍ ସରକାର ବିଫଳ



**ନୂଆଦିଲ୍ଲୀ, ୧୬।୧:** ବଲିଉଡ ଷ୍ଟାର୍ ସୈଫ ଅଲି ଖାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମୁମ୍ବାଇକୁ ଅସୁରକ୍ଷିତ ବୋଲି କହିଛନ୍ତି ଦିଲ୍ଲୀର ପୂର୍ବତନ ସିଏମ୍ ଅରବିନ୍ଦ କେଜ୍ରିଓ୍ୱାଲ। ସେ ଆହୁରି କହିଛନ୍ତି, ଏହାପୂର୍ବରୁ ସଲମାନ ଖାନଙ୍କୁ ଆକ୍ରମଣ କରାଯାଇଥିଲା। ବାବା ସିଦ୍ଦିକିଙ୍କୁ ହତ୍ୟା କରାଯାଇଥିଲା। ଯଦି ସରକାର ଏତେ ବଡ ସେଲିବ୍ରିଟିଙ୍କୁ ସୁରକ୍ଷା ଯୋଗାଇ ପାରିବେ ନାହିଁ, ତେବେ ସାଧାରଣ ଲୋକଙ୍କ ବିଷୟରେ କ'ଣ ହେବ? ଡବଲ ଇଞ୍ଜିନ ସରକାର ଭଲ ଶାସନ କିମ୍ବା ଲୋକଙ୍କୁ ସୁରକ୍ଷା ଯୋଗାଇ ପାରିବେ ନାହିଁ ବୋଲି ସେ କହିଛନ୍ତି। ସେପଟେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଅଭିନେତାଙ୍କ ସହ ଘଟିଥିବା ଏହି ଘଟଣାରେ ସିଏମ୍ କହିଛନ୍ତି ଯେ ପୋଲିସ ଏହି ପ୍ରସଙ୍ଗରେ ସୂଚନା ଦେଇଛି। ଯେଉଁ ଉଦ୍ଦେଶ୍ୟରେ ଏହି ଆକ୍ରମଣ କରାଯାଇଥିଲା, ତାହା ଆପଣଙ୍କ ସାମ୍ନାରେ ଅଛି। ଗୁରୁବାର କଙ୍ଗନା ରାଣାୱତଙ୍କ ଆଗାମୀ ଚଳଚ୍ଚିତ୍ର 'ଏମର୍ଜେନ୍ସୀ' ର ସ୍କ୍ରିନିଂରେ ସିଏମ୍ ଫଡନାଭିସ୍ ଯୋଗ ଦେଇଥିଲେ। ସିଏମ୍ ଦେବେନ୍ଦ୍ର ଫଡନାଭିସ୍ ନ୍ୟୁଜ୍ ଏଜେନ୍ସି ଏଏନ୍‌ଆଇ କୁ କହିଛନ୍ତି, 'ପୋଲିସ ଆପଣଙ୍କୁ ଏହି ଘଟଣା ସମ୍ପର୍କରେ ସମସ୍ତ ସୂଚନା ଦେଇଛି। ଏହା କି ପ୍ରକାର ଆକ୍ରମଣ। ପ୍ରକୃତରେ ଏହା ପଛରେ କଣ ଏବଂ ଆକ୍ରମଣ ପଛରେ ଉଦ୍ଦେଶ୍ୟ କ'ଣ ଥିଲା, ଏସବୁ ଆପଣଙ୍କ ସାମ୍ନାରେ। ସିଏମ୍ ଫଡନାଭିସ୍ କହିଛନ୍ତି, 'ତାଙ୍କ ଘରେ ପ୍ରବେଶ କରି ବଲିଉଡ ଅଭିନେତା ସୈଫ ଅଲି ଖାନଙ୍କ ଉପରେ ହୋଇଥିବା ଆକ୍ରମଣ ଏକ ଗୁରୁତର ଘଟଣା, କିନ୍ତୁ ଏହି କାରଣରୁ ମୁମ୍ବାଇକୁ ଅସୁରକ୍ଷିତ ବୋଲି କହିବା ଭୁଲ ହେବ। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଏବଂ ଦେଶର ଆର୍ଥିକ ରାଜଧାନୀକୁ ସୁରକ୍ଷିତ ରଖିବା ପାଇଁ ସରକାର ପଦକ୍ଷେପ ନେବେ।

ସୈଫ ଅଲି ଖାନଙ୍କ ଉପରେ ହୋଇଥିବା ଆକ୍ରମଣ ଉପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ମୁମ୍ବାଇ ଅସୁରକ୍ଷିତ ବୋଲି କହିବା ଭୁଲ। ମୁମ୍ବାଇ ସମ୍ପୂର୍ଣ୍ଣ ସୁରକ୍ଷିତ। ଏହି ଆକ୍ରମଣ ପଛରେ କେଉଁ ପ୍ରକାରର ଉଦ୍ଦେଶ୍ୟ ଥିଲା ତାହା ଖୁବ ଶୀଘ୍ର ପ୍ରକାଶ ପାଇବ। ଫଡନାଭିସ୍ ଗଣମାଧ୍ୟମକୁ କହିଛନ୍ତି, 'ମୁଁ ଭାବୁଛି ମୁମ୍ବାଇ ଦେଶର ବଡ ସହର ମଧ୍ୟରେ ସବୁଠାରୁ ସୁରକ୍ଷିତ। ଏହା ସତ୍ୟ ଯେ ବେଳେବେଳେ କିଛି ଘଟଣା ଘଟେ ଏବଂ ସେମାନଙ୍କୁ ଗମ୍ଭୀରତାର ସହ ନିଆଯିବା ଉଚିତ୍। କିନ୍ତୁ ଏଭଳି ଘଟଣା ଯୋଗୁଁ ମୁମ୍ବାଇ ଅସୁରକ୍ଷିତ ବୋଲି କହିବା ଠିକ୍ ନୁହେଁ। ଏପରି ମନ୍ତବ୍ୟ ଯୋଗୁଁ ମୁମ୍ବାଇର ଭାବମୂର୍ତ୍ତି ଖରାପ ହୋଇଯାଏ। ସହରକୁ ସୁରକ୍ଷିତ ରଖିବା ପାଇଁ ସରକାର ନିଶ୍ଚିତ ଭାବେ ଉଦ୍ୟମ କରିବେ। ସୈଫ ଅଲି ଖାନଙ୍କୁ ତାଙ୍କ ବାନ୍ଦ୍ରା ସ୍ଥିତ ଘରେ ଆକ୍ରମଣ କରାଯାଇଥିଲା। ଆକ୍ରମଣକାରୀ ତାଙ୍କୁ ୬ ଥର ଛୁରୀରେ ହତ୍ୟା କରିଥିଲା। ଏହି ଅଭିନେତାଙ୍କ ବେକ ଏବଂ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କର ଅପରେସନ୍ ସଫଳ ହୋଇଛି। ପରେ ଅଭିନେତାଙ୍କୁ ଲୀଲାବତୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୈଫ ଏବେ ବିପଦମୁକ୍ତ। ପୋଲିସ ଜଣେ ଅଭିଯୁକ୍ତକୁ ଚିହ୍ନଟ କରିଛି। ତଦନ୍ତ ପାଇଁ ପୋଲିସ ୧୦ଟି ଟିମ୍ ଗଠନ କରିଛି।

## ୩ ଭାରତୀୟ କମ୍ପାନୀ ଉପରୁ ବ୍ୟାନ୍ ହଟାଇଲା ଆମେରିକା

**ନୂଆଦିଲ୍ଲୀ, ୧୬।୧:** ଆମେରିକା ସରକାର ସମେତ ୩ ଭାରତୀୟ ପ୍ରତିଷ୍ଠାନ ଉପରୁ ଲାଗୁ ହୋଇଥିବା ପ୍ରତିବନ୍ଧକୁ ହଟାଇଛି । ଶୀତଳ ଯୁଦ୍ଧ ସମୟରେ ଇଣ୍ଡିଆନ୍ ରେୟାର ଆର୍ଥସ୍, ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟମିକ୍ ରିସର୍ଚ୍ଚ ଏବଂ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର ଏହି ତିନୋଟି ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ମାତ୍ର, କିଛି ଦିନ ପୂର୍ବରୁ ବିଡେନ ଆଡମିନିଷ୍ଟ୍ରେସନ୍ ଏଭଳି ନିଷ୍ପତ୍ତି ନେଇଛି । ବାଣିଜ୍ୟ ବିଭାଗର ଶିଳ୍ପ ଏବଂ ସୁରକ୍ଷା ବ୍ୟୁରୋ (ବିଆଇଏସ)ର କହିବାନୁସାରେ, ଆମେରିକୀୟ ପ୍ରଶାସନର ଏହି ପଦକ୍ଷେପ ମିଳିତ ଗବେଷଣା ଏବଂ ବିକାଶ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ସମେତ ଉନ୍ନତ ଶକ୍ତି ସହଯୋଗରେ ପ୍ରତିବନ୍ଧକଗୁଡ଼ିକୁ ହ୍ରାସ କରି ଆମେରିକୀୟ ବୈଦେଶିକ ନୀତି ଉଦ୍ଦେଶ୍ୟକୁ ସମର୍ଥନ କରିବ । ଯାହା ସହଭାଗୀ ଶକ୍ତି ସୁରକ୍ଷା ଆବଶ୍ୟକତା ପାଇଁ ସହାୟକ ହେବ । ଆମେରିକାର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ସ୍ୱାର୍ଥ ବିପରୀତ କାର୍ଯ୍ୟକଳାପ ପାଇଁ ପିପଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଅଧୀନରେ ୧୧ଟି ସଂସ୍ଥାକୁ ଏଣ୍ଟିଟି ତାଲିକାରେ ଯୋଡ଼ିଛି । ଆମେରିକା ଏବଂ ଭାରତ ଶାନ୍ତିପୂର୍ଣ୍ଣ ପରମାଣୁ ସହଯୋଗ ଏବଂ ସମ୍ବନ୍ଧିତ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଏବଂ ଗତ କିଛି ବର୍ଷ ଧରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ମଜବୁତ କରିଛନ୍ତି । ଏହା ଦୁଇ ଦେଶ ଏବଂ ବିଶ୍ୱର ସେମାନଙ୍କର ଅଂଶୀଦାରମାନଙ୍କୁ ପରମାଣୁ ବିଜ୍ଞାନର ଭବିଷ୍ୟତ ସହିତ ଯୋଡ଼ିଛି ଓ ଲାଭ ଦେଇଛି ବୋଲି ବିଆଇଏସ କହିଛି । ଅନ୍ୟପଟେ ରପ୍ତାନି ପ୍ରଶାସନ ପାଇଁ ବାଣିଜ୍ୟ ବିଭାଗର ପ୍ରମୁଖ ଉପ ସହାୟକ ସଚିବ ମାଥ୍ୟୁ ବୋରମ୍ୟାନ କହିଛନ୍ତି ଯେ, ତିନୋଟି ଭାରତୀୟ ସଂସ୍ଥା ଉପରୁ ପ୍ରତିବନ୍ଧକ ଉଠାଇବା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧରେ ସମ୍ପର୍କ ଘନିଷ୍ଠ ହେବ । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ସ୍ୱଚ୍ଛ ଶକ୍ତି ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରିବା ପାଇଁ ନିବିଡ଼ ସହଯୋଗ ହୋଇପାରିବ।

# ଦୁଇରୁ ଉର୍ଦ୍ଧ୍ୱ ସନ୍ତାନ ଥିଲେ ବି ଲଢ଼ିହେବ ପୌର ନିର୍ବାଚନ: ଚନ୍ଦ୍ରବାବୁ



**ବିଶାଖାପାଟଣା, ୧୬।୧:** ଦିନ ଥିଲା ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ପଞ୍ଚାୟତ କିମ୍ବା ପୌର ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆଯାଉନଥିଲା। କିନ୍ତୁ ଏବେ ସମୟ ବଦଳିଯାଇଛି । ଏବେ ଅଧିକ ସନ୍ତାନ ଥିବା ଲୋକଙ୍କୁ ହିଁ ନିର୍ବାଚନ ଲଢିବାକୁ ଅନୁମତି ମିଳିବାକୁ ଯାଉଛି ।

ଆନ୍ଧ୍ରପ୍ରଦେଶରେ ଏବେ ଲାଗୁ ହେବ ଏକ ନିଆରା ନିୟମ । ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଏପର୍ଯ୍ୟନ୍ତ କମ୍ ସନ୍ତାନ ଜନ୍ମ ପାଇଁ ନୀତି ଗ୍ରହଣ କରାଯାଉଥିଲା । କିନ୍ତୁ ଆନ୍ଧ୍ରପ୍ରଦେଶରେ ଏବେ ଅଧିକ ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦିଆଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଜଣେ ବ୍ୟକ୍ତି ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର କିମ୍ବା ମେୟର ହୋଇପାରିବେ। ଆନ୍ଧ୍ରପ୍ରଦେଶରେ ଏବେ ଅଧିକ ସନ୍ତାନ ଜନ୍ମ ଉପରେ ଗୁରୁତ୍ୱ ଦିଆଯାଉଛି । ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ଜଣେ ବ୍ୟକ୍ତି ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର କିମ୍ବା ମେୟର ହୋଇପାରିବେ।

ଏହା ଦ୍ୱାରା ଜନସଂଖ୍ୟା ହ୍ରାସକୁ ରୋକାଯାଇପାରିବ ବୋଲି ସେ ସଙ୍କେତ ଦେଇଛନ୍ତି। ଲୋକଙ୍କୁ ଅଧିକ ସନ୍ତାନ ଜନ୍ମ ପାଇଁ ପ୍ରୋତ୍ସାହିତ କରିବା ପାଇଁ ସେ ନୀତି ଆଣିବେ ବୋଲି ନାଇଡୁ କହିଛନ୍ତି। ଏକ ସମୟ ଥିଲା ଯେତେବେଳେ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ପଞ୍ଚାୟତ (ନିର୍ବାଚନ) କିମ୍ବା ସ୍ଥାନୀୟ ସଂସ୍ଥା ନିର୍ବାଚନ ଲଢ଼ିବାକୁ ଅନୁମତି ଦିଆଯାଉନଥିଲା। ଏବେ ମୁଁ କହୁଛି, କମ୍ ସନ୍ତାନ ଥିବା ବ୍ୟକ୍ତି ମାନେ ନିର୍ବାଚନ ଲଢ଼ିପାରିବେ ନାହିଁ। ଯଦି ଆପଣଙ୍କର ଦୁଇରୁ ଅଧିକ ସନ୍ତାନ ଅଛନ୍ତି ତେବେ ହିଁ ଆପଣ ସରପଞ୍ଚ, ମ୍ୟୁନିସିପାଲିଟି କାଉନସିଲର, ନିଗମ ସଭାପତି କିମ୍ବା ମେୟର ହେବେ । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ପ୍ରାୟ ୧୫ ବର୍ଷ ମଧ୍ୟରେ ଉତ୍ତର ଭାରତ ସ୍ଥିର ପ୍ରଜନନ ହାରର ଲାଭ ହରାଇପାରେ।

# ରଣଜୀ ଟ୍ରଫିଃ ଆହତ କାରଣରୁ ଖେଳିବେନି ସର୍ଫରାଜ ଖାନ୍



**ମୁମ୍ବାଇ,୧୬।୧:** ଭାରତୀୟ ଟେଷ୍ଟ ଦଳ ସହ ବର୍ଡର-ଗାଭାସ୍କର ଟ୍ରଫି ଖେଳିବା ପାଇଁ ଅଷ୍ଟ୍ରେଲିଆ ଯାତ୍ରା କରିଥିବା ସର୍ଫରାଜ ଖାନ୍ ଆଗାମୀ ରଣଜୀ ଟ୍ରଫିର ଦ୍ୱିତୀୟ ଭାଗ ଖେଳିବେ ନାହିଁ ବୋଲି ଜଣା ପଡ଼ିଛି। ତାଙ୍କ ପଞ୍ଜରାରେ ଆଘାତ ଲାଗିଛି। ଫଳରେ ତାଙ୍କୁ ବିଶ୍ରାମ ପାଇଁ ପରାମର୍ଶ ଦିଆଯାଇଥିବା ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଘୋଷଣା କରାଯାଇଛି। ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ପରାଜୟ ପରେ ସମସ୍ତ ଟେଷ୍ଟ ଦଳର ସଦସ୍ୟଙ୍କୁ ରଣଜୀ ଟ୍ରଫିର ଦ୍ୱିତୀୟ ଭାଗରେ ଖେଳିବା ପାଇଁ ବିସିସିଆଇ ପରାମର୍ଶ ଦେଇଥିଲା। ଇତି ମଧ୍ୟରେ ରୋହିତ ଶର୍ମା ମୁମ୍ବାଇ ଦଳ ସହ ଅଭ୍ୟାସ ଆରମ୍ଭ କରିଛନ୍ତି। ଯଶସ୍ୱୀ ଜୈସ୍ୱାଲ ମଧ୍ୟ ଜାମ୍ମୁ ଓ କାଶ୍ମୀର ବିପକ୍ଷ ମ୍ୟାଚ୍ ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେପଟେ ବିରାଟ କୋହଲି, ରିଷଭ ପନ୍ତ, ଶୁଭମନ ଗିଲ୍ ମଧ୍ୟ ନିଜ ନିଜ ରାଜ୍ୟ ପକ୍ଷରୁ ରଣଜୀ ଟ୍ରଫି ଖେଳିବେ।

## ହକି ଇଣ୍ଡିଆ ଲିଗ୍ଃ ବିଜୟ ଧାରାକୁ ଫେରିଲା ବେଙ୍ଗଲ ଟାଇଗର୍ସ ୫-୨ ଗୋଲରେ ରୁଦ୍ରସକୁ ହରାଇଲା




**ଭୁବନେଶ୍ୱର/ରାଉରକେଲା,୧୬।୧:** କ୍ରମାନ୍ୱୟରେ ୨ଟି ମ୍ୟାଚ୍ ହାରିବା ପରେ ଶେଷରେ ଶ୍ରାଚୀ ରାଢ଼ ବେଙ୍ଗଲ ଟାଇଗର୍ସ ଚଳିତ ଏଚ୍ଆଇଏଲରେ ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିଛି। ବୁଧବାର ଦଳ ୫-୨ ଗୋଲରେ ୟୁପି ରୁଦ୍ରସକୁ ପରାଜିତ କରିଥିଲା। ସଂପୂର୍ଣ୍ଣ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ୮,୧୦ ଓ ୧୪ ମିନିଟରେ ଗୋଲ୍ ଦେଇ ୩-୦ରେ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ କ୍ୱାର୍ଟର ଖେଳ ଗୋଲଶୂନ୍ୟ ରହିଥିଲା। ୩୩ ଓ ୪୬ ମିନିଟରେ ପୁଣି ଦଳ ଆଉ ୨ଟି ଗୋଲ୍ ଦେଇଥିଲା। ଅନ୍ତିମ କ୍ୱାର୍ଟରର ୪୭ ଓ ୫୧ ମିନିଟରେ ୟୁପି ରୁଦ୍ରସ ୨ଟି ଗୋଲ୍ ସ୍କୋର କରିଥିଲା। କିନ୍ତୁ ପରେ ଆଉ ଦଳ ଅଧିକ ସୁଯୋଗ ପାଇନଥିଲା। ଶେଷ ୯ ମିନିଟରେ ଟାଇଗର୍ସ ମଧ୍ୟ ଏକାଧିକ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଗୋଲ ହୋଇନଥିଲା। ପରିଶେଷରେ ବେଙ୍ଗଲ ଟାଇଗର୍ସ ୫-୨ ଗୋଲରେ ବିଜୟୀ ହୋଇ ପୂରା ପଏଣ୍ଟ ହାସଲ କରିଥିଲା। ୬ଟି ମ୍ୟାଚ୍‌ରୁ ୪ଟି ବିଜୟ ସହ ଦଳ ମୋଟ୍ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ଇଣ୍ଡିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଦ୍ୱିତୀୟ ରାଉଣ୍ଡ୍‌ରେ ପଣ୍ଡା ଭଉଣୀ




**ଭୁବନେଶ୍ୱର, ୧୬।୧:** ଇଣ୍ଡିଆନ୍ ଓପନ୍ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଓଡ଼ିଶାର ଋତାପର୍ଣ୍ଣ ପଣ୍ଡା ଓ ଶ୍ୱେତାପର୍ଣ୍ଣା ପଣ୍ଡା ବିଜୟ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ସେଟ୍ ହାରି ୦-୧ରେ ପଛୁଆ ରହିବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଏହି ଦୁଇ ଓଡ଼ିଆ ଝିଅ ପ୍ରଥମ ରାଉଣ୍ଡ୍‌ରେ ଥାଇଲାଣ୍ଡର ପଥରିନ୍ ଅମ୍ବଶ୍ରୀସକୁଲ ଓ ସାରିସା ଜାନପେଙ୍ଗଙ୍କୁ ୭-୨୧, ୨୧-୧୯ ଓ ୨୧-୧୪ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ତନିଷା କ୍ରାଷ୍ଟୋ-ଅଶ୍ୱିନୀ ପୋନାପ୍ପା ନିଜ ଦେଶର କାବ୍ୟା ଗୁପ୍ତା ଓ ରାଧିକା ଶର୍ମାଙ୍କୁ ୨୧-୧୧, ୨୧-୧୨ରେ ପରାସ୍ତ କରିଛନ୍ତି। ଏକକରେ ଅନୁପମା ଉପାଧ୍ୟାୟ ଭାରତର ରକ୍ଷିତା ଶ୍ରୀଙ୍କୁ ୨୧-୧୭, ୨୧-୧୮ରେ ହରାଇ ଆଗକୁ ବଢ଼ିଛନ୍ତି। ମାଳବିକା ବଂଶୋଦ ଜୋରଦାର ଲଢ଼େଇ କରିବା ସତ୍ତ୍ୱେ ବିଶ୍ୱମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଚୀନର ହାନ୍ ୟୁଙ୍ଗଠାରୁ ହାରି ବିଦାୟ ନେଇଥିଲେ। ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ତଥା ଅଲିମ୍ପିକ୍ସ ବିଜୟିନୀ ଆନ୍ ସେ ୟଙ୍ଗ ୨୨-୨୦, ୨୧-୧୫ରେ ଚାଇନିଜ୍ ତାଇପେଇର ଚିୟୁ ପିନ୍ ଚିନଙ୍କୁ ହରାଇ ଚମତ୍କାର ଢଙ୍ଗରେ ନିଜ ଅଭିଯାନ ଆରମ୍ଭ କରିଛନ୍ତି।

# ଫେଡେରର୍‌ଙ୍କୁ ଟପିଲେ ଜୋକୋଭିକ୍

## ରୁଡ୍‌ଙ୍କୁ ହରାଇଲେ ଜାକୁବ



**ମେଲ୍‌ବର୍ଣ୍ଣ, ୧୬।୧:** ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ବୁଧବାର ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ନୋଭାକ ଜୋକୋଭିକ୍ ନୂଆ ରେକର୍ଡ କରିଥିଲା ବେଳେ ନରୱେର କାସ୍‌ପର ରୁଡ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଚେକ୍‌ଗଣରାଜ୍ୟ ଯୁବକ ଜାକୁବ ମେନସିକ୍। ଆଜି ରଡ୍ ଲାଭର ଏରିନାରେ ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡ ଖେଳି ସର୍ବିୟା ତାରକା ଜୋ କୋଭିକ୍ ସର୍ବାଧିକ ଗ୍ରାଣ୍ଡ ସ୍ଲାମ୍ ମ୍ୟାଚ୍ ୪୩୦ର ମାଇଲଖୁଣ୍ଟ ଛୁଇଁଥିଲେ। ଏହି ରେକର୍ଡ ଅବସରପ୍ରାପ୍ତ ସ୍ୱିଜରଲାଣ୍ଡ କିଂବଦନ୍ତି ରୋଜର ଫେଡେରର୍ (୪୨୯)ଙ୍କ ନାମରେ ଥିଲା। ଏହି ମାଇଲଖୁଣ୍ଟ ମ୍ୟାଚ୍‌ରେ ଜୋ କୋଭିକ୍ ୬-୧, ୬-୭, ୬-୩, ୬-୨ ସେଟ୍‌ରେ ପର୍ତ୍ତୁଗିଜ୍ କ୍ୱାଲିଫାୟର୍ ଜିମି ଫାରିଆଙ୍କୁ ହରାଇଥିଲେ। ଏହି ବିଜୟ ସହ ଜୋକୋଭିକ୍ ଏଠାରେ ଏକାଦଶତମ ଟ୍ରଫି ଦିଗରେ ଆଉ ଏକ ପାଦ ବଢ଼ାଇଛନ୍ତି।

ଷଷ୍ଠ ମାନ୍ୟତାପ୍ରାପ୍ତ ତଥା ୩ ଗ୍ରାଣ୍ଡ ସ୍ଲାମ୍ ଫାଇନାଲିଷ୍ଟ୍ ରୁଡ୍‌ଙ୍କ ଅଭିଯାନ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇଛି। ତାଙ୍କୁ ୧୯ ବର୍ଷୀୟ ମେନ୍‌ସିକ୍ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ଅନ୍ୟ ପୁରୁଷ ଏକକ ମୁକାବିଲାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆଲେକ୍‌ଜାଣ୍ଡର ଭେରେଭ୍ ଓ ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା କାର୍ଲୋସ ଅଲ୍‌କାରାଜ୍ ସହଜ ବିଜୟ ସହ ତୃତୀୟ ରାଉଣ୍ଡ ସ୍ଥାନ ନିଶ୍ଚିତ କରିଛନ୍ତି। ଜର୍ମାନିର ଭେରେଭ୍ ୬-୧, ୬-୪, ୬-୧ ସେଟ୍‌ରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜ୍‌ଙ୍କୁ ଏବଂ ତୃତୀୟ ମାନ୍ୟତାପ୍ରାପ୍ତ ସ୍ପେନ୍‌ର ଅଲ୍‌କାରାଜ ୬-୦, ୬-୧, ୬-୪ ସେଟ୍‌ରେ ଜାପାନ୍‌ର ୟୋଶିହିତୋ ନିଶିଓକାଙ୍କୁ ହରାଇଛନ୍ତି। ମହିଳା ଏକକ ତୃତୀୟ ରାଉଣ୍ଡରେ ଶୀର୍ଷ ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କା, ତୃତୀୟ ମାନ୍ୟତାପ୍ରାପ୍ତ କୋକୋ ଗଫ୍, ସପ୍ତମ ମାନ୍ୟତାପ୍ରାପ୍ତ ଜେସିକା ପେଗୁଲା ଏବଂ ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ନାଓମି ଓସାକା ପହଞ୍ଚିଛନ୍ତି। ହେଲେ ଗତ ସଂସ୍କରଣ ଫାଇନାଲିଷ୍ଟ ଏବଂ ଅଲିମ୍ପିକ୍ ବିଜୟିନୀ କ୍ୱିନ୍‌ୱେନ୍ ଝେଙ୍ଗ୍ ବିଦାୟ ନେଇଛନ୍ତି। ଗତ ଦୁଇ ସଂସ୍କରଣ ବିଜେତା ବେଲାରୁଷ ଲଳନା ସାବାଲେଙ୍କା ୬-୩, ୭-୫ ସେଟ୍‌ରେ ସ୍ପେନ୍‌ର ଜେସିକା ବୌଜାସ୍ ମାନିରୋଙ୍କୁ ହରାଇଛନ୍ତି। ଏହି ବିଜୟ ସହ ୟୁଏସ୍ ଓପନ୍ ବିଜୟିନୀ ଏଠାରେ ହ୍ୟାଟ୍ରିକ୍ ଲାଗି ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ଆମେରିକାର ଗଫ୍ ୬-୩, ୭-୫ ସେଟ୍‌ରେ ବ୍ରିଟିସ୍ ଖେଳାଳି ଯୋଡି ଆନ୍ନା ବୁରାଜେଙ୍କୁ, ଆମେରିକାର ପେଗୁଲା ୬-୪, ୬-୨ ସେଟ୍‌ରେ ବେଲ୍‌ଜିୟମ୍‌ର ଏଲିନ୍ ମର୍ଟେନ୍ସଙ୍କୁ ଏବଂ ଜାପାନ୍‌ର ଓସାକା ୧-୬, ୬-୧, ୬-୩ ସେଟ୍‌ରେ ଚେକ୍‌ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ହରାଇଥିଲେ। ଚୀନ୍‌ର ଝେଙ୍ଗ୍ ୬-୭, ୩-୬ ସେଟ୍‌ରେ ଜର୍ମାନୀର ଲୌରା ସିଗ୍‌ମୁଣ୍ଡଙ୍କଠୁ ହାରି ଯାଇଥିଲେ।

## ଖୋ ଖୋ ବିଶ୍ୱକପ୍ଃ ପୁରୁଷ ବର୍ଗ କ୍ୱାର୍ଟର ଫାଇନାଲରେ ଭାରତ

**ନୂଆଦିଲ୍ଲୀ,୧୬।୧:** ଖୋ ଖୋ ବିଶ୍ୱକପ୍‌ରେ ଭାରତ ପୁରୁଷ ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପେରୁକୁ ଦଳ ୭୦-୩୮ରେ ପରାଜିତ କରିଥିଲା। ଭାରତର ପ୍ରଦର୍ଶନ ବେଶ ଉନ୍ନତ ରହିଥିଲା। ଉଭୟ ଟର୍ଣ୍ଣରେ ଦଳ ଚମତ୍କାର ପ୍ରଦର୍ଶନ କରି ପେରୁକୁ ୩୨ ପଏଣ୍ଟରେ ପେରୁକୁ ପରାଜିତ କରିଥିଲା। ଏଥିସହ ଦଳ ଟାଇଟଲ ଜିତିବା ନେଇ ପ୍ରମୁଖ ଦାବିଦାର ଭାବେ ଉଭା ହୋଇଛି। ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଇରାନ, କେନିଆ ଓ ଶ୍ରୀଲଙ୍କା ବିଜୟୀ ହୋଇଛନ୍ତି। ମହିଳାରେ ଭାରତ ୧୦୦-୧୬ରେ ଇରାନକୁ ପରାଜିତ କରିଥିଲା। ମାତ୍ର ୩୩ ସେକେଣ୍ଡରେ ଇରାନର ପ୍ରଥମ ବ୍ୟାଚ୍ ଖେଳାଳି ଅଲଆଉଟ୍ ହୋଇଥିଲେ। ପୂରା ମ୍ୟାଚ୍‌ରେ ଏଭଳି ପ୍ରଭାବ ବିସ୍ତାର କରି ଖେଳିଥିଲା ଭାରତ। ଶେଷରେ ବିଶାଳ ବ୍ୟବଧାନରେ ବିଜୟ ହାସଲ କରିଥିଲା।



## ଜାତୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକଃ ପ୍ରଥମ ଥର ଭାଗନେବ ଓଡ଼ିଶା ମହିଳା ଜିମ୍ନାଷ୍ଟିକ୍ସ ଦଳ

**ଭୁବନେଶ୍ୱର,୧୬।୧:** ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ବୈଠକ ଡେରାଡୁନ୍‌ରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଓଡ଼ିଶା ଦଳର ସେଫ୍-ଡି-ମିସନ୍ ଅଶୋକ ସାହୁ ଯୋଗ ଦେଇଥିଲେ। ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଅନେକ ଭିଭିଆଇପିଙ୍କ ଆଗମନ ମଧ ହେବ। ତେଣୁ ଖେଳାଳିଙ୍କ ସହିତ ଅତିଥିମାନଙ୍କର ରହଣି ଓ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଜାତୀୟ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଓଡ଼ିଶାର ମହିଳା ଜିମ୍ନାଷ୍ଟିକ୍ସ ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ଗତ ଡିସେମ୍ବରରେ ଶେଷ ହୋଇଥିବା ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନରେ ରହିଥିଲା। ଏହି ଦଳରେ ଖେଳିଥିବା ତନୁ, କରିସ୍ମା, ଅଦିତି, ଲକ୍ଷ୍ମୀପ୍ରିୟା ସୁନ୍ଦରାୟ, ରିତିକା ଦାସ, ପ୍ରୀତି ରେଡ୍ଡୀ ପ୍ରଥମ ଥର ଜାତୀୟ କ୍ରୀଡ଼ାରେ ଖେଳିବାର ଅଭିଜ୍ଞତା ପାଇବେ। ଫେବ୍ରୁଆରି ୮ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍ସର ବିଭିନ୍ନ ଇଭେଣ୍ଟ୍‌ଗୁଡ଼ିକ ଅନୁଷ୍ଠିତ ହେବ। ଏଥିସହିତ ପୁରୁଷ ଜିମ୍ନାଷ୍ଟିକ୍ ଦଳ ମଧ ଅଂଶଗ୍ରହଣ କରିବ।

# ଫେବ୍ରୁଆରୀ ୨୩ରେ ଓସିଏର ନୂଆ ସଭାପତି ଚୟନ






**କଟକ,୧୬।୧:** ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ)ର ସଭାପତି ପଦରୁ ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସଙ୍କ ଇସ୍ତଫା ପରେ ଏବେ ସଂଘର ସ୍ଥାୟୀ ସଭାପତି କିଏ ହେବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଓସିଏର ପରବର୍ତ୍ତୀ ନିର୍ବାଚନକୁ ପ୍ରାୟ ୮ମାସ ବାକି ଥିବା ବେଳେ ସେତେଯାଏ ସଂଘର ସଭାପତି ପଦବିକୁ ପୂରଣ କରିବାକୁ ହେବ। ଯଦିଓ ଉପସଭାପତି ପଙ୍କଜ ଲୋଚନ ମହାନ୍ତି କାମଚଳା ସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି, କିନ୍ତୁ ପୂର୍ବତନ ସଭାପତି ପ୍ରଣବପ୍ରକାଶଙ୍କ ଇସ୍ତଫା ଦେବାର ୪୫ଦିନ ଭିତରେ ଓସିଏ ସଭାପତି ପଦବି ପୂରଣ କରିବାକୁ ହେବ। ଏନେଇ ଓସିଏ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ଓସିଏର ନିର୍ବାଚନ ଅଧିକାରୀ ଏମ୍. ଏଲ୍. ମଜୁମଦାର ଓସିଏ ଅନୁବନ୍ଧିତ ୟୁନିଟ୍ ଅର୍ଥାତ୍ କ୍ଲବ୍, ଜିଲ୍ଲା ସଂଘଙ୍କ ସମେତ ଅନ୍ୟମାନଙ୍କୁ ଚିଠି କରି ଓସିଏ ନିର୍ବାଚନକୁ ପ୍ରତିନିଧିତ୍ୱ କିଏ କରିବ ତା'ର ତାଲିକା ମାଗିଛନ୍ତି। ଜାନୁୟାରୀ ୨୭ ତାରିଖ ସୁଦ୍ଧା ଅନୁବନ୍ଧିତ ୟୁନିଟ୍ ମାନେ ତାଲିକା ପ୍ରଦାନ କରିବେ। ୩୧ ତାରିଖ ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଫେବ୍ରୁଆରୀ ୧୦ ତାରିଖ ସୁଦ୍ଧା ନୂଆ ସଭାପତି ଦାୟିତ୍ୱ ନେବାର ନିୟମ ରହିଥିବା ବେଳେ ଫେବ୍ରୁଆରୀ ୯ ତାରିଖ ଭାରତ-ଇଂଲଣ୍ଡ ଦିନିକିଆ ପାଇଁ ସ୍ୱତନ୍ତ୍ର ଏଜିଏମ୍‌କୁ ଫେବ୍ରୁଆରୀ ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଓସିଏ ସଭାପତି ପ୍ରଣବପ୍ରକାଶ ଦାସ ଇସ୍ତଫା ଦେବାର ପ୍ରାୟ ୨୦ ଦିନ ବିତିବାକୁ ଆସିଲାଣି। ଏବେ ଆଠ ମାସିଆ ସଭାପତି କିଏ ହେବ ତାକୁ ନେଇ ଅନେକ ଚର୍ଚ୍ଚିତ ଚେହେରାଙ୍କ ନାଁ ଶୁଣାଯାଉଛି। କାମଚଳା ସଭାପତି ଦାୟିତ୍ୱରେ ଥିବା ପଙ୍କଜଲୋଚନ ମହାନ୍ତି ପୁଣିଥରେ ସଭାପତି ପଦବିକୁ ଫେରିବେ। ଯଦିଓ ଏନେଇ ଏବେ ସୁଦ୍ଧା କୌଣସି ସ୍ପଷ୍ଟ ହୋଇନାହିଁ, ତଥାପି ନିର୍ବାଚନ ଯାଏ ଶ୍ରୀ ମହାନ୍ତିଙ୍କୁ ସଭାପତି କରିବାକୁ ଓସିଏ କାଉନସିଲ୍ ସଦସ୍ୟ ମାନେ ଚାହୁଁଛନ୍ତି।ପଙ୍କଜ ପୂର୍ବରୁ ଅର୍ଥାତ୍ ୨୦୧୯-୨୨ ବର୍ଷ ଯାଏ ଓସିଏ ସଭାପତି ଭାବେ ୩ବର୍ଷ କାର୍ଯ୍ୟ କରିସାରିଛନ୍ତି। ସଭାପତି କାର୍ଯ୍ୟ ନିର୍ବାହ କରିବାରେ ତାଙ୍କର ଅଭିଜ୍ଞତା ରହିଛି। ତେଣୁ ପଙ୍କଜଙ୍କୁ ଯଦି ସ୍ଥାୟୀ ସଭାପତି କରାଯାଏ, ଉପସଭାପତି ପଦବି ଫାଙ୍କା ପଡ଼ିବ। ଏହି ପଦକୁ ଓସିଏର ଅନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଅଣାଯିବାର ସମ୍ଭାବନା ରହିଛି। ଏହି ଦୌଡ଼ରେ ଆପେକ୍ସ କାଉନସିଲ୍ ସଦସ୍ୟ ପ୍ରତାପ ପ୍ରଧାନ ଆଗରେ ରହିଥିବା କୁହାଯାଉଛି। ତେବେ ଏହି ୮ ମାସିଆ ପଦ ପଦବିରେ ନୂଆ ଚେହେରା ସାମ୍ନାକୁ ଆସିବାର ସମ୍ଭାବନା କ୍ଷୀଣ ରହିଥିବା ବେଳେ ଯଦି କୌଣସି ସଦସ୍ୟ ସଭାପତି ପଦବି ପାଇଁ ନିର୍ବାଚନ ଲଢ଼ିବାକୁ ଚାହାନ୍ତି ତେବେ ତାଙ୍କୁ ନେଇ ଭୋଟ୍ କରାଯାଇପାରେ।

ଅନ୍ୟପକ୍ଷରେ ଓସିଏକୁ ଆସିବାକୁ ଥିବା ନୂଆ ଟିମ୍ ମଧ୍ୟବର୍ତ୍ତୀକାଳୀନ କାର୍ଯ୍ୟକାଳ ଅର୍ଥାତ୍ ଏହି ୮ ମାସ ପାଇଁ ଓସିଏକୁ ଆସି ନପାରନ୍ତି। ବିସିସିଆଇର ସମ୍ବିଧାନ ଅନୁସାରେ ଜଣେ କାର୍ଯ୍ୟକର୍ତ୍ତା ଲଗାତାର ଦୁଇଥର ଅର୍ଥାତ୍ ୬ ବର୍ଷ ପାଇଁ କୌଣସି ପଦ ପଦବିରେ ରହିପାରିବେ। ସମାନ ନିୟମ ଓସିଏ ପାଇଁ ମଧ୍ୟ ରହିଛି। ଏ ସ୍ଥିତିରେ ନୂଆ ଟିମ୍ ଅକ୍ଟୋବର କିମ୍ବା ନଭେମ୍ବରରେ ହେବାକୁ ଥିବା ନୂଆ ନିର୍ବାଚନରେ ସାମିଲ୍ ହୋଇପାରନ୍ତି। ଯଦି ବିସିସିଆଇର ବର୍ତ୍ତମାନ ସମ୍ବିଧାନ ଅନୁସାରେ ନିର୍ବାଚନ ହୁଏ, ଏଥିରେ ଓସିଏର ବର୍ତ୍ତମାନ କାର୍ଯ୍ୟକର୍ତ୍ତା ମଣ୍ଡଳୀ ସମ୍ପୂର୍ଣ୍ଣ ବଦଳିବ। ସହମତି ଭିତ୍ତିରେ ନୂଆ ଟିମ୍ ଓସିଏକୁ ଆସିବାର ସମ୍ଭାବନା ଥିବା କୁହାଯାଉଛି। ନୂଆ ନିର୍ବାଚନରେ ବିଜେପିର ପ୍ରଭାବ ମଧ୍ୟ ରହିବ ବୋଲି ଆକଳନ କରାଯାଉଛି।

### ପୁଣି ଶିରିପା ପିନ୍ଧିପାରନ୍ତି ପଙ୍କଜ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଙ୍ଗଲ...

ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାର କୋମନା ଥାନା ଅଞ୍ଚଳରେ ଲୋକେ ବାଘକୁ ମାରି ତା' ମାଂସକୁ ଖାଇ ଯାଇଛନ୍ତି। ଏହି ଘଟଣାରେ ଚାରିଟି ପରିବାର ବାସନ୍ଦର ସମ୍ମୁଖୀନ ହୋଇଛନ୍ତି । ତେବେ ବାଘ ମାରି ମାଂସ ଖାଇବା ଅତ୍ୟନ୍ତ ବିରଳ ଘଟଣା ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ଗୋଟିଏ ପଟେ ରାଜ୍ୟ ସରକାର ବାଘବଂଶ ବିସ୍ତାର ପାଇଁ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରୁ ମହାବଳ ଆଣି ବ୍ୟାପକ ଖର୍ଚ୍ଚାନ୍ତ ସହିତ ନାକେତମ ହେଉଥିବାବେଳେ ଅନ୍ୟପଟେ ବାଘମାରି ଲୋକେ ଭୋଜି କରିବାରେ ଲାଗିଛନ୍ତି । ଶିମିଳିପାଳରେ ଦୃଶ୍ୟମାନ ହେଉଥିବା କଳା ବାଘକୁ ବି ଲୋକେ ମାରି ଛାଲ ବିକ୍ରିବେଳେ ଧରା ପଡିଲେଣି ।

ରାଜ୍ୟର ଜଙ୍ଗଲଗୁଡିକରେ ଶିକାରୀମାନେ ଗୁଳି ଚଳାଇବା ସହିତ ବିଦ୍ୟୁତ୍ ତାର ବିଛାଇବା, ବିଷୟ ପ୍ରୟୋଗ ଭଳି ବ୍ୟବସ୍ଥାକୁ ଆପଣଉଛନ୍ତି । ଏହାବାଦ୍ ସଡକ ଓ ରେଳ ଦୁର୍ଘଟଣାରେ ବି ହାତୀ ଓ ଅନ୍ୟ ଜୀବଙ୍କ ପ୍ରାଣ ଯାଉଛି। ବହୁ କ୍ଷେତ୍ରରେ ଶିକାରୀଙ୍କ ପତ୍ତା ନମିଳିଲେ ହାତୀ ଓ ଅନ୍ୟାନ୍ୟ ପଶୁଙ୍କ ମୃତ୍ୟୁକୁ ବନ ବିଭାଗ ପ୍ରାକୃତିକ ଦର୍ଶାଇ କାମ ସାରିଦେଉଛି । ବାର୍‌ହା ଓ ହରିଣ ଶିକାର ରାଜ୍ୟର ଜଙ୍ଗଲ ଇଲକାରେ ନିୟମିତ ଘଟଣା ହୋଇଥିବାବେଳେ ବନ ବିଭାଗ ଏହାକୁ କିଭଳି ରୋକିବ ତାହା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଲାଣି । ଗୋଟିଏ ପଟେ ଶିଳ୍ପ ଓ ଖଣି ଭଳି ଅଣଜଙ୍ଗଲ କାର୍ଯ୍ୟ ପାଇଁ ରାଜ୍ୟରେ ଜଙ୍ଗଲ ପଦା ହେଉଥିବାବେଳେ ବହୁ ସ୍ଥାନରେ ସହର ବି ଜଙ୍ଗଲକୁ ଗିଳିବାରେ ଲାଗିଛି । ତେବେ ଯେଉଁଠାରେ ଘଞ୍ଚ ଜଙ୍ଗଲ ରହିଛି ସେଠାରେ କିଭଳି ବାଘ, ହାତୀଙ୍କ ଭଳି ବିରଳ ପଶୁ ସୁରକ୍ଷିତ ରହିବେ ତାହାକୁ ନେଇ ସରକାର ବିଭିନ୍ନ ଯୋଜନା ଆପଣଉଥିବାବେଳେ ଏବେ ଲୋକେ ଏହି ପଶୁମାନଙ୍କୁ ଶିକାର କରିବା ସହିତ ସେମାନଙ୍କ ଚମଡା, ହାଡ, ଦାନ୍ତ ଆଦିକୁ ନେଇ ବ୍ୟବସାୟ କରିବା ଯୋଗୁଁ ରାଜ୍ୟର ଜଙ୍ଗଲରେ ପଶୁମାନେ ଅସୁରକ୍ଷିତ ହୋଇ ପଡୁଛନ୍ତି। ଏଭଳି ସ୍ଥିତି ଲାଗି ରହିଲେ ଓଡ଼ିଶା ଜଙ୍ଗଲ କେବଳ ପଶୁ ଶୂନ୍ୟ ହେବନାହିଁ ସାରା ଦେଶରେ ରାଜ୍ୟ ଦୁର୍ନାମ ମୁଣ୍ଡାଇବା ସାର ହେବ ।

### ବୁଲେଟ୍...

ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣାରେ ସୈଫ୍‌ଙ୍କ ବେକ ଓ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କର ନ୍ୟୁରୋ ସର୍ଜରୀ କରାଯାଇଛି। ତାଙ୍କ ମେରୁହାଡ଼ରୁ ଏକ ୨.୫ ଇଞ୍ଚ୍‌ର ଛୁରୀ ବାହାରିଥିବା ଡାକ୍ତରମାନେ କହିଛନ୍ତି। ଏହି ଘଟଣାରେ ଆଉ ଜଣେ ନର୍ସ ଆହତ ହୋଇଛନ୍ତି। ଉକ୍ତ ନର୍ସ ଜଣଙ୍କ ସୈଫ୍‌ଙ୍କଠାରୁ ଦୁର୍ବୃତ୍ତ କୋଟିଏ ଟଙ୍କା ଦାବି କରିଥିବା ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି।

ଘଟଣା ସମ୍ପର୍କରେ ଜାଣିବା ପରେ ବାନ୍ଦ୍ରା ପୁଲିସ୍ ଯାଞ୍ଚ ପାଇଁ ସୈଫ୍‌ଙ୍କ ଘରେ ପହଞ୍ଚି ଛାନ୍‌ଭିନ୍ କରିବା ସହ ଫରେନସିକ ଟିମ ମଧ୍ୟ ପହଞ୍ଚିଥିଲା। ପ୍ରମାଣ ସଂଗ୍ରହ କରିବା ସହ ଫରେନ୍‌ସିକ୍ ଟିମ୍ ଅଧିକ ଜାଣିବା ସକାଶେ ଉଦ୍ୟମ ଚଳାଇଥିବା ବେଳେ ପୁଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତକୁ ଖୋଜିବା କାମରେ ଲାଗିପଡ଼ିଥିଲା। ପୁଲିସ୍ ଅଭିଯୁକ୍ତକୁ ଧରିବା ସକାଶେ ଏକ ୧୦ଜଣିଆ ଟିମ ଗଠନ କରି ଆଖପାଖ ଅଞ୍ଚଳର ୨୫ରୁ ୩୦ଟି ସିସିଟିଭି ଫୁଟେଜର ଯାଞ୍ଚ କରିଥିଲା। ଏକ ସିସିଟିଭି ଫୁଟେଜରେ ଉକ୍ତ ଦୁର୍ବୃତ୍ତ ଜଣଙ୍କ ଶିଡ଼ି ଦେଇ ଯାଉଥିବାର ଦୃଶ୍ୟ କଏଦ ହୋଇଛି। ତେବେ ଦୁର୍ବୃର୍ତ୍ତ ଜଣଙ୍କ ଘର ଭିତରେ ଜବରଦସ୍ତି ପ୍ରବେଶ କରିବା ନେଇ କୌଣସି ପ୍ରମାଣ ନାହିଁ ବୋଲି ପୁଲିସ କହିଛି। ସେ କିପରି ଘରେ ପ୍ରବେଶ କଲା, ତା' ଜାଣିବା ସକାଶେ ସୈଫଙ୍କ ଘରେ ପୁଲିସ ଯାଞ୍ଚ କରିଛି।

### ଦଳକୁ...

ପାଖରେ ଦାବି କରିବାକୁ ମଧ୍ୟ କ୍ଷେତ୍ର ପ୍ରସ୍ତୁତ ହେଉଛି। କ୍ରୀତଦାସଙ୍କ ଚେନରେ ଥିବା କିଛି ନେତାଙ୍କୁ ଏଥିପାଇଁ ଫିଟ୍ କରାଯାଇଛି। ଏମିତି ଏକ ସ୍କ୍ରିନ ପ୍ଲେ ଜରିଆରେ ପ୍ରଚାର କରାଯିବ ଯେ, ବିଜେଡିର ତୃଣମୂଳ ସ୍ତରର ନେତା ଓ କର୍ମୀମାନେ ସନ୍ୟାସୀଙ୍କୁ ଝୁରୁଛନ୍ତି ଆଉ ସେମାନଙ୍କ ଅନୁରୋଧକୁ ରକ୍ଷା କରି ତାଙ୍କୁ ରାଜନୀତିକୁ ଫେରିଆସିବାକୁ ନବୀନ ନିବାସରୁ ଡାକରା ଯିବା ବିଜେଡିର ଏହିସବୁ ନେତାମାନେ ନିଜ ନିଜର ରାଜନୈତିକ ଭବିଷ୍ୟତ ପାଇଁ ସନ୍ୟାସୀଙ୍କୁ ଢାଲ ବନାଇବାକୁ ଯୋଜନା କରୁଛନ୍ତି।

କାରଣ ବିଜେପି ହେଉ କି କଂଗ୍ରେସ, ସମସ୍ତଙ୍କ ଟାର୍ଗେଟରେ ଅଛନ୍ତି ସନ୍ୟାସୀ। ତେଣୁ ତାଙ୍କୁ ଢାଲ କରି ଏହି ନେତାମାନେ ନିଜ ନିଜର ରାଜନୈତିକ ସ୍ୱାର୍ଥ ସିଦ୍ଧି କରିବାକୁ ଚାହୁଁଛନ୍ତି। ନବୀନ ପୂର୍ବପରି ଆଉ ଆକ୍ଟିଭ ନାହାଁନ୍ତି କି ନେତାଙ୍କୁ ରାଜନୈତିକ ସୁରକ୍ଷା ଦେବାକୁ ତାଙ୍କ ବୟସ ତାଙ୍କୁ ଅନୁମତି ଦେଉନାହିଁ। ଯାହାଦ୍ୱାରା ଆଗାମୀ ଦିନରେ ସନ୍ୟାସୀ ବିଜେଡିର ଚେହେରା ହେବେ ଆଉ ପୂର୍ବପରି କ୍ରୀତଦାସ ତାଙ୍କ ଅଢୁଆଳରେ ରହି ସାଜିବେ ରିଙ୍ଗ ମାଷ୍ଟର । ଏହି ଲକ୍ଷ୍ୟ ନେଇ କ୍ରୀତଦାସ ଆଣ୍ଡ ଟିମ ପ୍ରସ୍ତୁତ କରୁଛନ୍ତି ସନ୍ୟାସୀ ରିଟର୍ଣ୍ଣସର ପୂରା ବ୍ଲୁ-ପ୍ରିଣ୍ଟ ।

### ସନ୍ୟାସୀଙ୍କୁ ...

ସୁପାରିଶ କରାଯାଏ ତେବେ ମଧ୍ୟ ସନ୍ଦେହରେ ଥିବା ବିଜେଡି ନେତାମାନେ ଲାଭରେ ରହିବେ। ନବ ଦାସଙ୍କ ହତ୍ୟାକୁ ଏଭିତରେ ଦୁଇ ବର୍ଷ ବିତିଲାଣି। ଦୁଇ ବର୍ଷ ପରେ ଆଉ କେଉଁ ତଥ୍ୟ ପ୍ରମାଣ ପୂର୍ବବତ ଥିବ ଯେ, ସିବିଆଇ ତଦନ୍ତ କରି ପ୍ରକୃତ ହତ୍ୟାକାରୀକୁ ପାଇପାରିବ। ଏହାଦ୍ୱାରା ନବ ଦାସଙ୍କ ହତ୍ୟା ପଛରେ ସନ୍ୟାସୀ ଓ କ୍ରୀତଦାସଙ୍କ ହାତ ଥିବା ସନ୍ଦେହକୁ ସବୁଦିନ ପାଇଁ ଚାପି ଦିଆଯାଇପାରିବ। ଫଳରେ ସନ୍ୟାସୀ ଓ କ୍ରୀତଦାସ ପୁଣି ଥରେ ଛାତି ଫୁଲାଇ ଚାଲିବେ। ସନ୍ୟାସୀଙ୍କୁ ସଂସାରକୁ ଫେରାଇବା ପୂର୍ବରୁ ତାଙ୍କ ଭାବମୂର୍ତ୍ତିକୁ ସବୁ ଦିଗରୁ କ୍ଲିନ କରିବାକୁ ଏହା ଏକ ସୁଚିନ୍ତିତ ଚାଲ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

### ମଲେଣି ...

ଏହାର ସୁଯୋଗ ନେଇଥିବା ଅନୁମାନ କରାଯାଉଛି। ଏହି ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ୬ଟି ବନ୍ଧୁକ ଜବତ ହୋଇଛି। ଜଣେ ଅଭିଯୁକ୍ତ ଫେରାର ଅଛି। ଏଆଇ କ୍ୟାମେରା ଫଟୋ ସହାୟତାରେ ଶିକାରୀ ପାଖରେ ପହଞ୍ଚିଥିଲା ବନ ବିଭାଗ।

ଏବେ ଶିମିଳିପାଳରେ ୧୦୦ଟି ଲେଖାଏଁ ଏଆଇ କ୍ୟାମେରା ଓ ଏଆର୍ କ୍ୟାମେରା, ୮୫୦ ଟ୍ରାପ କ୍ୟାମେରା ଲାଗିଛି। ଗତ ୫-୬ ମାସ ମଧ୍ୟରେ ଶିମିଳିପାଳ ଅଞ୍ଚଳରେ ୨୭ଟି କେସ ହୋଇଥିବା ବେଳେ ୮୬ଟି ବନ୍ଧୁକ ଜବତ ହୋଇଛି ଏବଂ ୪୫ ଜଣ ବନ୍ଧୁକ ସମର୍ପଣ କରିଛନ୍ତି ବୋଲି ସେ କହିଛନ୍ତି।

### ଅରୁଣଙ୍କ...

ବ୍ୟବସ୍ଥାର ଉଚ୍ଛେଦ ପାଇଁ ଦାବି କରୁଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଅରୁଣଙ୍କ ଏହି ପ୍ରସ୍ତାବକୁ ତାଙ୍କ ନିଜ ଦଳର ବିଧାୟକମାନେ ମଧ୍ୟ ଗ୍ରହଣ କରୁନାହାଁନ୍ତି। ସରକାର ବଦଳିବା ପରେ ବିଧାୟକଙ୍କ ହାତରେ ଥିବା କିଛିଟା ପ୍ରିଭିଲେଜ ମଧ୍ୟରେ ଏହା ଅନ୍ୟତମ। ଏହାକୁ ମଧ୍ୟ ଉଚ୍ଛେଦ କରିବାକୁ ଅରୁଣଙ୍କ ପ୍ରସ୍ତାବ ସେମାନଙ୍କୁ ମଧ୍ୟ କ୍ଷୁବ୍ଧ କରିଛି। ଅସନ୍ତୁଷ୍ଟ ବିଧାୟକମାନେ କହୁଛନ୍ତି ନବୀନ ପଟ୍ଟନାୟକଙ୍କ ଅମଳରେ ହୋଇଥିବା ନିଷ୍ପତ୍ତିକୁ ଭୁଲ ଦର୍ଶାଇ ଅରୁଣ ନିଜ ଦଳର ନେତାଙ୍କୁ ବିରୋଧ କରୁଛନ୍ତି।

### ଜାତୀୟ ଶିକ୍ଷାନୀତି..

ସରକାରଙ୍କୁ ମଧ୍ୟ ନିବେଦନ କରାଯାଇଛି। ଏହାଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ। ଏଥିସହ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଏନଇପି କର୍ମଶାଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ୩୧ ସୁଦ୍ଧା...

ଅଧିକାରୀ ତଥା କର୍ମଚାରୀ ହସ୍ତତନ୍ତ ଲୁଗା ପିନ୍ଧି କାର୍ଯ୍ୟାଳୟକୁ ଆସିବେ। କିନ୍ତୁ ୟୁନିଫର୍ମ ପୋଷାକଧାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ନାହିଁ ବୋଲି କୁହାଯାଇଛି।

ସେହିପରି ପଞ୍ଚମ କାର୍ଯ୍ୟାବଳୀ ଅନୁସାରେ ଶ୍ରୀମନ୍ଦିର ପରିସରରେ ଅଧିକାରୀ ତଥା କର୍ମଚାରୀଙ୍କ ପାଇଁ ମୋବାଇଲ୍ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନକୁ ଅଧିକ କ୍ରିୟାଶୀଳ ତଥା ଉତ୍ତରଦାୟୀ କରିବା ସକାଶେ ଏହି ପରାମର୍ଶ ତଥା ନିର୍ଦ୍ଦେଶାବଳୀ ପ୍ରଦାନ କରାଯାଇଥିବା ଡ. ପାଢୀ କହିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ

- ବରଗଡ଼ରେ ପୁଣି ଚାଞ୍ଚଲ୍ୟ
- ପତ୍ନୀ ଓ ଶାଶୂ ଅଟକ

**ପାଇକମାଳ.୧୬।୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ପାଇକମାଳ ଥାନା ନରସିଂହପଡ଼ାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଗୁରୁବାର ପାଇକମାଳ ଥାନାରେ ଅଭିଯୋଗ ହୋଇଛି। ମୃତକ ଯୁବକ ଜଣଙ୍କ ସୋହେଲା ଥାନା ବୁଡାମାଲ ଗ୍ରାମର ଗୋବିନ୍ଦ ପ୍ରଧାନ (୩୭) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ,, ଗୋବିନ୍ଦ ପତ୍ନୀ ବେବି ପ୍ରଧାନଙ୍କ ସହ ପାଇକମାଳ ଥାନା ନରସିଂହପଡାରେ ରହୁଥିଲେ। କିନ୍ତୁ କିଛି ଦିନ ତଳେ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ମନାନ୍ତର ହେବାରୁ ଗୋବିନ୍ଦ ନୃସିଂହନାଥ ବିବାସିନୀ ମନ୍ଦିର ନିକଟରେ ଏକ ଖେଳଣା ଦୋକାନ କରିବା ସହ ସେଠାରେ ରହୁଥିଲେ। ତେବେ ଗତକାଲି ସନ୍ଧ୍ୟାରେ ଗୋବିନ୍ଦ ନୃସିଂହପଡ଼ାରେ ରହୁଥିବା ସ୍ତ୍ରୀଙ୍କ ପାଖକୁ ଆସିଥିଲେ। ସେଠାରେ ପୁଣିଥରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡା ହୋଇଥିଲା। ଏହି ଘଟଣାରେ ବେବି ଓ ତାଙ୍କ ମା' ଗୋଲାପୀ ପ୍ରଧାନ ଜ୍ୱାଇଁ ଗୋବିନ୍ଦଙ୍କୁ ଗାଳିଗୁଲଜ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। କିନ୍ତୁ ବିଳମ୍ବିତ ରାତିରେ ଗୋବିନ୍ଦଙ୍କୁ ଗୁରୁତର ଅବସ୍ଥାରେ ଶ୍ୱଶୁର ଘର ଲୋକେ ପାଇକମାଳ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ପଦ୍ମପୁର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୋବିନ୍ଦଙ୍କ ବାପା ନିରଞ୍ଜନ ପ୍ରଧାନ ସୋହେଲାରୁ ଆସି ପଦ୍ମପୁରରେ ପହଞ୍ଚି ପୁଅର ମୃତଦେହ ଦେଖି ତୁରନ୍ତ ପାଇକମାଳ ଥାନାରେ ଏକ ହତ୍ୟା ମାମଲା ଦାଏର୍ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପାଇକମାଳ ଥାନା ପୁଲିସ ୧୨/୨୫ରେ ମାମଲା ରୁଜୁ କରିବା ସହ ଧାରା ୧୦୩(୧)/୩(୫)



ବିଏନ୍‌ଏସ୍ ଅନୁସାରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ଏହି ମାମଲାରେ ଆଜି ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ନୃସିଂହପଡ଼ାରେ ପହଞ୍ଚି ଘଟଣାର ଅନୁସନ୍ଧାନ କରି ଫେରିଥିବା ଜଣାପଡ଼ିଛି।

ଏନେଇ ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି ଯେ ଅଭିଯୋଗକୁ ଭିତ୍ତି କରି ପୁଲିସ ବେବି ଓ ଗୋଲାପୀଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ପଚରାଉଚରା କରୁଛି। ଖୁବ୍‌ଶୀଘ୍ର ମାମଲାର ପର୍ଦ୍ଦାଫାସ୍ ହେବ ବୋଲି ଆଇଆଇସି କହିଛନ୍ତି। ସୂଚନାଯୋଗ୍ୟ ଯେ ନିକଟରେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଅନ୍ତିମ ଦିନରେ ବରଗଡ଼ ଜଙ୍ଗଲରେ ଜଣୈକା ଯୁବତୀଙ୍କୁ ବଳାତ୍କାର କରାଯିବା ଭଳି ଜଘନ୍ୟ ଅଭିଯୋଗ ଆସିଥିଲା।

ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ ବଳାତ୍କାରୀଙ୍କ ସମ୍ପର୍କରେ କୌଣସି ଟେର୍ ପାଇପାରିନାହିଁ। ଅନ୍ୟପକ୍ଷରେ ଏହି ମାମଲାରେ ବରଗଡ଼ ପୁଲିସ୍ ନିଦାବିଷ୍ଟ ସାଜି କୌଣସି ପ୍ରକାର ଠୋସ୍ ପଦକ୍ଷେପ ନେଉନଥିବା ପୀଡ଼ିତା ଯୁବତୀଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ସକାଶେ ଦାବି କରିଛନ୍ତି।

# ସିଙ୍ଗାପୁର ହାଇକମିଶନରଙ୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ଓ ସ୍ଥିତି ଅନୁଧ୍ୟାନ



**କୋଣାର୍କ, ୧୬।୧ (ସଂଚାର ବ୍ୟୁରୋ):** ଆସନ୍ତା ଶନିବାର ୧୮ ତାରିଖ ଦିନ ସିଙ୍ଗାପୁର ରାଷ୍ଟ୍ରପତିଙ୍କ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିବାକୁ ଥିବା ବେଳେ ଗୁରୁବାର ଦିବା ୧୨ ଘଟିକା ସମୟରେ ସିଙ୍ଗାପୁର ହାଇକମିଶନର ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହିତ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଖବରରୁ ପ୍ରକାଶ ଯେ ସିଙ୍ଗାପୁର ରାଷ୍ଟ୍ରପତି ଆସନ୍ତା ୧୮ ତାରିଖ ଶନିବାର ଦିନ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ପୂର୍ବରୁ ସିଙ୍ଗାପୁର ହାଇକମିଶନର ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ହାଇକମିଶନରଙ୍କ ଗସ୍ତ ସମୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ପୁରୀ ଏସପି ବିନୀତ ଅଗ୍ରୱାଲ, ପୁରୀ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଂଜନ ପୃଷ୍ଟି ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ହାଇକମିଶନରଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

# ଶହ ଶହ ଟ୍ରିପ କଳା ମୁଗୁନିପଥର ଚୋରାଚାଲାଣ

**ଖୋର୍ଦ୍ଧା, ୧୬।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ତହସିଲ ଅଧିନସ୍ଥ କାଇପଦର ମୌଜାରେ ଥିବା ଧନିଆ ପାହାଡ଼ରେ ବେଆଇନ ଭାବରେ ଚାଲିଛି କଳା ମୁଗୁନି ଖଣି। ଏକ ଭିନ୍ନ ଉପାୟରେ ହେଉଛି କଳା ମୁଗୁନି ପଥର ଅନ୍ୟତ୍ର ଚୋରା ଚାଲାଣ। କାଇପଦର ମୌଜାରେ ଥିବା ଧନିଆ (କ) ଓ ଧନିଆ (ଘ) ଦୁଇଟି ପାହାଡ଼ ନିଲାମ ହୋଇଥିବାବେଳେ, ପାହାଡ଼ ଲିଜ ପାଇଥିବା ବ୍ୟକ୍ତି କେବଳ ଧନିଆ(ଘ) ପାହାଡ଼ ନିମନ୍ତେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅର୍ଥ ପୈଠ କରିଛନ୍ତି। କିନ୍ତୁ ଧନିଆ (କ) ପାହାଡ଼ ନିମନ୍ତେ ସଲାମୀ ଅର୍ଥ ଦାଖଲ ନକରି ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ, କୁଜି ନେତା, ପୁଲିସ ଓ ପ୍ରଶାସନର କେତେକ ଅସାଧୁ କର୍ମଚାରିଙ୍କୁ ହାତବାରିସୀ କରି ପ୍ରତେକ ଦିନ ଶହ ଶହ ଟ୍ରିପ କଳା ମୁଗୁନି ପଥର ଅନ୍ୟ ଏକ ଖଣିର ୱାଇ ଫର୍ମରେ ନିକଟରେ ଥିବା ଏକ ମେଗା କ୍ରସରକୁ ରାତିଅଧିଆ ଚାଲାଣ କରୁଛନ୍ତି। ଯାହା ତଦନ୍ତ ସାପେକ୍ଷ।

ଏପରିକି ଯେଉଁ ସମ୍ପତ୍ତି ଦେଖାଇ ସଲଭେନସି ସାର୍ଟିଫିକେଟ କଢ଼ା ଯାଇଛି ଏବଂ ସେହି ସଲଭେନସି ସାର୍ଟିଫିକେଟ ଦେଇ ଧନିଆ (କ) ମୁଣ୍ଡିଆ ହାତେଇଥିବା

**ପ୍ରଶାସନ ନିରବ**

ବ୍ୟକ୍ତିଙ୍କ ସଲଭେନସି ସାର୍ଟିଫିକେଟର ସତ୍ୟତା ଯାଞ୍ଚ କରାଗଲେ ବହୁ ଲୁକାୟିତ ତଥ୍ୟ ପଦାକୁ ଆସିବା ସହିତ ସେହି ସମ୍ପତ୍ତି ସବୁ ଏବେ ବ୍ୟାଙ୍କରେ ବନ୍ଧକ ପଡ଼ିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଶ୍ରୀମନ୍ଦିର ପ୍ରଶାସନ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ୱିଧି ବଦ୍ଧ ଭାବରେ ତଦନ୍ତ କରାଗଲେ ସମ୍ପୂର୍ଣ୍ଣ ସତ୍ୟ ପଦାକୁ ଆସିପାରିବ।






# ବ୍ଲକସ୍ତରୀୟ ପରାମର୍ଶ ଶିବିର

**ନାଉଗାଁ, ୧୬।୧ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ପରିସରରେ ଓଡ଼ିଶା ସରକାରଙ୍କ ତରଫରୁ ଯୁବକ ଯୁବତୀ ମାନଙ୍କ ପାଇଁ ନିଶ୍ଚିତ କର୍ମ ନିଯୁକ୍ତି ଭିତ୍ତିକ ତାଲିମ ନିମନ୍ତେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୬୧ ଜଣ ଯୁବକ ୬୭ ଜଣ ଯୁବତୀ ମୋଟ ୧୨୮ ଜଣ ନିଜ ନିଜର ନାମ ପଞ୍ଜୀକରଣ କରିଥିଲେ। ମେକାନିକାଲ, ବିୟୁଟିସିଆନ, ଇଲେକ୍ଟ୍ରିସିଆନ, ମୋବାଇଲ ରିପାରିଂ, ସୋଲାର ପାୱାର ଇନସୁଲେସନ ସମେତ ବିଭିନ୍ନ ବିଭାଗରେ ନାମ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନିଯୁକ୍ତି ଅଧିକାରୀ ଧର୍ମାନନ୍ଦ ପ୍ରଧାନ, ସହକାରୀ ନିଯୁକ୍ତି ଅଧିକାରୀ ଅଶୋକ ମଧୁଆଲ, ବରିଷ୍ଠ କିରାଣୀ ସଞ୍ଜୟ ପାଢ଼ି, ପଲିଟେକନିକ କଲେଜ ର ଅଧ୍ୟାପିକା ଅମରା ପଲ୍ଲୀ ସାହୁ ଅତିରିକ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍

● ସଫେଇ ଓ ସ୍ୱଚ୍ଛତାକୁ ନେଇ ବିରକ୍ତି ପ୍ରକାଶ କଲେ

**ନୀଳଗିରି, ୧୬।୧ (ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସରକାରୀ ମେଡିକାଲର ପରିବେଶ, ସ୍ୱଚ୍ଛତା ସହିତ ରୋଗୀମାନଙ୍କର ରହିବା, ଖାଇବା, ଅପରେଶନ ରୁମ୍, ଲେବର ରୁମ୍, ଫାର୍ମାସିଷ୍ଟଙ୍କ ମେଡିସିନ ଷ୍ଟକ୍ ରୁମ୍, ଅଫିସ କାର୍ଯ୍ୟାଳୟ ଗୁଡ଼ିକର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ମେଡିକାଲ ଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଆସୁଛନ୍ତି। ପର୍ଯ୍ୟାୟକ୍ରମେ ଟିମ୍ ଗଠନ କରି ସମସ୍ତ ମେଡିକାଲର ତଦନ୍ତ କରୁଛନ୍ତି। ଗୁରୁବାର ଅପରାହ୍ନ ୧ ଘଟିକା ସମୟରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍ ପରିଦର୍ଶନ କରିଥିଲେ। ତିନି ଜଣିଆ ଟିମ୍ ମେଡିକାଲରେ ପହଞ୍ଚି ମେଡିକାଲର ଟିବି ୱାର୍ଡ, ମେଡ଼ିସିନ ଷ୍ଟୋର, ଶୌଚାଳୟ, ରୋଗୀଙ୍କ ବିଭିନ୍ନ ୱାର୍ଡ଼, ଖାଦ୍ୟ ରୋଷେଇ ଶାଳା, ଓଟି, ପାଣି ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ମେଡିକାଲ ଯନ୍ତ୍ରପାତିର ସୁବିଧା ଆଦି ସମ୍ପର୍କରେ ଜାଣିବା ସହ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ତେବେ ଟିମ୍ ଆସିବା ପୂର୍ବରୁ ମେଡିକାଲ ପରିସରରେ ସଫେଇ ସହ ସୌନ୍ଦର୍ଯ୍ୟକରଣ ଉପରେ କର୍ତ୍ତୃପକ୍ଷ ଉଦ୍ୟମ ଯାଞ୍ଚ କରିଥିବା ବେଳେ ସଫେଇ ଓ ସ୍ୱଚ୍ଛତାକୁ ନେଇ ବିରକ୍ତି ମନୋଭାବ ପ୍ରକାଶ କରିବା ସହିତ ତାଗିଦ ମଧ୍ୟ କରିଥିଲେ।



# ଝାଡ଼ାବାନ୍ତି ପ୍ରଭାବିତ ଗ୍ରାମରେ ଜିଲ୍ଲା ଜରୁରୀକାଳିନ ଅଧିକାରୀ

**କଣାସ, ୧୬।୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡ଼ିଶାଗୋଦା ଗ୍ରାମପଞ୍ଚାୟତର ନୂଆଗାଁ ଗ୍ରାମରେ ଦୀର୍ଘ ୧୫ଦିନ ହେଲା ଝାଡାବାନ୍ତି ଲାଗିରହିବା ବେଳେ ୨୫ ଉର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହେବା ସହିତ ଦୁଇ ଜଣଙ୍କର ମୃତ୍ୟୁବରଣ ହୋଇଥିବା ବେଳେ ପାଖ ଗ୍ରାମ ଯାଗୁଲେଇପଦରରେ ୩ଦିନ ହେଲା ଝାଡାବାନ୍ତିରେ ୧୫ଜଣ ଆକ୍ରାନ୍ତ ହେବା। ଗଡ଼ିଶାଗୋଦା ଗ୍ରାମରେ ୩ଦିନ ହେଲା ୫ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହେବା, ହରିପୁର ଗ୍ରାମରେ ୩ଦିନ ହେଲା ଝାଡାବାନ୍ତି ଲାଗିରହି ୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ୩ଦିନ ହେଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ ଜିଲ୍ଲାରୁ ଚିକିତ୍ସକ ଦଳ ଉକ୍ତ ଗ୍ରାମରେ ତିନିଦନ ହେଲା ଚିକିତ୍ସା କରୁଥିବାରୁ ଆଜି କୌଣସି ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇନଥିବା ଜଣାପଡ଼ିଛି। ଆଜି ପୁରୀ ଜିଲ୍ଲା ଜରୁରୀକାଳିନ ଅଧିକାରୀ ରାଜିବୀ ପରିଡ଼ା, କଣାସ ବିଡିଓ ନାରାୟଣ ସାହୁ, କଣାସ ତହସିଲଦାର ହିମାଂଶୁଶେଖର ଗିରି, ନୂଆଗାଁ, ଜାଗୁଲେଇପଦର, ଗଡ଼ିଶାଗୋଦା, ହରିପୁର ଗ୍ରାମକୁ ଯାଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ଦେଖି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ତୁରନ୍ତ ନୂଆଗାଁ ଏବଂ ଜାଗୁଲେଇପଦର ଗ୍ରାମରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଏନ୍‌ଫୋର୍ସମେଣ୍ଟ ଟିମ୍‌ର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ

## ସନ୍ଦେହ ଘେରରେ ପୁଲିସ ପ୍ରଶାସନ

**ବାଲିଆପାଳ, ୧୬।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଚୋରିକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ତହସିଲ ସ୍ତରୀୟ ଏନ୍ଫୋର୍ମମେଣ୍ଟ ଆଣ୍ଡ ମନିଟରିଂ ଟିମ ଗଠିତ ହୋଇଛି। ଗତ ୪ ତାରିଖରେ ରାଜ୍ୟ ସରକାରଙ୍କ ଷ୍ଟିଲ ଓ ମାଇନ୍ସ ବିଭାଗ ପକ୍ଷରୁ ଚିଠି ନଂ. ୧୦୪୮୧ ମୂଳେ ଲଘୁ ଖଣିଜ ସମ୍ପଦର ଚୋରିକୁ ଓ ତହସିଲସ୍ତରୀୟ ପୃଥକ ଜମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଚିଠି ଆଧାରରେ ପ୍ରତ୍ୟେକ ତହସିଲଦାର, ଖଣି, ଜଙ୍ଗଲ ଓ ପରିବେଶ ବିଭାଗ ଓ ପୁଲିସ ପଦାଧିକାରୀଙ୍କୁ ଅବଗତ କରାଇ ଏକ ଟିମ୍ ଗଠନ କରିଛନ୍ତି। ଯାହା ପ୍ରତ୍ୟେକ ବ୍ଲକରେ ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବାରେ ପ୍ରମୁଖ ଭୂମିକା ନେଇ ପାରିବ। ହେଲେ ସୁବର୍ଣ୍ଣରେଖା ନଦୀର ସୁବର୍ଣ୍ଣ ବାଲି ଉପରେ ମାଫିଆ ମାନଙ୍କର ତୀକ୍ଷ୍ଣ ନଜର ଥିବା ବେଳେ, ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ କୌଣସି ବାଲି ଖାଦାନକୁ ବାଲି ଖୋଲିବାକୁ ଅନୁମତି ଦିଆଯାଇ ନାହିଁ। ଯାହାଦ୍ୱାରା ମାଫିଆମାନେ ନଦୀ ନାଳରୁ ରାତି ଅଧରେ, ଛୁଟି ଦିନ ମାନଙ୍କରେ ବାଲି ପରିବହନ କରି ମାଲେ ମାଲ ହେଉଛନ୍ତି। ତେବେ ବର୍ଷ ବର୍ଷ ଧରି ରାତି ଦିନ ବାଲି, ମାଟି, ଇଟା, ପଥର ପରିବହନ ହେଉଥିବା ବେଳେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଜଣାପଡ଼ିଛି।



**ଲଘୁ ଖଣିଜ ସମ୍ପଦ ଚୋରି**

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବାଲିଆପାଳ ଥାନା ଅଧୀନରେ ଥିବା ସୁବର୍ଣ୍ଣରେଖା ନଦୀର ଅବବାହିକା ମାଫିଆ ମାନଙ୍କର ଚରା ଭୂଇଁ ପଲଟିଥିବା ବେଳେ, ପୋଲିସକୁ ହାତ ବାରସି ସେମାନେ ହେଉଛନ୍ତି ମାଲେମାଲ୍। ଏନ୍‌ଫୋର୍ସମେଣ୍ଟ ଟିମ ଠାରୁ ମାଫିଆ ମାନଙ୍କୁ ସୁରକ୍ଷା ଦେବାକୁ ପୋଲିସ ସାଜିଛି ଖବର ଦାତା। କେଉଁ ଦିନ କେତେ ଟ୍ରିପ ବାଲି, ମାଟି ପରିବହନ ହେଉଛି ତାର ଟିକିନିଖି ତଥ୍ୟ ରହୁଛି ପୋଲିସ ପାଖରେ।ପୋଲିସ କୁ ଲୁଚାଇ ଯିଏ ପରିବହନ କରୁଛି, ତାକୁ ଟାର୍ଗେଟ କରୁଛି ପୋଲିସ। ତେବେ ଏନ୍ଫୋର୍ମମେଣ୍ଟ ଟିମ୍ ରେ ମାଇନିଙ୍ଗ, ଫରେଷ୍ଟ ଏବଂ ତହସିଲ ବିଭାଗ ପୋଲିସ ଉପରେ ନିର୍ଭର କରୁଥିବା ରୁ ପୋଲିସ ର କାର୍ଯ୍ୟ ଦକ୍ଷତା କୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ।

# ସୋଆରେ ଗବେଷଣା ପ୍ରଣାଳୀ ଉପରେ ଆୟୋଜିତ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଯୁବ ଗବେଷକ ମାନଙ୍କୁ ଗବେଷଣା ପ୍ରଣାଳୀ ବିଷୟରେ ଶିକ୍ଷିତ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୧୦-ଦିନିଆ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସ୍‌ଏସ୍‌ଆର) ଦ୍ୱାରା ପ୍ରାୟୋଜିତ ଓ ସୋଆ ପରିଚାଳିତ ସେଂଟର ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ୍) ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତରୁ ୪୨ ଜଣ ଗବେଷକ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ଗବେଷକମାନଙ୍କୁ ନିଜ ଗବେଷଣା କ୍ଷେତ୍ରରେ ଆବଶ୍ୟକ ହେଉଥିବା ଜ୍ଞାନ ଓ ଦକ୍ଷତା ବୃଦ୍ଧି ବିଷୟରେ ତାଲିମ ଦିଆଯାଇଥିଲା।




ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୋଲକାତା ସ୍ଥିତ ଆନ୍ଥ୍ରୋପୋଲଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆର ପ୍ରାକ୍ତନ୍ ନିର୍ଦ୍ଦେଶକ ପ୍ରଫେସର କମଳ କେ. ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗବେଷକମାନଙ୍କୁ ବର୍ତ୍ତମାନ ଉପଲବ୍ଧ ବିଭିନ୍ନ ଟେକ୍ନୋଲୋଜିକୁ ବ୍ୟବହାର କରି ଗବେଷଣାରେ ଉତ୍କର୍ଷ ଆଣିବାକୁ ଆହ୍ୱାନ ଦେଇଥିଲେ।

ବର୍ତ୍ତମାନ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ର ବହୁଳ ବ୍ୟବହାର ବିଷୟରେ ଉଲ୍ଲେଖ କରି ପ୍ରଫେସର ମିଶ୍ର କହିଥିଲେ ଯେ ଏହା ଲାଭପ୍ରଦ ହୋଇଥିଲେ ମଧ୍ୟ ଏହାକୁ ସାବଧାନତାର ସହିତ ବ୍ୟବହାର କରିବା ଆବଶ୍ୟକ। ଏହା ଦ୍ୱିଧାର ଯୁକ୍ତ ଖଡ୍ଗ ପରି। ତେଣୁ ନିଜର ବିଚାର ଶକ୍ତିକୁ ଉପଯୋଗ କରି କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ) ପ୍ରଫେସର ଜୟନ୍ତ କୁମାର ନାଥ ପୌରୋହିତ୍ୟ କରିଥିବା ବେଳେ ପ୍ରାଚୀନ୍‌ର ମୁଖ୍ୟ ପ୍ରଫେସର (ଡକ୍ଟର) ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କର୍ମଶାଳାର କୋର୍ସ ଡାଇରେକ୍ଟର ତଥା ପ୍ରାଚୀନ୍‌ର ଆନ୍ଥ୍ରୋପୋଲଜି ଓ ଟ୍ରାଇବାଲ୍ ଷ୍ଟଡିଜ୍ ବିଭାଗର ଆସୋସିଏଟ୍ ପ୍ରଫେସର (ଡକ୍ଟର) ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀରେ ପଶିଲା କାର; ୨ମୃତ, ୨ ଗୁରୁତର

**କୋଣାର୍କ, ୧୬।୧ (ସଂଚାର ବ୍ୟୁରୋ):** ବୁଧବାର ବିଳମ୍ବିତ ରାତିରେ କୋଣାର୍କ-ଭୁବନେଶ୍ୱର ମୁଖ୍ୟ ରାସ୍ତା ଜୁଣେଇ ବଂଶୀ ବଜାର ନିକଟରେ ସଡକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଦୋୟ ହେଲେ ନିମାପଡ଼ା ଗୁହାଳପଡାର ସନ୍ଦିପ ମହାପାତ୍ର (୩୮) ଓ ଭେଟିଆମଲ୍ଲ ମେଦିନୀପୁରର ସନାତନ ସେନାପତି (୨୦)। ସନ୍ଦିପଙ୍କର ଗୁରୁବାର ଆଇନ ପରୀକ୍ଷା ଦେବାର ଥିଲା। ସେ ଭୁବନେଶ୍ୱର ଟିସିଏସ କମ୍ପାନୀରେ ଚାକିରୀ କରିଥିଲେ। ଦୁଇ ଆହତ ହେଲେ ଭେଟିଆମଲ୍ଲ ଦାନ୍ତୁଣିର ମନିଷ ସେନାପତି(୨୮) ବାଲିପାଟଣା ଖୋର୍ଦ୍ଧାର ପୁପୁନି ପରିଡ଼ା(୨୦)। ସେମାନେ ଏକ ନୀଳ ରଙ୍ଗର କାର ନମ୍ବର (କେଏ ୦୩ ଏନଡି ୪୮୩୬)ରେ ୪ଜଣ ସାଥି ହୋଇ କୋଣାର୍କ ବୁଲିବାକୁ ଆସିଥିଲେ। କୋଣାର୍କରୁ ଭୁବନେଶ୍ୱର ଫେରୁଥିବାବେଳେ ରାତି ୧୨ଟା୫୦ରେ ବଂଶୀ ବଜାର ନିକଟରେ କାରଟି ଖରାପ ହୋଇ ଛିଡ଼ାହୋଇଥିବା ଏକ ପିଚୁ ବିଛା ଗାଡିକୁ ସାଇଡ ମାରିବାକୁ ଯାଇ ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଯାଇଥିଲା। ଫଳରେ କାରଟି ଓଲଟି ପଡ଼ିଥିଲା। ଖବରପାଇ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ, କୋଣାର୍କ ପୁଲିସ ଓ ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଆହତଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପିଚୁ ଗାଡି ଖରାପ ହୋଇ ରାସ୍ତା ଉପରେ ରହିଥିବାରୁ ଦୁର୍ଘଟଣା ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।



ପୁଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଛି। କୋଣାର୍କ ପୋଲିସ ପକ୍ଷରୁ ୮/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଦୁଇ ଜଣଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ହସ୍ପିଟାଲ ପଠାଯାଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

# ଟ୍ରେଜେରୀ ଓ ଆକାଉଣ୍ଟସ ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ କର୍ମଚାରୀଙ୍କ ବନ୍ଧୁମିଳନ



**ଭୁବନେଶ୍ୱର, ୧୬।୧ (ସଂଚାର ବ୍ୟୁରୋ):** ଟ୍ରେଜେରୀ ନିର୍ଦ୍ଦେଶାଳୟ ଓ କଣ୍ଟ୍ରୋଲର ଅଫ ଆକାଉଣ୍ଟାସ କାର୍ଯ୍ୟାଳୟର ଅବସରପ୍ରାପ୍ତ ଅଧିକାରୀ ତଥା କର୍ମଚାରୀମାନଙ୍କର ୬ଷ୍ଠ ବନ୍ଧୁମିଳନ ଗୁରୁବାର ବରମୁଣ୍ଡାସ୍ଥିତ କାଳୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ କରାଯାଇଥିଲା। ବିଜୟ କୁମାର ତ୍ରିପାଠୀ, ଶ୍ରୀକାନ୍ତ ମିଶ୍ର ଏବଂ ଯୁଗଳ ଚରଣ ସେଠୀଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ପ୍ରାୟ ୫୦ ଜଣ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ପରସ୍ପର ସହିତ ଖୁସି ବାଣ୍ଟିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଉପବିଭାଗ ଅଧିକାରୀ ତ୍ରିଲୋଚନ ମହାନ୍ତି ସଂଚାଳନ କରିଥିଲେ। ବୈଠକ ଆରମ୍ଭରେ ଦିବଂଗତ କର୍ମଚାରୀମାନଙ୍କ ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଦୋକାନ ସାମ୍ନାରୁ ବାଇକ ଚୋରି

**ବୈଶିଙ୍ଗା, ୧୬।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ବଜାର ଉପକଣ୍ଠ ତଥା ଲ୍ୟାମ୍ପସ ପାର୍ଶ୍ୱ ଅଲେଖ ଭେରାଇଟି ଷ୍ଟୋର ସାମ୍ନାରୁ ଦିବା ୧.୨୦ ମିନିଟ ସମୟରେ ଓଆର - ୦୧ଏନ - ୭୩୦୨ ବିଶିଷ୍ଟ ବାଇକଟିକୁ ଜଣେ ଦୁର୍ବୁତ୍ତ ଚୋରି କରି ନେଇଥିବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ ବୈଶିଙ୍ଗା ଥାନା ଅଧୀନ ବାଲକା ଗ୍ରାମର କମଳାକାନ୍ତ ବାରିକ ଭେରାଇଟି ଷ୍ଟୋରରେ ସେଲ୍ସ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ଦୈନନ୍ଦିନ ଭଳି ଦୋକାନ ସାମ୍ନାରେ ବାଇକଟିକୁ ଲକ କରି ଦୋକାନକୁ ଯାଇଥିଲେ । ଦ୍ୱିପ୍ରହର ସମୟରେ ଦୋକାନ ବନ୍ଦ କରି ଘରକୁ ଖାଇବା ପାଇଁ ବାହାରିବା ବେଳକୁ ବାଇକଟି ରଖିଥିବା ସ୍ଥାନରେ ନଥିଲା। ପାର୍ଶ୍ୱ ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିବା ପରେ ଜଣେ ଦୁର୍ବୁତ୍ତ ଚତୁରତାର ସହ ଲକ ଭାଙ୍ଗି ବାଇଟିକୁ ନେଇଯାଇଥିଲା । ଅଭିଯୋଗ ପାଇବା ପରେ ବୈଶିଙ୍ଗା ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉକି ଏକ ସପ୍ତାହ ପୂର୍ବରୁ ବୈଶିଙ୍ଗା ଗ୍ରାମର ରଣଜିତ୍ କୁମାର ପଣ୍ଡାଙ୍କ ଏକ ବାଇକ୍ ଦିବା ୧୨. ୧୫ମିନିଟ ସମୟରେ ଘର ବାହାରେ ରଖିଥିବା ସମୟରେ ଚୋରି ହୋଇ ଯାଇଥିଲା ।

# ତିର୍ତ୍ତୋଲରେ ରକ୍ଷକ ପ୍ରଶିକ୍ଷଣ ଶିବିର

**ଜଗତସିଂହପୁର, ୧୬।୧ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଆଦିକବି ସାରଳା ଦାସ ଭବନ, ତେନ୍ତୁଳିପଦା ସଭାଗୃହରେ ଜଗତସିଂହପୁର ଆଞ୍ଚଳିକ ପରିବହନ ପାଧିକରଣ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ସଡ଼କ ସୁରକ୍ଷା ମାସ ୨୦୨୫ ଅବସରରେ ଏକ ଦିବସୀୟ ରକ୍ଷକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ତହସିଲଦାର ସୁଧାଂଶୁ ଶେଖର ସାଓ ଉଦ୍‌ଘାଟନ କରିଥିବା ବେଳେ ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେସନର ରାଜ୍ୟ ଅଧ୍ୟକ୍ଷ ସମାଜସେବୀ ଡ଼ଃ ସୁନାକର ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।




ଉକ୍ତ ପ୍ରଶିକ୍ଷଣ ଶିବିରରେ ସମ୍ମାନିତ ଅତିଥି ଭାବେ ସଡ଼କ ସୁରକ୍ଷା ପ୍ରଶିକ୍ଷକ ସଂଜୀବ କୁମାର କର ଓ ହିମାଂଶୁ ଶେଖର ମହାନ୍ତି, ନେହେରୁ ଯୁବକେନ୍ଦ୍ର ନିର୍ଦ୍ଦେଶକ ନିଖିଲ କୋକୁଲ,ଆଇନଜୀବୀ ଅମର ଜ୍ୟୋତି ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଥାନାର ସହ ଆରକ୍ଷୀ ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୌମ୍ୟପ୍ରକାଶ ନାୟକ, ସିଭିଲ ଡିଫେନ୍ସର ଗୌରହରୀ ନନ୍ଦ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ଗାଡିଚାଳକ, ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ଓ ରକ୍ଷକମାନଙ୍କୁ ପ୍ରଶିକ୍ଷକ ନିରଞ୍ଜନ ବିଶ୍ୱାଳ ଓ ସାରଦା ଅଧିକାରୀ ସଡ଼କ ସୁରକ୍ଷା ଓ ସଚେତନତା, ସଡ଼କ ଦୁର୍ଘଟଣାଜନିତ ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା, ଗୋଲଡେନ ଆୱାର ମଧ୍ୟରେ ନିକଟସ୍ଥ ଚିକିତ୍ସାଳୟକୁ ସ୍ଥାନାନ୍ତର କିପରି କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

# ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ନୟାଗଡ଼, ୧୬।୧ (ସଂଚାର ବ୍ୟୁରୋ):** ନୟାଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟୁବନ୍ଧ କଲ୍ୟାଣ ମଣ୍ଡପ ପାଖରେ ଆଜି ଏକ ନବଜାତ ଶିଶୁ କନ୍ୟାକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ନବଜାତ ଶିଶୁ କନ୍ୟାକୁ ଗ୍ରାମବାସୀ ଆଜି ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କଲ୍ୟାଣ ମଣ୍ଡପଠାରୁ ହିଞ୍ଜଳଗାଡିଆ ରାସ୍ତା ପର୍ଯ୍ୟନ୍ତ ରକ୍ତ ପଡିଥିବା ଜଣାପଡିଛି । କୌଣସି ଅଜଣା ବ୍ୟକ୍ତି ଶିଶୁ କନ୍ୟାକୁ ରାସ୍ତା କଡରେ ପକାଇଥିବା ଅନୁମାନ କରାଯାଉଛି । ନଚେତ ଉକ୍ତ ରାସ୍ତାରେ ଥିବା ଗ୍ରାମ ଗୁଡିକର କୌଣସି ମହିଳା ଏହି କାର୍ଯ୍ୟ କରିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଶିଶୁ କନ୍ୟାକୁ ନେଇ ନୟାଗଡ଼ ପୂର୍ବରୁ ବିବାଦ ଭିତରେ ରହିଥିଲେ ମଧ୍ୟ ଆଜିବି କାହିଁକି ଶିଶୁ କନ୍ୟାକୁ ଅଲଗା କରାଯାଉଛି ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବର ପାଇ ନୟାଗଡ଼ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

**ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

# ଫାଇନାଲରେ ମଙ୍ଗଳା କ୍ଲବ କଟକ

**ନୟାଗଡ଼, ୧୬।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଖେଳ ପଡିଆ ଠାରେ ସର୍ବ ଭାରତୀୟ ଫୁଟବଲ କପ ଟୁର୍ଣ୍ଣାମେଣ୍ଟର ଆଜି ତୃତୀୟ ଦିବସ ଦିବସ ତଥା ପ୍ରଥମ ସେମିଫାଇନାଲ । ଆଜିର ଖେଳ କେ.ବି.ଏମ ମଙ୍ଗଳା ଗଞ୍ଜ ମଣିପୁର ବନାମ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିଲେ । ୭୮୬ ଯୁଥ କ୍ଲବ ସିନ୍ଦୁରିଆ, ମଣିଙ୍ଗ କ୍ଲବ ନୟାଗଡ଼ ଆଥଲେଟିକ ଆସୋସିଏସନ ଓ ନୟାଗଡ଼ କ୍ଲବ ମିଳିତ ଉଦ୍ୟମରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି ।



ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରୋଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ଜିଲ୍ଲା ଆମ୍ବେଦକର ସଂଘର ସଭାପତି ସୁଧୀର କୁମାର ମୁକ୍ଷୀ, ସମ୍ପାଦକ ବିପିନ କୁମାର ଦଳେଇ, ଇଂ. ଏସ.କେ.ଇସୁଫ, ଜାନବ ଏସ.କେ. ନଇନ ଓ ଅନୁୱାର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଖେଳ ବେସ ଚିତାକର୍ଷକ ହୋଇଥିଲା । ଉଭୟ ଦଳ ବେସ୍ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ମଙ୍ଗଳା କ୍ଲବ କଟକ ୫-୩ ଗୋଲରେ ବିଜୟ ଲାଭ କରି ଫାଇନାଲକୁ ଉତୀର୍ଣ୍ଣ ହୋଇଛି । ଶ୍ରେଷ୍ଠ ଖେଳାଳୀ ଭାବେ ମଙ୍ଗଳା କ୍ଲବ କଟକର ପ୍ରକାଶ ନାୟକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଶ୍ରେଷ୍ଠ ଖେଳାଳୀଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ ।

ଆସନ୍ତାକାଲି ଦ୍ୱିତୀୟ ସେମି ଫାଇନାଲ ଅନୁଷ୍ଠିତ ହେବ । ଉତ୍ତରପଲ୍ଲୀ ମିଳନ ସଂଘ କୋଲକତା ସହିତ ସମ୍ବଲପୁର ଏକାଡେମୀ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ।

# ଚୌଦ୍ୱାର ନଗର ମହିଳା ବିଜେଡ଼ିର ବନ୍ଧୁମିଳନ

**ଟାଙ୍ଗୀ-ଚୌଦ୍ୱାର, ୧୬।୧ (ସଂଚାର ବ୍ୟୁରୋ):** ଚୌଦ୍ୱାର ନଗର ବିଜୁ ମହିଳା ଜନତା ଦଳର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ପୋଟଳେଇ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଦଳକୁ ସୁଦୃଢ଼ କରିବା ପାଇଁ ମହିଳାମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନଗର ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ପ୍ରେମଚାନ୍ଦ ନାୟକ, ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବନେତା ସାରଦା ରଞ୍ଜନ ପରିଜା, ଛାତ୍ରନେତ ଭରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୀଣାପାଣି ଦାସ, ଶୁଭଲକ୍ଷ୍ମୀ ବେହେରା, ସାରଦାଭାରତୀ ନାୟକ, ସବିତା ନାୟକ, ମୀନା ଚୌଧୁରୀ, ରୋମାଲିନ୍ ବେଉରା, ଜୟନ୍ତୀ ମିଶ୍ର, ସରଶୀ ଚୌଧୁରୀ, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ରେ, ଲକ୍ଷ୍ମୀପ୍ରିୟା ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**AFFIDAVIT**

By virtue of an affidavit sworn before The Executive Magistrate, Nayagarh, dated- 08.01.2025 I Gopabandhu Nanda, Village- Chandrasekharpur, Post- Gambharidihi, P.S- Itamati, Dist.- Nayagarh, Pin- 752079 Declare that I have changed my daughter's name from Tejoswini Nanda to Barsha Nanda. Henceforth, she shall be known as Barsha Nanda for all purposes.

**Gopabandhu Nanda**
(Applicant Name)

ସଂଚାର THE SANCHAR

## ୫ ଦିନ ପରେ ବଢ଼ିବ ଶୀତ

**ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ଜାରି ରହିଛି ଶୀତ ଲହରୀ । ହେଲେ ବର୍ତ୍ତମାନ ଶୀତ ଅପେକ୍ଷାକୃତ କମ ରହିଛି । ୫ ଦିନ ଯାଏଁ ଏଭଳି ସ୍ଥିତି ଲାଗିରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଆସନ୍ତାକାଲି କୁହୁଡ଼ି ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ଆଗାମୀ ୭ ଦିନ ଯାଏ ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସହ ଶୀତ ବଢ଼ିବ। ୫ ଦିନ ପରେ ରାଜ୍ୟରେ ପ୍ରବଳ ଶୀତ ହେବାର ସମ୍ଭାବନା ଥିବା ନେଇ ସୂଚନା ଦେଇଛି ପାଣିପାଗ ବିଭାଗ । ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ୪ ଦିନ ପରେ ୨ ରୁ ୩ ଡିଗ୍ରୀ ସର୍ବନିମ୍ନ ତାପମାତ୍ରା ହ୍ରାସ ସହ ପୁଣି ବଢ଼ିବ ଶୀତ । ଅନ୍ୟପଟେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ିର ସମ୍ଭାବନା ରହିଛି । ଆଜିଠୁ ୧୮ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ କୁହୁଡ଼ି ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟାରେ କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ନୟାଗଡ଼, କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଘନ କୁହୁଡ଼ିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

**ନବ ଦାସ ହତ୍ୟା ମାମଲା: ଦୀପାଳିଙ୍କ ମନ୍ତବ୍ୟ ନେଇ ଆଇନ ମନ୍ତ୍ରୀଙ୍କ ପ୍ରତିକ୍ରିୟା**

## ସରକାରଙ୍କୁ ଜଣାଇଲେ ନିଷ୍ପତ୍ତି ନିଆଯିବ



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାରେ ଗତକାଲି ତାଙ୍କ ଝିଅ ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିବା ପରେ ଆଜି ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ନବ ଦାସ ହତ୍ୟା ମାମଲାର ସିବିଆଇ ତଦନ୍ତ ପାଇଁ ଦୀପାଳି କେବଳ ଗଣମାଧ୍ୟମରେ ଦାବି କଲେ ହେବ ନାହିଁ, ଏ ଦିଗରେ କୌଣସି ପ୍ରକାର ଠୋସ୍ ପଦକ୍ଷେପ ଚାହୁଁଥିଲେ ତାଙ୍କୁ ଲିଖିତ ଭାବେ ସରକାରଙ୍କୁ ଜଣାଇବାକୁ ପଡ଼ିବ। କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ତାଙ୍କ ପ୍ରତିକ୍ରିୟାରେ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଖାଲି ଗଣମାଧ୍ୟମ ଆଗରେ କହିଦେଲେ ହେବନି। ଯଦି ପୂର୍ବ ସରକାର ତଦନ୍ତରେ ପରିବାର ଲୋକେ ସନ୍ତୁଷ୍ଟ ନୁହଁନ୍ତି, ତା'ହେଲେ ସେମାନେ ଏନେଇ ସରକାରଙ୍କୁ ଲିଖିତ ଭାବେ ଜଣାଇବାର ଆବଶ୍ୟକତା ରହିଛି। ସେମାନଙ୍କ ଲିଖିତ ଦାବିର ବିଚାର ମୁଖ୍ୟମନ୍ତ୍ରୀ କରିବା ପରେ ନବ ଦାସ ହତ୍ୟାକାଣ୍ଡର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯିବ କି ନାହିଁ, ସେନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ନବ ଦାସଙ୍କ ହତ୍ୟା ଘଟଣାରେ ପୂର୍ବରୁ ବିଜେପି ମଧ୍ୟ ପ୍ରଶ୍ନ ଉଠାଇଥିଲା। କେଉଁ କାରଣ ପାଇଁ ଅଭିଯୁକ୍ତ ଗୋପାଳ ଦାସ ଗୁଳି ମାରିଲା, ସେନେଇ ବିଜେପି ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ତତ୍କାଳୀନ ବିଜେଡି ସରକାର ଦେଇପାରି ନଥିଲେ। ମାମଲାର ତଦନ୍ତ ଦାୟିତ୍ୱରେ ଥିବା କ୍ରାଇମବ୍ରାଞ୍ଚ ଦେଉଥିବା ତଥ୍ୟ କାହାକୁ ବି ସନ୍ତୁଷ୍ଟ କରିପାରୁନାହିଁ। ତେଣୁ ମାମଲାର ପୁନର୍ବିଚାର କରାଯିବ କି ନାହିଁ, ସେନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି ଯେ ବିଳମ୍ବରେ ହେଲେ ବି ପୂର୍ବ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ନାଁରେ କେବଳ ଭୁଆଁ ବୁଲାଇଥିଲେ ବୋଲି ଦୀପାଳି ସ୍ୱୀକାର କରିଛନ୍ତି।

## ସିମେଣ୍ଟ କାରଖାନାରେ ଭୁଶୁଡ଼ିଲା କୋଲ୍ ହପର୍, ଏକାଧିକ ମୃତାହତ



**ସୁନ୍ଦରଗଡ,୧୬।୧ (ସଂଚାର ବ୍ୟୁରୋ) :** ସିମେଣ୍ଟ କାରଖାନାରେ ବଡ଼ ଧରଣର ଅଘଟଣ ଘଟିଛି । ସୁନ୍ଦରଗଡ ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଣ୍ଟ କାରଖାନାରେ କୋଲ୍ ହପର୍ ଭୁଶୁଡ଼ି ପଡ଼ିଛି । ଘଟଣାସ୍ଥଳରେ ୧୨ ଜଣ ଶ୍ରମିକ କାମ କରୁଥିବା ଜଣାପଡ଼ିଛି। ଷ୍ଟକ ରଖାଯାଉଥିବା କୋଇଲା ହପର୍ ଭୁଶୁଡ଼ି ପଡ଼ିବାରୁ ଏକାଧିକ ଶ୍ରମିକ ମୃତାହତ ହୋଇଥିବା ଆଶଂକା କରାଯାଉଛି। ତିନିରୁ ୪ ଜଣ ଶ୍ରମିକ ଚାପି ହୋଇଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

## ପାଣି ହଣ୍ଡାରେ ବୁଡ଼ି ଶିଶୁକନ୍ୟା ମୃତ

**ଝରିଗାଁ,୧୬।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଧୀନ ଏକମ୍ବା- ଖ ପଞ୍ଚାୟତ ସଦର ମହକୁମାରେ ବୁଧବାର ଏକ ଅଘଟଣ ଘଟିଛି। ପାଣି ଭର୍ତ୍ତି ଥିବା ଏକ ହଣ୍ଡାରେ ପଡ଼ି ଜଣେ ୨ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏକମ୍ବା ଗ୍ରାମର ରମେଶ ଭଟ୍ଟଙ୍କ ଝିଅ ନତାଶା। ମିଳିଥିବା ସୂଚନାମୁତାବକ, ରମେଶ ଭଟ୍ଟଙ୍କୁ ଆବାସ ଗୃହ ମିଳିଥିଲା। ବୁଧବାର ସକାଳୁ ଆବାସ ଗୃହର ଛାତ ପକାଇବା ସ୍ଥିର ହୋଇଥିଲା। ଛାତ ପକାଇବା କାମରେ ରମେଶ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ବ୍ୟସ୍ତ ଥିଲେ। ଏହି ସମୟରେ ରମେଶଙ୍କ ୨ ବର୍ଷର ଝିଅ ନତାଶା ଘର ନିକଟରେ ଥିବା ଏକ ପାଣି ଭର୍ତ୍ତି ହଣ୍ଡା ମଧ୍ୟରେ ପଡି ଯାଇଥିଲେ। ତେବେ ପରିବାର ଲୋକ ନତାଶାଙ୍କୁ ପାଖରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ସା ପ୍ରାୟ ୪ଟାରେ ପାଣି ହଣ୍ଡାରେ ପଡି ନତାଶାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ।

## ବାଇକକୁ ପିଟିଲା ପିକଅପ୍, ୨ ମୃତ

**ଧର୍ମଗଡ,୧୬।୧(ସଂଚାର ବ୍ୟୁରୋ):** ଏକ ବାଇକକୁ ପିକଅପ୍ ଭ୍ୟାନ୍ ଧକ୍କା ଦେବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଶ୍ରୀରାମପଡ଼ା ନିକଟରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଯୋଗୁଁ ଘଟଣାସ୍ଥଳରେ ହିଁ ବାଇକରେ ଥିବା ଦୁଇ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସ୍ଥାନୀୟ ଗଣ୍ଡାମେର ଗାଁର ଗୋପାଳ ନାଏକ ଓ ନୂଆପଡ଼ା ଜିଲ୍ଲା ଅନକାପୁର ଗାଁର କିଶୋର ନାଏକ। ସେହିପରି ଗୁରୁତର ଥିବା ସୁନୁନିକୁଣ୍ଡା ଗାଁର ପ୍ରତ୍ୟୁଷ ଟୋଲଟିଆଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଦେବା ପରେ ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ୩ ଜଣ ଏକ ବାଇକରେ ଗୋଲାମୁଣ୍ଡା ପଟୁ ବୃନ୍ଦା ବହାଲ ଅଭିମୁଖେ ଆସୁଥିବା ସମୟରେ ଶ୍ରୀରାମପଡ଼ା ନିକଟରେ ସେମାନଙ୍କୁ ଏକ ପିକଅପ ଭ୍ୟାନ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଗୋଲାମୁଣ୍ଡା ଓ ଦଶପୁର ପୁଲିସ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିବା ଜଣାପଡ଼ିଛି।

## ୧୩ଘଣ୍ଟାଧରି ବନବିଭାଗର ଚଢ଼ାଉ, ଲକ୍ଷାଧିକ ଟଙ୍କାର କାଠ ଓ ସାମଗ୍ରୀ ଜବତ





**ରାଇଘର,୧୬।୧ (ସଂଚାର ବ୍ୟୁରୋ):**ସୋନପୁର ଡି ଏନ କେ ଗାଁରେ ଛତିଶଗଡ଼ ଓ ଓଡ଼ିଶା ବନବିଭାଗ ର ମିଳିତ ଚଢ଼ାଉ ରେ ଜବତହେଲା ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ଓ କାଠ ରେ ନିର୍ମିତ ସାମଗ୍ରୀ ।

ବୁଧବାର ରାତି ୧୦ଟାରୁ ବନବିଭାଗ ଆରମ୍ଭ କରିଥିଲା ଚଢ଼ାଉ । ପ୍ରଥମେ ସୋନପୁର ଗାଁ ର ସମସ୍ତ ରାସ୍ତା ଗୁଡିକୁ ସିଲ କରିବା ପରେ ଆରମ୍ଭ କଲେ ଚଢ଼ାଉ। ଗତ କାଲି ବିଳମ୍ବିତ ରାତିରେ ଛତିଶଗଡ଼ ରୁ ଓଡ଼ିଶା ସୋନପୁରକୁ ଆସୁଥିବା କାଠ ଗଣ୍ଡି ବୋଝେଇ ଏକ ପିକ ଅପ ଭ୍ୟାନ ଯାହାର ନମ୍ବର ଓ ଆର ୨୪ଏ ୦୪୦୭ ।ଏବଂ ଦୁଇଜଣ ଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ବନ ବିଭାଗ। ସେହିଭଳି ଆଜି ସୋନପୁର ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣର କାଠ ଓ କାଠ ସାମଗ୍ରୀ ଜବତ କରାଯାଇଛି ସେଥିରେ ନିର୍ମାଣଧୀନ ପଲଙ୍କ ,ସୋଫା ,ଡାଇନିଂ ଟେବୁଲ ଭଳି ସାମଗ୍ରୀ ମାନ ଏବଂ ବର୍ତ୍ତମାନ ସୁଦ୍ଧା ଧରା ଯାଇଥିବା କାଠ ର ସଠିକ ମୂଲ୍ୟ କେତେ ଆକଳନ କରାଯାଇନଥିବା ବେଳେ ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ ହୋଇଥିବା ସୂଚନା ଦେଇଛନ୍ତି ଡି ଏଫ ଓ ସୁଭେନ୍ଦୁ ପ୍ରସାଦ ବେହେରା। ଏହି ଚଢାଉ ରେ ନବରଙ୍ଗପୁର ଡିଏଫ୍ଓଙ୍କ ନେତୃତ୍ୱରେ ନବରଙ୍ଗପୁର ଏସିଏଫ୍ଓ ସୁବାସ ଖୁଣ୍ଟିଆ ସମେତ ଜିଲ୍ଲାର ୬ ଟି ରେଞ୍ଜ ନବରଙ୍ଗପୁର ,ଝରୀଗାଁ ,ଉମରକୋଟ ,କୋଡୀଙ୍ଗା ,ଡାବୁଗାଁ ,ରାଇଘର ର ୧୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । ସେହିପରି ଛତିଶଗଡ଼ ବନବିଭାଗ ଏସିଏଫ ଗୋପାଳକୃଷ୍ଣ ,ତୋରେଙ୍ଗା ରେଞ୍ଜର ରାକେଶ ସିଂ ପରିହାର, ଇନ୍ଦାଗାଓଁ ରେଞ୍ଜର ସୁଶୀଲ ସାଗର, ଉଦନ୍ତି ରେଞ୍ଜର ସୋନୀ, ଆର୍ସିକେନହର ରେଞ୍ଜର ଶୈଳେଶ ସିଂ ବାଘେଲ ,ରିସଗାଓଁ ରେଞ୍ଜର ପ୍ରତିଭା ମେସରମ ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଥାଉକି ୧୮ଜଣଙ୍କ ଘର ଉପରେ ଚଢ଼ାଉ ହୋଇଥିବାବେଳେ ଦୁଇ ଜଣଙ୍କୁ ପ୍ରଶାନ୍ତ ବିଶ୍ୱାସ ଓ ବିଜୟ ଗଣ୍ଡ ଙ୍କୁ ଜାମିନ ରେ ଛଡାଯାଇଥିବା ସୂଚନା ମିଳିଛି ।ରାତି ହୋଇଯାଇଥିବାରୁ ଆସନ୍ତା କାଲି ସଠିକ ତଥ୍ୟ ମିଳିବା ନେଇ ବିଭାଗ ପ୍ରକାଶ କରିଛି ।

**ସହଦେବ ହତ୍ୟା ମାମଲା**

## ମାଟିରେ ମିଶିବ ଅଭିଯୁକ୍ତଙ୍କ ଘର!

**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ପୁଲିସ୍ ମିତ୍ର ସଦେବ ନାୟକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯିବା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ବ୍ରାଉନ୍‌ସୁଗର୍ ବ୍ୟବସାୟକୁ ବିରୋଧ କାରଣରୁ ଏପରି ଅଘଟଣ ଘଟାଇଥିବା ସ୍ପଷ୍ଟ ହୋଇଛି। ତେବେ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ହେବ, ତା' ତ ଆଇନ ବିଚାର କରିବ। କିନ୍ତୁ ଏହା ପୂର୍ବରୁ ଏହି ଅଭିଯୁକ୍ତମାନଙ୍କ ଘର ଭାଙ୍ଗିବା ସକାଶେ କମିଶନରେଟ୍ ପୁଲିସ୍ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମକୁ ନିବେଦନ କରାଯାଇଛି। ଏହି ଅଭିଯୁକ୍ତମାନଙ୍କ ଘର ସରକାରୀ ଜାଗାରେ ତିଆରି ହୋଇଥିବା ବେଳେ ଏହା ଅପରାଧର ପେଣ୍ଠ ହୋଇଥିବାରୁ ତୁରନ୍ତ ଏହାକୁ ଭାଙ୍ଗିବାର ଆବଶ୍ୟକତା ରହିଛି ବୋଲି ପୁଲିସ୍ ଲେଖିଥିବା ଚିଠିରେ ଉଲ୍ଲେଖ କରିଛି। ସୂଚନାଯୋଗ୍ୟ ଯେ ଗତ ୮ରେ ରସୁଲଗଡ଼ ଓଭରବ୍ରିଜ୍ ଉପରେ ସହଦେବଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ରସୁଲଗଡ଼ କେଦାରପଲ୍ଲୀ ବସ୍ତିର ସହଦେବ ଏକ ନାଲି ରଙ୍ଗର ଜୁପିଟର ସ୍କୁଟି ଯୋଗେ ଭିଏସ୍ଏସ୍ ନଗରରୁ ରସୁଲଗଡ଼ ଆଡ଼କୁ ଆସୁଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ତାଙ୍କୁ ପିଛା କରିବା ସହ ଜାତୀୟ ରାଜପଥର ବାଣୀବିହାର ଓଭରବ୍ରିଜ ଉପରେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା।

## ୧୮ରେ ଚିଲିକାରେ ହେବ ପକ୍ଷୀ ଓ ଡଲଫିନ୍ ଗଣନା



**ଟାଙ୍ଗୀ,୧୬।୧ (ସଂଚାର ବ୍ୟୁରୋ):** ଚିଲିକାରେ ହେବ ପକ୍ଷୀ ଓ ଡଲଫିନ୍ ଗଣନା । ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଗଣନା କାର୍ଯ୍ୟ ହେବ। ଗୋଟିଏ ଦିନରେ ସରିବ ପକ୍ଷୀ ଗଣନା । କିନ୍ତୁ ୩ ଦିନ ଧରି ହେବ ଡଲଫିନ୍ ଗଣନା । ଶୁକ୍ରବାର ପକ୍ଷୀ ଗଣନା ପାଇଁ ଟ୍ରେନିଂ କ୍ୟାମ୍ପ ହେବ ଓ ତା'ପର ଦିନ ଅର୍ଥାତ ଶନିବାର ଦିନ ହେବ ପକ୍ଷୀ ଗଣନା । ସମଗ୍ର ଚିଲିକାରେ ହେବ ଏହି ପକ୍ଷୀ ଗଣନା । ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅଧିନରେ ଥିବା ୫ଟି ରେଞ୍ଜ ଇଲାକାରେ ଯଥା ଟାଙ୍ଗୀ, ବାଲୁଗାଁ, ସାତପଡ଼ା, ନୂଆପଡ଼ା, ରମ୍ଭା ବନ୍ୟପ୍ରାଣୀ ବିଭାଗର ଚିଲିକା ଏରିଆରେ ହେବ ପକ୍ଷୀଙ୍କ ଗଣନା କାର୍ଯ୍ୟ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଚିଲିକାକୁ କେତେ ସଂଖ୍ୟକ ଦେଶୀ-ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଛି, ତାହାର ଟିକ୍-ନିଖ୍ ହିସାବ କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ । ଠିକ୍ ସେହିପରି ଚିଲିକାରେ କେତେ ସଂଖ୍ୟକ ଡଲଫିନ୍ ଅଛନ୍ତି। ତାହାର ଗୋଟି ଗୋଟି କରି ଗଣତି କରିବ ଚିଲିକା ବନ୍ୟପ୍ରାଣୀ ବିଭାଗ । ସେଥିପାଇଁ ୧୯ ତାରିଖରେ ଡଲଫିନ୍ ଗଣନା ପାଇଁ ହେବ ଟ୍ରେନିଂ କ୍ୟାମ୍ପ ଓ ତା'ପର ଦିନ ଅର୍ଥାତ ୨୦, ୨୧, ୨୨ ଅର୍ଥାତ ୩ ଦିନ ଧରି ଡଲଫିନ୍ ଗଣନା ହେବ । ବିଶେଷଜ୍ଞ, ଗବେଷକ, ରିସର୍ଚ୍ଚ ପର୍ସନ ଓ ଟୁରିଷ୍ଟ ଗାଇଡ୍, ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ଏହି ଗଣନା କାର୍ଯ୍ୟରେ ସାମିଲ ହେଉଛନ୍ତି। ପାଗ ଅନୁକୂଳ ରହିଲେ ପକ୍ଷୀ ଓ ଡଲଫିନ୍ ଗଣନା କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ । ବାଲୁଗାଁ-ବଡ଼କୁଳ ସ୍ଥିତ ସିଡିଏର ଗବେଷଣା କେନ୍ଦ୍ର ପରିସରରେ ଏକ

## ପଦ୍ମବିଜେତାଙ୍କୁ ମାସିକ ୩୦ ହଜାର ସହାୟତା




**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ପଦ୍ମ ପୁରସ୍କାର ବିଜେତାଙ୍କ ବିଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମାସିକ ୩୦ ହଜାର ଟଙ୍କାର ସମ୍ମାନସୂଚକ ସହାୟତା ରାଶି ପ୍ରଦାନ କରିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୩୦ ହଜାର ଟଙ୍କାର ସମ୍ମାନ ସୂଚକ ସହାୟତା ରାଶି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଚଳିତ ମାସଠାରୁ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ନିଷ୍ପତ୍ତି ଅନୁସାରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଥିବା ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କ ସବିଶେଷ ତଥ୍ୟ (ଜିଲ୍ଲାପାଳଙ୍କ ପ୍ରମାଣପତ୍ର, ବ୍ୟାଙ୍କ ଖାତାର ବିଶଦ ବିବରଣୀ, ଆଇଏଫ୍ଏସ୍‌ସି କୋଡ) ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟକୁ ଯଥାଶୀଘ୍ର ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ରାଜ୍ୟରେ ୫୫ ଜଣ ଜୀବିତ ପଦ୍ମ ପୁରସ୍କାର ବିଜେତା ଥିବାରୁ ଏ ବାବଦରେ ରାଜ୍ୟ ରାଜକୋଷରୁ ବାର୍ଷିକ ଅତିରିକ୍ତ ୨ କୋଟି ଟଙ୍କା ଖର୍ଚ୍ଚ ହେବ। ସୂଚନାଯୋଗ୍ୟ ଯେ ଭାରତରତ୍ନ ପରେ ପଦ୍ମ ପୁରସ୍କାର ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର। କଳା, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ସାମାଜିକ କାର୍ଯ୍ୟ, ଜନସେବା, ଔଷଧ, ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗତ ୧୯୫୪ରୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଆସୁଛି। ଓଡ଼ିଶାରୁ ଅନେକ ଏହି ପ୍ରତିଷ୍ଠିତ ତଥା ମର୍ଯ୍ୟାଦାଜନକ ପୁରସ୍କାର ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ।

## ଆଜିଠାରୁ ଶିମିଳିପାଳ ଜଗିବେ ପୁଲିସ ଫୋର୍ସ

**ବାରିପଦା,୧୬।୧ (ସଂଚାର ବ୍ୟୁରୋ):** ଶିମିଳିପାଳରେ ଶୁକ୍ରବାରଠାରୁ ନିୟୋଜିତ ହେବେ ପୋଲିସ ଫୋର୍ସ। ପ୍ରାଥମିକ ପର୍ଯ୍ୟାୟରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଜଏଣ୍ଟ ଟାସ୍କଫୋର୍ସ ସହ ମିଶି ପାଟ୍ରୋଲିଂ କରିବା ସହିତ ଫୋର୍ସ ରେଡ୍ କରିବେ ବୋଲି ସୂଚନା ଦେଇଛନ୍ତି ମୟୂରଭଞ୍ଜ ଏସ୍‌ପି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ(ଏସ୍‌ଟିଆର୍) ପ୍ରକଳ୍ପରେ ଏକ କଳାବାଘର ହତ୍ୟା ପରେ ତତ୍ପର ହୋଇଛି ପ୍ରଶାସନ। ଶିକାରୀ ଏବଂ ବନ୍ୟପ୍ରାଣୀ ସାମଗ୍ରୀର ଅବୈଧ ବ୍ୟବସାୟୀଙ୍କ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା କଳାବାଘ ଚମଡ଼ା ଓ ନଖକୁ ଜବତ କରାଯିବା ସହିତ ଘଟଣାରେ ଜଡିତ ୪ଜଣ ଶିକାରୀଙ୍କୁ ବନବିଭାଗ ଗିରଫ କରିଛି।

ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଞ୍ଚଳ ତେନ୍ତୁଳା ଗ୍ରାମର ଅଜମ୍ବର ନାୟକ ଛଦ୍ମନାମ ଫାଟୁ, ପୀତାମ୍ବର ନାୟକ ଛଦ୍ମନାମ ଡାକ୍ତର, ରାମା ନାୟକ, ଛଦ୍ମନାମ ଥାଲୁ ଓ ପାଟସାଣିପୁର ଅନ୍ତର୍ଗତ ବାଲିଘାଟର ବାଇରାମ ମୁର୍ମୁ ଛଦ୍ମନାମ ଡୁଡିବାବା ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି।

ଶିମିଳିପାଳ କ୍ଷେତ୍ର ଅଧୀନ ଡୁକୁରା ବନ୍ୟପ୍ରାଣୀ ବନାଞ୍ଚଳ ଉଦଳା ଥାନା ଅଧୀନ ତେନ୍ତୁଳା ଓ ବାଲିଘାଟ ଅଞ୍ଚଳରେ କଳାବାଘ ଚମଡ଼ା ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବନବିଭାଗ ଜାଣିବାକୁ ପାଇଥିଲା। ଏସ୍‌ଟିଆରର ଦକ୍ଷିଣ-ପଶ୍ଚିମ ଲ୍ୟାଣ୍ଡ ଡିଭିଜନର ସ୍ୱତନ୍ତ୍ର ପ୍ରବର୍ତ୍ତନ ଶାଖା ପକ୍ଷରୁ ଚଢାଉ କରାଯାଇଥିଲା। ପୃଥକ୍ ଭାବେ ଚଢାଉ କରି ୪ଜଣ ଶିକାରୀଙ୍କୁ ବନବିଭାଗ ପକ୍ଷରୁ ଗିରଫ କରାଯାଇଛି । ପୂର୍ବରୁ ବାଘ ନଖ ଓ ଦାନ୍ତ ଜବତ ସହିତ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା ପରେ ଏହି ସଫଳତା ମିଳିଛି। ତେବେ ଘଟଣାର ମାଷ୍ଟରମାଇଣ୍ଡ ଫେରାର ରହିଛନ୍ତି। ରାଜ୍ୟସ୍ତରୀୟ ଯୁଗ୍ମ କାର୍ଯ୍ୟ ବାହିନୀ (ଜେଟିଏଫ୍) ଉପରୋକ୍ତ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତରେ ଶିମିଳିପାଳ ଦଳକୁ ସମର୍ଥନ କରୁଛି।



## ଖୋର୍ଦ୍ଧାରୁ ଏଚ୍‌ଏମ୍‌ପିଭି ରୋଗୀ ଚିହ୍ନଟ ଖବର ମିଛ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ):** ବିଭିନ୍ନ ରାଜ୍ୟରେ ଚିହ୍ନଟ ହେଉଛନ୍ତି ଏଚ୍‌ଏମ୍‌ପିଭି ଆକ୍ରାନ୍ତ। ଏହାରି ଭିତରେ ରାଜ୍ୟରେ ଏଚ୍‌ଏମ୍‌ପିଭି ରୋଗୀ ଚିହ୍ନଟ ନେଇ ଚର୍ଚ୍ଚା ହେଉଥିଲା । ଖୋର୍ଦ୍ଧା କାଇପଦର ଅଞ୍ଚଳରେ ଏଚ୍‌ଏମ୍‌ପିଭି ରୋଗୀ ଚିହ୍ନଟ ଖବରରେ ସତ୍ୟତା ନାହିଁ । ଏଯାଏଁ ରାଜ୍ୟରେ କେହି ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ ହୋଇନଥିବା ସ୍ପଷ୍ଟ କରିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି," ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ରାଜ୍ୟରେ ଏଚ୍‌ଏମ୍‌ପିଭିର କୌଣସି ସୂଚନା ନାହିଁ । ଏବେ ସୁଦ୍ଧା ରାଜ୍ୟରୁ କେହି ଏଚ୍‌ଏମ୍‌ପିଭି ଭୂତାଣୁରେ ସଂକ୍ରମିତ ହୋଇଥିବା ରିପୋର୍ଟ ଆସିନାହିଁ । ବର୍ତ୍ତମାନ ସୁଦ୍ଧା ରାଜ୍ୟରୁ ଯେତିକି ନମୁନା ଏଚ୍‌ଏମ୍‌ପିଭି ପରୀକ୍ଷା ପାଇଁ ଯାଇଛି, ସବୁ ନେଗେଟିଭ୍ ଆସିଛି । ଭୟଭୀତ ହେବାର ଆବଶ୍ୟକତା ନାହିଁ । ସାଧାରଣ ଥଣ୍ଡା ଜ୍ୱର ଭଳି ଏହାର ଲକ୍ଷଣ । ଏହି ସିଜିନରେ ସାଧାରଣ ଭାବେ ଥଣ୍ଡା ଜ୍ୱର ହୁଏ, କିନ୍ତୁ ରୋଗୀ ସଂଖ୍ୟା ଏତେ ଅଧିକ ହୋଇନାହିଁ, ତେଣୁ ଭୟ କରିବାର ଆବଶ୍ୟକତା ନାହିଁ ।"ଭିନ୍ନ ସମୟରେ ଟେଷ୍ଟ ପାଇଁ ଯାଉଛି ସାମ୍ପୁଲ। ବିଭିନ୍ନ ହସ୍ପିଟାଲ ଓ ଆରଏମ୍‌ଆର୍‌ସିରେ ହେଉଥିବା ଟେଷ୍ଟରୁ କୌଣସି ପଜିଟିଭି କେସ୍ ଆସିନାହିଁ। ବର୍ତ୍ତମାନ ସୁଧା ରାଜ୍ୟରେ କୌଣସି ରାଜ୍ୟରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ନାହାନ୍ତି" ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ।

**ଭିସୁଟ୍ ଛାତ୍ରୀ ମୃତ୍ୟୁ ମାମଲା**

## ହାଇକୋର୍ଟଙ୍କ ପୁନଃତଦନ୍ତ ନିର୍ଦ୍ଦେଶ




**କଟକ,୧୬।୧(ସଂଚାର ବ୍ୟୁରୋ):** ସମ୍ବଲପୁର ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣା ପୁନଃ ତଦନ୍ତ ପାଇଁ ସମ୍ବଲପୁର ଏସ୍‌ପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ତଦନ୍ତ ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ସମ୍ବଲପୁର ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କରିବା ପରେ ପୁଲିସ ଆତ୍ମହତ୍ୟା ବୋଲି କହିଥିଲା। କିନ୍ତୁ ପରିବାର ଲୋକେ ହତ୍ୟାକାଣ୍ଡ ଅଭିଯୋଗ ଆଣିଥିଲେ। ଏପିରିକି ପୁଲିସ ତଦନ୍ତରେ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହ ଭିସୁଟ୍ ଛାତ୍ରୀ ମୃତ୍ୟୁ ଘଟଣାର ପୁନଃ ତଦନ୍ତ ପାଇଁ ସମ୍ବଲପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ଆସିବେ ସିଙ୍ଗାପୁର ରାଷ୍ଟ୍ରପତି



**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ସିଙ୍ଗାପୁର ରାଷ୍ଟ୍ରପତି ଥାର୍ମନ ଶନ୍ମୁଗାରତ୍ନମ୍ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଆସନ୍ତା ୨୮ ଓ ୨୯ ତାରିଖରେ ରାଜ୍ୟରେ ହେବାକୁ ଥିବା ବିଜେପି ସରକାରଙ୍କ ମେଗା ନିବେଶକ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପୂର୍ବରୁ ରାଷ୍ଟ୍ରପତି ପ୍ରଥମ ଥର ପାଇଁ ରାଜ୍ୟ ଗସ୍ତରେ ଆସୁଥିବାରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ତାଙ୍କ ସହ ମନ୍ତ୍ରୀ, ସାଂସଦ ଓ ଅଧିକାରୀଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସିଙ୍ଗାପୁର ରାଷ୍ଟ୍ରପତି ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ବିମାନବନ୍ଦରରେ ପହଞ୍ଚିବେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଏକ ହୋଟେଲରେ ତାଙ୍କୁ ଭେଟିବେ। ଓଡ଼ିଶାରେ ଦକ୍ଷତା ବିକାଶ ଇକୋସିଷ୍ଟମକୁ ଆହୁରି ବୃଦ୍ଧି କରିବା ଏବଂ ଓଡ଼ିଶାରେ ସେମିକଣ୍ଡକ୍ଟର ସମ୍ବନ୍ଧୀୟ ଦକ୍ଷତା ପ୍ରଚଳନ ମାଧ୍ୟମରେ ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଟିଭିଇଟି ପରିଦୃଶ୍ୟକୁ ବୃଦ୍ଧି କରିବା ପାଇଁ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ (ଟିଭିଇଟି) କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ ଯୋଗ ଦେବେ। ସିଙ୍ଗାପୁରର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଏଜୁକେସନ ଆଣ୍ଡ ଏଜୁକେସନ ସର୍ଭିସେସ୍ (ଆଇଟିଇଏସ୍) ପକ୍ଷରୁ ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କର ପାଣ୍ଠିରେ ପ୍ରତିଷ୍ଠା ହୋଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବେ ରାଷ୍ଟ୍ରପତି। ମୁଖ୍ୟମନ୍ତ୍ରୀ ତାଙ୍କ ପାଇଁ ଏକ ସରକାରୀ ରାତ୍ରିଭୋଜନର ଆୟୋଜନ କରିବେ। ସେମାନେ ଅର୍ଥନୈତିକ ରଣନୀତି ଏବଂ ପାରସ୍ପରିକ ସୁଯୋଗ ବିଷୟରେ ମଧ୍ୟ ଆଲୋଚନା କରିବେ। ଆସନ୍ତା ୧୮ ତାରିଖ ସକାଳେ ସୂର୍ଯ୍ୟମନ୍ଦିର କୋଣାର୍କ ଗସ୍ତ କରିବା ପରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଭାରତ ବାୟୋଟେକ୍ର ଟିକା ଉତ୍ପାଦନ କାରଖାନା ପରିଦର୍ଶନ କରିବେ। ମୁଖ୍ୟତଃ ପେଟ୍ରୋକେମିକାଲ ଓ ସବୁଜ ଶକ୍ତି କ୍ଷେତ୍ରକୁ ଗୁରୁତ୍ୱ ଦେଇ ଅନେକ ଦ୍ୱିପାକ୍ଷିକ ଚୁକ୍ତି ଓଡ଼ିଶାରେ ରହିବା ସମୟରେ ଆନୁଷ୍ଠାନିକ ହେବାର ସମ୍ଭାବନା ରହିଛି।

**ଆଦିବାସୀ ମେଳା ଉଦ୍‌ଯାପିତ**

## ୧୨ ଦିନରେ ୯ କୋଟିର ବେପାର




**ଭୁବନେଶ୍ୱର,୧୬।୧(ସଂଚାର ବ୍ୟୁରୋ):** ଉଦ୍‌ଯାପିତ ହେଲା ରାଜ୍ୟସ୍ତରୀୟ ଆଦିବାସୀ ମେଳା। ସ୍ଥାନୀୟ ୟୁନିଟ-୩ ଆଦିବାସୀ ପଡ଼ିଆଠାରେ ଗତ ୧୨ ଦିନ ଧରି ଚାଲିଥିବା ଏହି ମେଳାରେ ସାଢ଼େ ୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଏହି ମେଳାରେ ମୋଟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିଲା, ଯାହାକି ଗତବର୍ଷ ତୁଳନାରେ ପାଖାପାଖି ଦୁଇ ଗୁଣ ବୋଲି ଜଣାପଡ଼ିଛି।

ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମେଳାର ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚଳିତ ବର୍ଷର ଆଦିବାସୀ ମେଳା ଆମ ପାଇଁ ସ୍ୱତନ୍ତ୍ର ଥିଲା। ପ୍ରବାସୀ ଭାରତୀୟ ଦିବସ ଆମେ ପାଳନ କରିଛୁ, ପ୍ରଥମ ଥର ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାରେ ସଫଳତା ପାଇଛୁ। ମୁଖ୍ୟଧାରାର ବିକାଶରେ ଆଦିବାସୀଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ। ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହ ଆଦିବାସୀଙ୍କ ସାମୂହିକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ସ୍ୱାର୍ଥ ପ୍ରତି ଯତ୍ନବାନ ଅଛନ୍ତି। ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ସହ ଆଦିବାସୀଙ୍କ ମଧ୍ୟରେ ଅଧିକ ସଚେତନତା ବୃଦ୍ଧି ପାଉଛି। ସେହିପରି ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଆଦିବାସୀ ମେଳା ଆୟୋଜନକୁ ପ୍ରଶଂସା କରିଥିବା ବେଳେ କୋଟପାଡ଼ ବିଧାୟକ ରୁପୁ ଭଦ୍ରା ଓଡ଼ିଶା ମାଟିକୁ ଆଦିବାସୀ ପ୍ରଦେଶର ମାଟି ବୋଲି ବର୍ଣ୍ଣନା କରିଛନ୍ତି। ଉଦଯାପନୀ ସନ୍ଧ୍ୟାରେ ଜର୍ଣ୍ଣାଲ 'ଆଦିବାସୀ: ୬୪ତମ ଖଣ୍ଡ' ଉନ୍ମୋଚିତ ହୋଇଥିବା ବେଳେ 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ'ର ବାର୍ଷିକ ରିପୋର୍ଟ ଲୋକାର୍ପିତ ହୋଇଛି। ଏହି ଅବସରରେ ୬ ଜଣ ସଫଳ ଜନଜାତି ଚାଷୀ, ୬ ଜଣ କ୍ଷୁଦ୍ର ଉଦ୍ୟୋଗୀ ଓ ଜଣେ ଜନଜାତି କଳାକାରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ୩ଟି ଶ୍ରେଷ୍ଠ କୁଡ଼ିଆ ଓ ୩ ଜଣ ଜନଜାତି ବ୍ୟବସାୟୀଙ୍କୁ ପୁରସ୍କୃତ କରାଯାଇଛି। ଉଦଯାପନୀ ସମାରୋହରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଡ. ପୋମା ଟୁଡୁ, ଅନୁସୂଚିତ ଜାତି କଲ୍ୟାଣ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଦିବାସୀ ଭାଷା ଓ ସଂସ୍କୃତି ପ୍ରତିଷ୍ଠାନ ଭୁବନେଶ୍ୱର ଦ୍ୱାରା ଆଦିବାସୀ ମେଳା ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଗାଁ, ଆଦିବାସୀ ହାଟ, ଆଦିବାସୀ କଳା ଓ କଳାବସ୍ତୁ ପ୍ରଭୃତି ପ୍ରଦର୍ଶନୀ, ଭଗବାନ ବିର୍ସା ମୁଣ୍ଡା ଗ୍ୟାଲେରୀ, ଖାଦ୍ୟ ପ୍ରାଙ୍ଗଣର ଆୟୋଜନ କରାଯାଇଥିଲା। ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଭଗବାନ ବିର୍ସା ମୁଣ୍ଡା ପ୍ୟାଭିଲିୟନ୍ ନିର୍ମିତ ହୋଇଥିଲା, ଯେଉଁଥିରେ ତାଙ୍କ ଜୀବନଯାତ୍ରା ସମ୍ପର୍କିତ ବୃତ୍ତିଚିତ୍ର ଓ ଚିତ୍ରକଳା ଏବଂ ଜନଜାତି ଜୀବନ ଓ ସଂସ୍କୃତି ସମ୍ବନ୍ଧିତ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଡ୍ରୋନ୍ ଶୋ, ଲେଜର୍ ଶୋ, ଫାୟାର୍ ଶୋ, ଜନଜାତି ଫ୍ୟାସନ୍ ଶୋ, ପ୍ରୋଜେକ୍ସନ ମ୍ୟାପିଂ, ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ'ର ଆୟୋଜନ କରାଯାଇଥିଲା। ପ୍ରଥମ ଥର ରାଜ୍ୟ ବାହାରର ଜନଜାତି ବିକ୍ରେତା ଓ ଜନଜାତି ନୃତ୍ୟ ଦଳଙ୍କୁ ମେଳାରେ ଭାଗନେବାର ସୁଯୋଗ ମିଳିଥିଲା।

**ଗତବର୍ଷ ତୁଳନାରେ ଦୁଇ ଗୁଣ ଦର୍ଶକ ୧୯ ଜଣ ପୁରସ୍କୃତ**

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ବିଶ୍ୱ ବଜାରରେ ଅସ୍ଥିରତା ଦେଖାଦେଇଥିବାରୁ ପୁଣି ଥରେ ସୁନା ମହଙ୍ଗା ହୋଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୯୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୦ ହଜାର ୦୭୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୩, ୯୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୦, ୬୨୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୩,୯୦୦ ଟଙ୍କା ଓ ୮୦, ୬୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୪,୦୫୦ ଟଙ୍କା ଓ ୮୦, ୭୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୩,୯୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୦, ୬୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୩,୯୦୦ ଟଙ୍କା ଓ ୮୦, ୬୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୫,୫୦୦ ହଜାର ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।



# ଭାରତରେ ଲଞ୍ଚ୍ ହେଲା ନୂଆ ହୋଣ୍ଡା ସିବିଆର ୬୫୦ଆର୍




**ନୂଆଦିଲ୍ଲୀ, ୧୬।୧:** ହୋଣ୍ଡା ଟୁ-ହୁଇଲର ୨୦୨୫ ହୋଣ୍ଡା ସିବିଆର୍୬୫୦ଆର୍ କୁ ଭାରତୀୟ ବଜାରରେ ଲଞ୍ଚ କରାଯାଇଛି। ଏହା ସହିତ କମ୍ପାନୀ ଏହାକୁ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ରେ ମଧ ଉପସ୍ଥାପନା କରିବାକୁ ଯାଉଛି। ଏହାକୁ ଅଧିକ ସ୍ପୋର୍ଟି ଲୁକ୍ ସହିତ ଆକର୍ଷଣୀୟ ଗ୍ରାଣ୍ଡ ପ୍ରିକ୍ସ ରେଡ୍ କଲୱେ ସହିତ ଅଣାଯାଇଛି। ଆସନ୍ତୁ ଜାଣିବା ୨୦୨୫ ହୋଣ୍ଡା ସିବିଆର୍୬୫୦ଆର୍ କେଉଁ ଫିଚର୍ସ ସହିତ ଲଞ୍ଚ କରାଯାଇଛି। ନୂଆ ହୋଣ୍ଡା ସିବିଆର୍୬୫୦ଆର୍ ର ଡିଜାଇନ୍ ପୂର୍ବ ଅପେକ୍ଷା ଅଧିକ ସାର୍ପ ହୋଇଛି। ଏଥିରେ ଲିଟର-କ୍ଲାସ୍ ସିବିଆର୍‌ର ଡିଜାଇନ୍ ଜାରି ରଖିଛି। ବାଇକକୁ ଟ୍ୱିନ୍ ଏଲ୍ଇଡି ହେଡ୍ ଲାଇଟ୍ସ, ଫିୟରିଂରେ କଟ, କ୍ରେଜ୍ ଏବଂ ଅପସୁଇପ୍ଟ ଟେଲ୍ ଦିଆଯାଇଛି, ଯାହା ମିଶି ସିବିଆର୍୬୫୦ଆର୍ କୁ ଦମଦାର ସ୍ପୋର୍ଟି ଲୁକ୍ ଦେବ। ଏଥିରେ ଏକ ଆଟ୍ରାକ୍ଟିଭ୍ ଗ୍ରାଣ୍ଡ ପ୍ରିକ୍ସ ରେଡ୍ କଲୱେରରେ ଅଣାଯାଇଛି। ଏହା ସହିତ ଏହାର ବଡି ୱାର୍କ ତଳେ ଏକ ଷ୍ଟିଲ୍ ଡାଏମଣ୍ଡ ଫ୍ରେମର ବ୍ୟବହାର କରାଯାଇଛି, ଯାହା ଏକ ସୋୱା ଏସଏଫଫ ୟୁଏସଡି ଫର୍କ ଏବଂ ୧୦-ସ୍ଟେପ୍ ପ୍ରିଲୋଡ୍ ଆଡଜଷ୍ଟମେଣ୍ଟ ସହିତ ଏକ ମୋନୋସକ୍ ମାଧମରେ ସସପେଣ୍ଡ କରାଯାଇଛି। ବାଇକର ଫ୍ରଣ୍ଟ ଏବଂ ବ୍ୟାକରେ ୧୭ ଇଞ୍ଚର ହୁଇଲ୍ ଲଗାଯାଇଛି। ସେହିଭଳି, ଏହାର ବ୍ରେକିଂ ବିଷୟରେ କହିବାକୁ ଗଲେ ଏହାର ଫ୍ରଣ୍ଟରେ ଟ୍ୱିନ୍ ଡିସ୍କ ଏବଂ ବ୍ୟାକରେ ଡିସ୍କ ବ୍ରେକ୍ ରହିଛି, ଯେଉଁ କାରଣରୁ ଏହାର ବ୍ରେକିଂ ସିଷ୍ଟମ ବହୁତ ଉନ୍ନତ ହୋଇଛି। ନୂଆ ହୋଣ୍ଡା ସିବିଆର୍୬୫୦ଆର୍ ରେ ୬୪୯ସିସି , ଲିକ୍ୱିଡ୍-କୁଲ୍ଡ, ୪-ସିଲିଣ୍ଡର ଇଞ୍ଜିନ୍ର ବ୍ୟବହାର କରାଯାଇଛି। ଏଥିରେ ଲାଗିଥିବା ଇଞ୍ଜିନ୍ ୧୨,୦୦୦ଆରପିଏମରେ ୯୩ ବିଏଚପିର ପାୱାର ଏବଂ ୯,୫୦୦ ଆରପିଏମରେ ୬୩ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ସେହିଭଳି ଏହାର ଇଞ୍ଜିନର ୬-ସ୍ପିଡ୍ ମାନୁଆଲ୍ ଗିୟରବକ୍ସ ସହିତ ଯୋଡାଯାଇଛି। କମ୍ପାନୀ ଏହାକୁ ଇ-କ୍ଲଚ୍ ଭ୍ୟାରିଆଣ୍ଟ ସହିତ ମଧ ପ୍ରଦାନ କରିପାରିବ। ଏଥିରେ କିଛି ସର୍ଭୋ ମୋଟର ଦିଆଯାଇଛି, ଯାହା ଗିୟର ସିଫ୍ଟରେ ସାହାଯ୍ୟ କରେ। ନୂଆ ହୋଣ୍ଡା ସିବିଆର୍୬୫୦ଆର୍ ର ଫିଚସ ବିଷୟରେ କହିବାକୁ ଗଲେ ଏଥିରେ ଅଲ୍-ଏଲ୍ଇଡି ଲାଇଟ୍ସ, ଟିଏଫଟି ଡିସ୍ପ୍ଲେ ଅନ୍ୟାନ୍ୟ ଦମଦାର୍ ଫିଚର୍ସରେ ଲ୍ୟାସ୍ କରାଯାଇଛି। କମ୍ପାନୀ ଏହାକୁ ଭାରତୀୟ ବଜାରରେ ଲଞ୍ଚ କରିଛି। ହୋଣ୍ଡା ସିବି ୬୫୦ଆର ର ଏକ୍ସ-ସୋରୁମ୍ ପ୍ରାଇସ୍ ୯.୨୦ ଲକ୍ଷ ଟଙ୍କା ରଖାଯାଇଛି। ସେହିଭଳି, ହୋଣ୍ଡା ସିବିଆର୍୬୫୦ଆର୍ ର ଏକ୍ସ-ସୋରୁମ୍ ପ୍ରାଇସ୍ ୯.୯୯ ଲକ୍ଷ ଟଙ୍କା ନିର୍ଦ୍ଧାରିତ କରାଯାଇଛି। କମ୍ପାନୀ ଏହାର ବୁକିଂ ଆରମ୍ଭ କରିଛି। ଏହା ସହ ଏହାର ଡେଲଭରୀ ଫେବୃଆରୀ ୨୦୨୫ ରୁ ଆରମ୍ଭ ହେବ।

## ଆକାଶଛୁଆଁ ହେଲା ଆଦାନୀ ଗ୍ରୁପର ଶେୟାର



# ୧୫୦ ବିଲିଅନ କ୍ଷତି କରିଥିବା ହିଣ୍ଡେନବର୍ଗରେ ପଡ଼ିଲା ତାଲା

**ନୂଆଦିଲ୍ଲୀ,୧୬।୧:** ଆଦାନୀ ଗ୍ରୁପର ୧୫୦ ବିଲିଅନର ପର୍ଦ୍ଦାଫାଶ କରି କମ୍ପାନୀକୁ ଦୋହଲାଇ ଦେଇଥିବା ହିଣ୍ଡେନଗ୍ରୁପରେ ତାଲା ପଡିଛି। ହିଣ୍ଡେନବର୍ଗର ପ୍ରତିଷ୍ଠାତା ଆଣ୍ଡରସନ, ଫାର୍ମକୁ ବନ୍ଦ କରିବା ନେଇ ବଡ଼ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତିକୁ ନେଇ ସେ କହିଛନ୍ତି ଯେ, ଏହା ଏକ ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ଏବଂ ସେ ଯାହା କରିବାକୁ ଚାହୁଁଥିଲେ ତାହା କରିସାରିଛନ୍ତି। କମ୍ପାନୀ ବନ୍ଦ କରିବା ପଛରେ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନାହିଁ, କିମ୍ବା କୌଣସି ବିପଦ ନାହିଁ, କୌଣସି ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ନାହିଁ। ଦୁଇ ବର୍ଷ ପୂର୍ବେ ଏହି ମାସରେ, ହିଣ୍ଡେନବର୍ଗର ଏକ ରିପୋର୍ଟ ଯୋଗୁଁ ଗୌତମ ଆଦାନୀଙ୍କୁ $୧୦୦ ବିଲିୟନ କ୍ଷତି ସହିବାକୁ ପଡିଥିଲା। ଆଜି ମଧ୍ୟ, ହିଣ୍ଡେନବର୍ଗର ଏକ ଖବର ଯୋଗୁଁ, ଆଦାନୀ ଶେୟାରରେ ଏକ ବୃଦ୍ଧି ଦେଖିବାକୁ ମିଳିଛି। ପ୍ରକୃତରେ, ସର୍ଟ-ସେଲର୍ ଫାର୍ମ ହିଣ୍ଡେନବର୍ଗ ବନ୍ଦ ହେବାର ନିଷ୍ପତ୍ତିର ପ୍ରଭାବ ଆଜି ଆଦାନୀ ଗ୍ରୁପର ଶେୟାର ଉପରେ ଦେଖାଯାଉଛି। ଆଜି, ଆଦାନୀ ଏଣ୍ଟରପ୍ରାଇଜେସ, ଆଦାନୀ ପୋର୍ଟସ ଏବଂ ଏସଇଜେଡ୍ ଆଦାନୀ ଗ୍ରୀନ ଏନର୍ଜି, ଆଦାନୀ ପାୱାର, ଆଦାନୀ ଏନର୍ଜି ସଲ୍ୟୁସନ୍ସ, ଆଦାନୀ ଟୋଟାଲ ଗ୍ୟାସ, ଆଦାନୀ ୱିଲମାର, ଅମ୍ବୁଜା ସିମେଣ୍ଟ, ଏସିସି ଏବଂ ଏନଡିଟିଭି ସେୟାର ବୃଦ୍ଧି ପାଇଛି। ଗୁରୁବାର ଷ୍ଟକ ବଜାରରେ ଏକ ବଡ଼ ହ୍ରାସ ପରେ, କାରବାର ଜୋରଦାର ଆରମ୍ଭ ହୋଇଥିଲା୧ ନିଫ୍ଟି ୧୬୪ ପଏଣ୍ଟ ବୃଦ୍ଧି ସହିତ ୨୩୩୭୭ ସ୍ତରରେ ଖୋଲିଥିଲା, ଯେତେବେଳେ ସେନସେକ୍ସ ୫୯୫ ପଏଣ୍ଟ ବୃଦ୍ଧି ସହିତ ୭୭୩୧୯ ସ୍ତରରେ ଖୋଲିଥିଲା। ବଜାର ବର୍ତ୍ତମାନ ଉପରମୁହାଁ ହୋଇଛି। ସେହି ସମୟରେ, ଆଦାନୀ ଗ୍ରୁପର ସେୟାର ଆଜି ଫୋକସରେ ରହିଛି। ଗୌତମ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାର ବୃଦ୍ଧି ପଛରେ ସର୍ଟ ସେଲର୍ ଫାର୍ମ ହିଣ୍ଡେନବର୍ଗ ବନ୍ଦ ହୋଇଯିବା କାରଣ ବୋଲି ବିଶ୍ୱାସ କରାଯାଉଛି। ଏହି କମ୍ପାନୀ ଯୋଗୁଁ ଆଦାନୀଙ୍କୁ ବହୁତ କ୍ଷତି ସହିବାକୁ ପଡିଥିଲା ଏବଂ କମ୍ପାନୀକୁ ଏଥିରୁ ପୁନରୁଦ୍ଧାର କରିବାକୁ ବହୁତ ସମୟ ଲାଗିଥିଲା। ହିଣ୍ଡେନବର୍ଗ ୨୪ ଜାନୁଆରୀ ୨୦୨୩ରେ ଆଦାନୀ ଗ୍ରୁପ ବିରୋଧରେ ରିପୋର୍ଟରେ କହିଥିଲେ ଯେ ଆଦାନୀ ଗ୍ରୁପ ଅଫଶୋର ଟ୍ୟାକ୍ସ ହେଭନର ଅପବ୍ୟବହାର କରି ଲାଭ ରୋଜଗାର କରୁଛି, କିନ୍ତୁ ଆଦାନୀ ଗ୍ରୁପ ସମସ୍ତ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲା ଗତକାଲି ରାତିରେ, ହିଣ୍ଡେନବର୍ଗର ପ୍ରତିଷ୍ଠାତା ନାଥନ ଆଣ୍ଡରସନ ତାଙ୍କ କମ୍ପାନୀକୁ ବନ୍ଦ କରିବାର ଘୋଷଣା କରିଥିଲେ, ଯାହା ପରେ ଷ୍ଟକ ବଜାର ଖୋଲିବା ମାତ୍ରେ ଆଦାନୀ ସେୟାରରେ ଏକ ବଡ଼ ବୃଦ୍ଧି ଦେଖିବାକୁ ମିଳୁଛି।

## ରିଜର୍ଭ ବ୍ୟାଙ୍କରେ ମାଇକେଲ୍ ଦେବବ୍ରତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ

**ମୁମ୍ବାଇ, ୧୬।୧:** ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ କାର୍ଯ୍ୟ କରୁଥିବା ଓଡ଼ିଆ ଅଧିକାରୀ ମାଇକେଲ୍ ଦେବବ୍ରତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଗତବର୍ଷ ତାଙ୍କ କାର୍ଯ୍ୟକାଳକୁ ୨୦୨୫ ଜାନୁଆରି ୧୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଶ୍ରୀ ପାତ୍ରଙ୍କ ଅବସର ପରେ ରିଜର୍ଭ ବ୍ୟାଙ୍କର ବଡ଼ ପଦରେ ଓଡ଼ିଆ ଅଧିକାରୀଙ୍କ ସଂଖ୍ୟା କମ୍ ହୋଇଛି। ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ୧୦ରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଶ୍ରୀ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଅନ୍ୟ ତିନି ଡେପୁଟି ଗଭର୍ଣ୍ଣର ଏମ୍ ରାଜେଶ୍ୱର ରାଓ, ଟି ରବି ଶଙ୍କର ଓ ସ୍ୱାମୀନାଥନ ଜାନକୀରମଣଙ୍କ ମଧ୍ୟରେ ବିଭିନ୍ନ ବିଭାଗକୁ ପୁନର୍ବାର ବଣ୍ଟନ କରାଯାଇଛି। ଶ୍ରୀ ପାତ୍ରଙ୍କ ଦାୟିତ୍ୱରେ ଥିବା ମୁଦ୍ରାନୀତି ବିଭାଗ ରାଓଙ୍କୁ ଦିଆଯାଇଛି। ରିଜର୍ଭ ବ୍ୟାଙ୍କରେ ଥିବା ୩୩ଟି ବିଭାଗକୁ ତିନି ଡେପୁଟି ଗଭର୍ଣ୍ଣରଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି। ଇତି ମଧ୍ୟରେ ନୂଆ ଡେପୁଟି ଗଭର୍ଣ୍ଣର ଚୟନ କରିବା ଉଦ୍ୟମ ଆରମ୍ଭ ହୋଇଯାଇଛି। ବିଶ୍ୱବ୍ୟାଙ୍କର ପୂର୍ବତନ ଅର୍ଥନୀତିଜ୍ଞ ପୁନମ ଗୁପ୍ତା, ମୁଦ୍ରାନୀତି କମିଟିର ବାହ୍ୟ ସଦସ୍ୟ ଚେତନ ଘାଟେ, ଅଶୋକା ବିଶ୍ୱବିଦ୍ୟାଳୟର ପ୍ରାଚୀ ମିଶ୍ର, ଅର୍ଥନୀତିଜ୍ଞ ଅଜିତ ନାନାଡେ, ମାଡ୍ରାସ୍ ସ୍କୁଲ୍ ଅଫ୍ ଇକୋନମିକ୍ସର ନିର୍ଦ୍ଦେଶକ ଏନ୍ ଆର୍ ଭାନୁମୂର୍ତ୍ତି ଓ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନଙ୍କ ସାକ୍ଷାତକାର ନିଆଯାଇଛି।



## ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋରେ ସାମିଲ ହେବ ସ୍କୋଡା

**ଭୁବନେଶ୍ୱର,୧୬।୧:** ଚଳିତ ମାସ ୧୭ରୁ ୨୨ ଯାଏ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଭାରତ ମୋବିଲିଟି ଏକ୍ସପୋରେ ସ୍କୋଡା ଅଟୋ ଇଣ୍ଡିଆ ସାମିଲ ହେବା ସମ୍ପର୍କରେ ଘୋଷଣା କରିଛି । ଏଠାରେ ସ୍କୋଡା ଅଟୋ ଇଣ୍ଡିଆ ପାଭିଲିୟନରେ କମ୍ପାନି ଏହାର ସମୃଦ୍ଧ ଐତିହ୍ୟ ଏବଂ ଉଦ୍ଭାବନକୁ ପ୍ରଦର୍ଶନ କରାଇବ । ଭାରତ ଏବଂ ବିଶ୍ୱ ବଜାର ପୋର୍ଟଫୋଲିଓର ଏଠାରେ ୮ଟି ମଡେଲକୁ ପ୍ରଦର୍ଶନ କରାଯିବ। ଅତ୍ୟାଧୁନିକ ମୋବିଲିଟି ସମାଧାନ ଏବଂ ନିରନ୍ତରତା ଦିଗରେ ବ୍ରାଣ୍ଡର ରହିଥିବା ପ୍ରତିବଦ୍ଧତାକୁ କମ୍ପାନି ଏଠାରେ ପ୍ରଦର୍ଶିତ କରିବ। ସେହିଭଳି ୧୩୦ ବର୍ଷର ଗ୍ଲୋବାଲ ଐତିହ୍ୟ ଏବଂ ୨୫ ବର୍ଷର ଭାରତୀୟ ଯାତ୍ରାକୁ କମ୍ପାନି ଏଠାରେ ପ୍ରଦର୍ଶନ କରିବାକୁ ଯୋଜନା ରଖିଛି । ନୂଆ କାଇଲାକର ଜାତୀୟ ପ୍ରିମିୟର ଏବଂ ଆଗକୁ ଆସିବାକୁ ଥିବା ଭିଜନ ୭ ଏସ୍ କନସେପ୍ଟ ମଡେଲକୁ ମଧ କମ୍ପାନି ଏଠାରେ ସାମିଲ କରିବ । ଏହି ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ଜାନେବା କହିଛନ୍ତି, ଭାରତ ମୋବିଲିଟି ଗ୍ଲୋବାଲ ଏକ୍ସପୋ ଆମ ପାଇଁ ବଡ ସୁଯୋଗ।

# ଟଙ୍କାର ମୂଲ୍ୟ ହ୍ରାସ ବିଗାଡ଼ିଦେବ ଘରର ବଜେଟ

**ନୂଆଦିଲ୍ଲୀ ୧୫।୧:** ଆଜିକାଲି ଭାରତୀୟ ମୁଦ୍ରା କି ସେୟାର ବଜାର କାହାର ହେଲେ ଅବସ୍ଥା ଭଲ ନାହିଁ। ଗୋଟିଏ ପଟେ ବଜାର ସବୁଦିନ ହ୍ରାସରେ ବନ୍ଦ ହେଉଥିବା ବେଳେ ଅନ୍ୟପଟେ ଟଙ୍କାର ମୂଲ୍ୟ ହ୍ରାସ ଭାରତର ଅର୍ଥ ବ୍ୟବସ୍ଥା ଓ ଭାରତୀୟଙ୍କୁ ଚିନ୍ତାରେ ପକାଇଛି। ମକର ସଂକ୍ରାନ୍ତିର ଦିନକ ପୂର୍ବରୁ ଅର୍ଥାତ ଜାନୁୟାରୀ ୧୩ ତାରିଖ ଦିନ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସର୍ବକାଳୀନ ନିମ୍ନ ସ୍ତର ୮୬.୬୨କୁ ପହଞ୍ଚି ଥିଲା। ତେବେ ଏପରି ହ୍ରାସ ପାଇଁ ଅନେକ କାରଣ ରହିଛି। ହେଲେ ଏପରି ହ୍ରାସ ଲୋକଙ୍କ ଘରର ବଜେଟ ମଧ ଏବେ ବିଗାଡିଲାଣି। ଟଙ୍କାର ଏପରି ମୂଲ୍ୟ ହ୍ରାସ ପଛରେ ବୈଶ୍ୱିକ ଆର୍ଥିକ ସଂକଟ ମଧ ଏକ କାରଣ। ବୈଶ୍ୱିକ ସ୍ତରରେ ଆର୍ଥିକ ଅସ୍ଥିରତା ଓ ମୁଦ୍ରାସ୍ଫିତି ଭାରତୀୟ ଟଙ୍କା ଉପରେ ଚାପ ସୃଷ୍ଟି କରୁଛି। ଆମେରିକାରେ ବଢୁଥିବା ସୁଧହାର ଓ ଡଲାର ମଜଭୁତ ହେବା ଭାରତୀୟ ମୁଦ୍ରାକୁ ଦୁର୍ବଳ କରୁଛି। ଏହା ଛଡା ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ସାଙ୍ଗକୁ ସେୟାର ବଜାରରୁ ବିଦେଶୀ ନିବେଶକ ସେମାନଙ୍କ ନିବେଶ ବାହାର କରିନେବା ଯୋଗୁ ମଧ ଟଙ୍କା ଦୁର୍ବଳ ହେଉଛି। ଟଙ୍କାର ଏପରି ମୂଲ୍ୟ ହ୍ରାସ ଦେଶରେ ଲୋକଙ୍କ ଉପରେ ମୂଲ୍ୟବୃଦ୍ଧି ରୂପେ ପ୍ରଭାବ ପକାଉଛି। ଟଙ୍କା ମୂଲ୍ୟ ହ୍ରାସ ଯୋଗୁ ଆମଦାନୀ ହେଉଥିବା ସାମଗ୍ରୀର ମୂଲ୍ୟ ବଢ଼ିଯାଏ। ଫଳରେ ଘରୋଇ ବଜାରରେ ଖାଦ୍ୟପଦାର୍ଥ, ଔଷଧ ଏବଂ ଅନ୍ୟ ଜରୁରି ଆବଶ୍ୟକ ସାମଗ୍ରୀର ମୂଲ୍ୟ ବଢି ଯାଏ। ପୂର୍ବରୁ ଯଦି କୌଣସି ଦ୍ରବ୍ୟର ମୂଲ୍ୟ ୧୦୦ ଡଲାର ଥିଲା ତେବେ ଏହାକୁ ଭାରତରେ ୮,୩୦୦ ଟଙ୍କାରେ କିଣାଯାଇ ପାରୁଥିଲା। ହେଲେ ଏବେ ଏହି ଦର ୮,୬୦୦ ଟଙ୍କା ହୋଇଯାଇଛି। ଯଦି ବିଦେଶରୁ ସାମଗ୍ରୀ ମହଙ୍ଗାରେ ଆସିବ ତେବେ ଦେଶରେ ମହଙ୍ଗାରେ



ବିକ୍ରି ହେବ। ଏହି ସାମଗ୍ରୀ କିଛି ବି ହୋଇପାରେ ଯେପରି ଔଷଧ, ପୋଷାକ, ପ୍ରସାଧାନ ସାମଗ୍ରୀ, ଡାଲି, ତେଲ ସବୁ ପ୍ରକାର ଜିନିଷ ଯାହା ବିଦେଶରୁ ଆମଦାନୀ ହେଉଛି ଚାହା ମହଙ୍ଗା ହୋଇଯିବ। ଯେତେବେଳେ ଦେଶରେ ଟଙ୍କା ମୂଲ୍ୟ ହ୍ରାସ ହୁଏ ସେତେବେଳେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିଯାଏ। ଫଳରେ ପରିବହନ ବ୍ୟୟ ବୃଦ୍ଧି ହେବା ସହ ଏହା ଖାଦ୍ୟପଦାର୍ଥ ଓ ଅନ୍ୟ ସାମଗ୍ରୀର ମୂଲ୍ୟକୁ ପ୍ରଭାବିତ କରିଥାଏ। ଫଳରେ ସାଧାରଣ ଲୋକଙ୍କ ଦୈନନ୍ଦିନ ବଜେଟ ବିଗିଡି ଥାଏ। କାରଣ ତାକୁ ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡେ।

ଭାରତ ବିଶେଷ କରି ଡାଲି ଓ ତେଲ ପାଇଁ ବିଦେଶ ଉପରେ ନିର୍ଭରଶୀଳ। ଖାଦ୍ୟତୈଳ କଥା କହିଲେ ଭାରତ ୨୦୨୩-୨୪ରେ ବିଶ୍ୱରେ ସବୁଠୁ ଅଧିକ ତୈଳ ଆମଦାନୀ କରିଥିଲା। ସେହିପରି ଡାଲି କଥା କହିଲେ ଭାରତ ୨୦୨୩-୨୪ରେ ୪.୭ ମିଲିୟନ ଟନ ଡାଲି ବିଦେଶରୁ ଆମଦାନୀ କରିଥିଲା। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ହେଲେ ଏପରି ସାମଗ୍ରୀର ଦର ଉପରେ ପ୍ରଭାବ ପଡିବ ହିଁ ପଡିବ। ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ବିଦେଶରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଉପରେ ମଧ ପଡିଥାଏ। ଟଙ୍କାର ମୂଲ୍ୟ କମିଗଲେ ଏପରି ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ବିଦେଶ ରହି ପିଲା ପଢିବା ପାଇଁ ଅଧିକ ପଇସା ପଠେଇବାକୁ ପଡେ। ଏହା ଛଡା ଯେଉଁ ଲୋକେ ବିଦେଶ ବୁଲିବାକୁ ଯିବାକୁ ଚାହାନ୍ତି ଟଙ୍କା ମୂଲ୍ୟ ହ୍ରାସ ଯୋଗୁ ସେମାନଙ୍କୁ ମଧ ଅଧିକ ବ୍ୟୟ କରିବାକୁ ହୋଇଥାଏ। ଏଥିରେ ଋଣ କଥା କହିଲେ ମୁଦ୍ରାସ୍ଫିତି ବଢିଲେ ରିଜର୍ଭ ବ୍ୟାଙ୍କ ସୁଧହାର ବଢାନ୍ତି। ଏଣୁ ହୋମଲୋନ, ପର୍ସନାଲ ଲୋନ ଓ କାରଲୋନ ଭଳି ଋଣ ମଧ ମହଙ୍ଗା ହୋଇଯାଏ।

## ୨୦୨୬ରେ ଜାପାନକୁ ଟପିବ ଭାରତ

**ନୂଆଦିଲ୍ଲୀ, ୧୬।୧:** ଭାରତର ଅଭିବୃଦ୍ଧି ୨୦୨୪-୨୫ରେ ୬.୮ ପ୍ରତିଶତ ଓ ୨୦୨୫-୨୬ରେ ୭.୭ ପ୍ରତିଶତ ରହିଲେ ତାହା ଜାପାନକୁ ଅତିକ୍ରମ କରି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ମହାଶକ୍ତି ଭାବେ ଉଭା ହେବ ବୋଲି ଶିଳ୍ପ ସଂଘ ପିଏଚ୍‌ଡିସିସିଆଇ ପୂର୍ବାନୁମାନ କରିଛି। ୨୦୨୬ରେ ଜାପାନକୁ ଭାରତ ଅତିକ୍ରମ କରିଯିବ ବୋଲି ସଂଘର ସଭାପତି ହେମନ୍ତ ଜୈନ କହିଛନ୍ତି। ବର୍ତ୍ତମାନ ଆମେରିକା ସବୁଠୁ ବଡ଼ ଆର୍ଥିକ ମହାଶକ୍ତି ହୋଇଥିବାବେଳେ ତା'ପଛକୁ ରହିଛନ୍ତି ଚୀନ୍, ଜର୍ମାନୀ ଓ ଜାପାନ। ୨୦୨୫-୨୬ ବଜେଟ୍ ପାଇଁ ପ୍ରସ୍ତାବ ଦେଇ ପିଏଚ୍‌ଡିସିସିଆଇ ପକ୍ଷରୁ କୁହାଯାଇଛି ଯେ ବାର୍ଷିକ ୪୦ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଥିବା ଲୋକଙ୍କ ଉପରେ ୩୦ ପ୍ରତିଶତର ସର୍ବୋଚ୍ଚ ବ୍ୟକ୍ତିଗତ ଆୟକର ସ୍ଲାବ୍ ଲାଗୁ କରାଯାଉ ଏବଂ ଆୟକର ଛାଡ଼ ସୀମାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ। ଏହା ହେଲେ ଲୋକଙ୍କ ହାତରେ ପଇସା ରହିବ ଯାହାକୁ ସେମାନେ ଖର୍ଚ୍ଚ କଲେ ଦେଶର ଅର୍ଥନୀତି ଆହୁରି ଦ୍ରୁତ ବେଗରେ ଆଗକୁ ବଢ଼ିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ସୁଧହାରରେ ୦.୨୫ ପ୍ରତିଶତ ହ୍ରାସ କରିବା ଦରକାର ବୋଲି ଏହା ଜଣାଇଛି।

# ଜାତୀୟ ଷ୍ଟାର୍ଟଅପ୍ ଦିବସ: ବର୍ଷକରେ ୫୮୭ ନୂଆ ଷ୍ଟାର୍ଟଅପ୍

**ଭୁବନେଶ୍ୱର, ୧୬।୧:** ଷ୍ଟାର୍ଟଅପ୍ ଜରିଆରେ ନୂଆ ଉଦ୍ୟୋଗୀ ସୃଷ୍ଟି କରିବାରେ ଓଡ଼ିଶା ଯଥେଷ୍ଟ ଉନ୍ନତି ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦୫୦ରୁ ଅଧିକ ଷ୍ଟାର୍ଟଅପ୍ ଗଠନ ହୋଇଛି। ସବୁଠୁ ଉତ୍ସାହଜନକ ବିଷୟ ହେଉଛି ୧୩୨୪ଟି ଷ୍ଟାର୍ଟଅପ୍ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ହେଉଛି। ପାଞ୍ଚ ବର୍ଷରେ ୫୦୦୦ ଷ୍ଟାର୍ଟଅପ୍ ଗଠନ କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ସେହିଦିଗରେ ରାଜ୍ୟ ଦ୍ରୁତ ଗତିରେ ଅଗ୍ରସର ହେଉଛି। କେବଳ ୨୦୨୪ରେ ରାଜ୍ୟରେ ୫୮୭ଟି ନୂଆ ଷ୍ଟାର୍ଟଅପ୍ ଗଠନ କରାଯାଇଛି। ରାଜ୍ୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨୦ଟି ଷ୍ଟାର୍ଟଅପ୍‌କୁ ସିଡ୍ ପାଣ୍ଠି ଦିଆଯାଇଛି ଯାହା ଜରିଆରେ ସେମାନେ ନିଜ ଚିନ୍ତାଧାରାକୁ ଅଭିନବ ସମାଧାନରେ ପରିଣତ କରିପାରିଛନ୍ତି। ୨୧ଟି ଷ୍ଟାର୍ଟଅପ୍‌କୁ ଭେଞ୍ଚର ପାଣ୍ଠି ମିଳିଛି। ରାଜ୍ୟରେ ୫ ଲକ୍ଷ ବର୍ଗଫୁଟର ଇନ୍‌କୁବେସନ୍ ସ୍ଥାନ ରହିଥିବା ବେଳେ ୫୦ ଷ୍ଟାର୍ଟଅପ୍‌କୁ କ୍ରୟ ବରାଦ ମିଳିଛି। ଷ୍ଟାର୍ଟଅପ୍ ଓଡ଼ିଶାର ସିଇଓ କମଲଜିତ୍ ଦାସ କହିଛନ୍ତି ଯେ ଚଳିତ ମାସ ୨୮ ଓ ୨୯ରେ ଭୁବନେଶ୍ୱରରେ ଆୟୋଜିତ




ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ୪୦ଟି ଷ୍ଟାର୍ଟଅପ୍‌କୁ ଉତ୍ପାଦ ପ୍ରଦର୍ଶନ କରିବା ସୁଯୋଗ ମିଳିବ। ଷ୍ଟାର୍ଟଅପ୍‌କୁ ନେଇ ପ୍ଲେନାରି ଓ କ୍ଷେତ୍ରଭିତ୍ତିକ ଅଧିବେଶନ ଆୟୋଜନ କରାଯିବ ଯେଉଁଥିରେ ୧୦୦୦ ପାଖାପାଖି ଉଦ୍ୟୋଗୀ, ନିବେଶକ ଆଦି ଅଂଶଗ୍ରହଣ କରିବେ। କନ୍‌କ୍ଲେଭ୍‌କୁ ନେଇ ଛାତ୍ରଛାତ୍ରୀଙ୍କ ମଧରେ ସଚେତନତା ସୃଷ୍ଟି କରିବା ଲାଗି ଶିକ୍ଷାନୁଷ୍ଠାନଗୁଡ଼ିକରେ ୨୦ଟି କାର୍ଯ୍ୟକ୍ରମ ଆୟୋଜନ କରିବା ଯୋଜନା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୫ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ବୋଲି ସେ କହିଛନ୍ତି। ସିଆଇଆଇ ଓଡ଼ିଶା ଶାଖାର ଅଧକ୍ଷ ଡ. ପ୍ରଦୀପ୍ତ ମହାନ୍ତି କହିଛନ୍ତି ଯେ ରାଜ୍ୟର ଉଦ୍ୟମିତା ଯାତ୍ରାର ମୂଳଦୁଆ ପାଲଟିଛି ଓଡ଼ିଶା ଷ୍ଟାର୍ଟଅପ୍ ନୀତି। ଷ୍ଟାର୍ଟଅପ୍ ଓଡ଼ିଶା ଜରିଆରେ ସିଡ୍ ପାଣ୍ଠିଠାରୁ ଆରମ୍ଭ କରି ଇନ୍‌କୁବେସନ୍, ମେଣ୍ଟରିଂ ଓ ଟିକସ ସୁବିଧା ଆଦି ପ୍ରଦାନ କରାଯାଉଛି। ସୂଚନା ପ୍ରଯୁକ୍ତି, କୃଷି ପ୍ରଯୁକ୍ତି, ସ୍ୱଚ୍ଛ ପ୍ରଯୁକ୍ତି ଓ ଦକ୍ଷତାଭିତ୍ତିକ ତାଲିମ କାର୍ଯ୍ୟକ୍ରମ କ୍ଷେତ୍ରରେ ବହୁ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛି। ଆଇଆଇଟି ଭୁବନେଶ୍ୱର, ଏନ୍ଆଇଟି ରାଉରକେଲା, କିଟ୍ ଭଳି ସଂସ୍ଥା ମଧ ଷ୍ଟାର୍ଟଅପ୍ ବ୍ୟବସ୍ଥା ଲାଗି ପ୍ରତିଭା ଓ ଗବେଷଣା ସହାୟତା ଯୋଗାଇ ଦେଉଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ଗଠିତ ଷ୍ଟାର୍ଟଅପ୍‌ଗୁଡ଼ିକ ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ସେଭଳି ଏକ ଷ୍ଟାର୍ଟଅପ୍ ହେଉଛି ପ୍ରାଣ୍ଟେ ସଲ୍ୟୁସନ୍ସ ଯାହା ଏକ ସ୍ୱାସ୍ଥ୍ୟ ନିରୀକ୍ଷଣ ଡିଭାଇସ୍ ବିକାଶ କରିଛି। ତାହାକୁ ଲୋକମାନେ ନିଜେ ବ୍ୟବହାର କରି କିଡ୍‌ନିର କାର୍ଯ୍ୟଦକ୍ଷତା ମାପିପାରିବେ। କମ୍ପାନି ବିଭିନ୍ନ ପ୍ରକାର କାର୍ଯ୍ୟ ଲାଗି ନାନୋ ସେନ୍‌ସର୍ ମଧ ବିକାଶ କରିଛି। ଏହାକୁ ଡିପିଆଇଆଇଟି ଷ୍ଟାର୍ଟଅପ୍ ଇଣ୍ଡିଆ ଜାତୀୟ ଷ୍ଟାର୍ଟଅପ୍ ପୁରସ୍କାର ମିଳିଛି। ସେହିପରି, ଇ-କମର୍ସ ଜରିଆରେ ଆଗକୁ ବଢ଼ିଥିବା ଏକ ଷ୍ଟାର୍ଟଅପ୍ ହେଉଛି ଡେସ୍‌ନା। ଆଚାର ପ୍ରସ୍ତୁତ କରୁଥିବା ଏହି ସଂସ୍ଥାକୁ ଭୁବନେଶ୍ୱରରେ ଗ୍ରୋଶିସ୍ ଗୋଲ୍ୟାନ୍ ନାମକ ଜଣେ ଗୃହିଣୀ ସ୍ଥାପନ କରିଛନ୍ତି। ବ୍ୟବସାୟରେ ତାଙ୍କ ନିଜ ମା ଓ ସ୍ୱାମୀ ସହଯୋଗ କରୁଛନ୍ତି। ଆମାଜନ୍‌ର ସହେଲି କାର୍ଯ୍ୟକ୍ରମରେ ଯୋଡ଼ି ହୋଇ ଡେସ୍‌ନା ନିଜକୁ ଜାତୀୟ ସ୍ତରରେ ଏକ ପରିଚିତ ବ୍ରାଣ୍ଡରେ ପରିଣତ କରିପାରିଛି। ପ୍ଲାଷ୍ଟିକ୍‌ଠାରୁ ଦୂରେଇ ରହିଥିବା ଡେସ୍‌ନା ଗ୍ଲାସ୍ ଜାର, ଜୈବ ବିଘଟିତ ବ୍ୟାଗ୍ ଓ କାର୍ଡବୋର୍ଡ ବକ୍ସକୁ ପ୍ୟାକେଜିଂ ଲାଗି ବ୍ୟବହାର କରୁଛି।

## ପୁଣି ଟାଟା ପାୱାରର ମନମାନୀ



**ସାଲେପୁର,୧୬।୧(ସଂଚାର ବ୍ୟୁରୋ):** ଜୋର ଜବରଦସ୍ତ ୭ ହଜାରରୁ ଅଧିକ ଟଙ୍କାର ଡିଜିଟାଲ ମିଟର ଲଗାଇବାକୁ ଲୋକଙ୍କ ବିରୋଧ। ପୁରୁଣା ଭିଜନ ଟେକ ଡିଜିଟାଲ ମିଟରକୁ ତ୍ରୁଟି ଦର୍ଶାଇ ନୂତନ ଡିଜିଟାଲ ମିଟର ଲଗାଇବାକୁ ବିରୋଧ କରି ଟାଟା ପାୱାରର ସାଲେପୁର ବିଦ୍ୟୁତ ଡିଭିଜନ ଅଫିସରେ ପ୍ରତିବାଦ । କାର୍ଯ୍ୟବନ୍ଦ କରାଇବା ସହ ମୁଖ୍ୟ ଫାଟକ ଆଗରେ ବହୁ ସମୟ ନିଆଁ ଜାଳି ଏହାର ବିରୋଧ ପ୍ରଦର୍ଶନ କରି ବିକ୍ଷୋଭ କରିଥିଲେ । ସାଲେପୁର ସହରରେ ଏକା ସାଙ୍ଗରେ ୭ହଜାରରୁ ଉର୍ଦ୍ଧ ମିଟରକୁ ଖରାପ ଦର୍ଶାଇ ଏହା ଜାଗାରେ ପୁଣି ନୂତନ ମିଟର ଲଗାଇବା କମ୍ପାନୀର ଏକ ଚକ୍ରାନ୍ତ ବୋଲି ଅଭିଯୋଗ ହୋଇଛି। ନୂତନ ମିଟରରେ ୩ଗୁଣା ଅଧିକ ବିଲ ଉଠୁଥିବା ଅଭିଯୋଗ କରିଛନ୍ତି ଗ୍ରାହକ। ତେବେ ଏତେ ସଂଖ୍ୟାରେ ମିଟର ଗୋଟିଏ ସିରିଜର ହୋଇଥିବା ବିଦ୍ୟୁତ ଉପଖଣ୍ଡ ଅଧିକାରୀ କହିଛନ୍ତି। ତେବେ ଏତେ ସଂଖ୍ୟାରେ କିଭଳି ତାହା ଖରାପ ହେଲା ତାର ଉତ୍ତର ରଖିପାରିନାହାନ୍ତି ସେ। ସାଧାରଣ ଲୋକଙ୍କ ସମସ୍ୟା ବିଷୟରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଖୁବ ଶୀଘ୍ର ସମାଧାନର ବାଟ ବାହାରିବ ବୋଲି ସେ କହିଛନ୍ତି ।

## ସଚେତନତା ଶିବିରରେ ସାମିଲ ହେଲେ ସ୍କୁଲ ଓ କଲେଜ୍ ଛାତ୍ରଛାତ୍ରୀ

- ଦ୍ରୁତ ଗାଡି ଚାଳନା ନେଉଛି ଜୀବନ
- ସଡ଼କ ସୁରକ୍ଷା, ପରିବାର ରକ୍ଷା
- ଦୁର୍ଘଟଣାର ପ୍ରଥମ ଘଣ୍ଟା ଗୋଲଡେନ ଆୱାର

**କାକଟପୁର /ଅସ୍ତରଙ୍ଗ,୧୬।୧(ସଂଚାର ବ୍ୟୁରୋ):** କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାନୁଆରୀ ମାସ ବ୍ୟାପି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଓ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ରିବନ ପଟ୍ଟନାୟକ, ସଂମ୍ମାନୀତ ଅତିଥି ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା କୁନୀଲତା ରାଉତ, ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡକ୍ଟର ଜିତେନ୍ଦ୍ର କୁମାର ସାମଲ, ଅଧ୍ୟାପିକା ରାଜଲକ୍ଷ୍ମୀ କର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ ବିଗତ କିଛି ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ରେ ଅନେକ ମୂଲ୍ୟବାନ ଜୀବନ ଯାଇଛି। ଏହା ଅତ୍ୟନ୍ତ ଚିନ୍ତାଜନକ। ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ସଂଖ୍ୟା କମ୍ କରିବାକୁ ସମସ୍ତଙ୍କୁ ଉଦ୍ୟମ କରିବାକୁ ସମୟ ଆସିଯାଇଛି। ଅନ୍ୟତମ ଅତିଥି ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା କୁନିଲତା ରାଉତ କହିଛନ୍ତି ସଡ଼କ ସୁରକ୍ଷାର ସମସ୍ତ ଶୃଙ୍ଖଳାକୁ ଯଦି ଆମେ ପାଳନ କରିବା ତେବେ ଆମ ଜୀବନ ବଞ୍ଚିବା ସହ ଅନ୍ୟର ଜୀବନକୁ ମଧ୍ୟ ସୁରକ୍ଷିତ ରଖାଯାଇ ପାରିବ ବୋଲି ମତ ଦେଇଥିଲେ। ମଞ୍ଚାସିନ ଅତିଥି ଉପସ୍ଥିତ ରହି କଲେଜ ଛାତ୍ର ଛାତ୍ରୀ ଙ୍କୁ ସଡ଼କ ସୁରକ୍ଷା ପ୍ରତି ସଚେତନ କରିଥିଲେ। ଦ୍ରୁତଗତିରେ ଗାଡି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲି ବ୍ୟବହାର ନ କରିବା, ହେଲମେଟ ବ୍ୟବହାର କରିବା, ଡ୍ରାଇଭିଂ ଲାଇସେନ୍ସ କରିବା, ମଦ୍ୟପାନ କରି ଗାଡି ଚଳାନ୍ତୁ ନାହିଁ, ସିଟ ବେଲ୍ଟ ବ୍ୟବହାର କରିବା, ନାବାଳକ ଓ ନାବାଳିକା ଗାଡି ନ ଚଳାଇବା ଆଦି ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦିଆ ଯାଇଥିଲ।। ଏହା ସହ ଯଦି ଦୁର୍ଘଟଣାଗ୍ରସ୍ତ ପ୍ରଥମଘଣ୍ଟା ରେ ଡାକ୍ତରଖାନା ପହଞ୍ଚାଇଦିଅନ୍ତି ଜୀବନ ରକ୍ଷାର ଆଶା ବୃଦ୍ଧି ପାଏ। ସର୍ବଶେଷ ରେ କଲେଜ ଅଧ୍ୟାପିକା, ଅଧ୍ୟାପକ, ଅସ୍ତରଙ୍ଗ ପୁଲିସ ସମେତ ଛାତ୍ର ଛାତ୍ରୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ସହ ସଚେତନ ବାର୍ତ୍ତା ପ୍ଲାକ କାର୍ଡ ଧରି ସ୍ଲୋଗାନ ଦେଇ ଅସ୍ତରଙ୍ଗ ବଜାର ପର୍ଯ୍ୟନ୍ତ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପୁରୀ ଆଞ୍ଚଳିକ ପରିବହନ କର୍ମଚାରୀ ଅଶୋକ କୁମାର କାସ୍ତ, ସଞ୍ଜୟ ମଲ୍ଲ, ସୁଭାଶିଷ ଓଝା ପ୍ରମୁଖ ଉପସ୍ଥିତ ଥିଲେ।




## ଏସିଏଣ୍ଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ସୋନପୁର,୧୬।୧(ସଂଚାର ବ୍ୟୁରୋ):** ସୋନପୁର ସହରର ଭାରତୀ ଏକାଡେମୀର ଏସିଏଣ୍ଟ ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଓକିଲ ସଂଘ ର ସଭାପତି ବିଧାନ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନାଟ୍ୟଶ୍ରୀ ଗଦାଧର ବାରିକ, ସମାଜସେବୀ ଶ୍ରଦ୍ଧାଞ୍ଜଳି ମିଶ୍ର, ପଲସାଗୋଡା ମହିଳା କଲେଜ ର ଅଧ୍ୟକ୍ଷା ମନୀଷା ଚାନ୍ଦ ଏବଂ ଉଦୀୟମାନ ଓଏସ ଅଫିସର ସମୃଦ୍ଧ ମିଶ୍ର ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ଭଲ ମଣିଷ ହେବାକୁ ପ୍ରେରଣା ପ୍ରଦାନ କରିଥିଲେ। ଏହି ଉତ୍ସବ ରେ ଅନୁଷ୍ଠାନ ର କୁନି କୁନି ଛାତ୍ର ଛାତ୍ରୀ ମାନେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଭାରତୀ ଏକାଡେମୀର ଡାଇରେକ୍ଟର ଶ୍ରୀମତୀ ଶ୍ରଦ୍ଧା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



**ସୁନ୍ଦରଗଡ଼,୧୬।୧(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବୁଧବାର ଏକ ପ୍ରସ୍ତୁତି ବୈଠକ ସଦଭାବନା ଭବନ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଯତରା ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏଥି ନିମନ୍ତେ ଜାନୁୟାରୀ ୨୨, ୨୩ ଓ ୨୪ ତାରିଖ ଅପରାହ୍ନ ୩ ଟା ସମୟରେ ପ୍ୟାରେଡ ଅଭ୍ୟାସ କରାଯିବ। ସେହିପରି ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକ ଆୟୋଜିତ ହେବ। ଉକ୍ତ ଦିନ ସନ୍ଧ୍ୟାରେ ସମସ୍ତ ସରକାରୀ ବିଲଡିଂ ମାନଙ୍କରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ନିକଟରେ ଯାତ୍ରା ଉତ୍ସବ ସମାରୋହରେ ବିଭିନ୍ନ ବିଭାଗର ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରଯାଇ ଥିଲା, ଏଣୁ ସାଧାରଣତନ୍ତ୍ର ଦିବସ ଦିନ କାହାରିକୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ନାହିଁ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଜାନୁୟାରୀ ୨୬ ତାରିଖ ଦିନ ପ୍ରାତଃ ୪:୩୦ ସମୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ସହର ମଧ୍ୟରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସହର ମଧ୍ୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ଏବଂ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସଂପୃକ୍ତ ଅନୁଷ୍ଠାନ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିଭଳି ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଯତରା ପଡ଼ିଆ ଠାରେ ସକାଳ ୮:୩୦ ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ ସମ୍ମିଳିତ ପ୍ୟାରେଡ ଅନୁଷ୍ଠିତ ହେବ। ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସେହିଭଳି ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜେଲ, ଆସ୍ଥା ଗୃହ ଏବଂ ସାର୍ଥକ ସ୍କୁଲରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫଳ ଓ ମିଷ୍ଟାନ ବଣ୍ଟନ କରାଯିବ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ରନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟକ୍ଷ, ଗଣ ମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଘରଭଡ଼ା ବାହାନାରେ ଆସି ଲୁଟିଲେ

**ଢେଙ୍କାନାଳ,୧୬।୧(ସଂଚାର ବ୍ୟୁରୋ):** ଜୋରଜବରଦସ୍ତ ଗେଟ ଭିତରେ ପଶିଲେ, ଆଉ ମହିଳାଙ୍କୁ ମାଡ଼ିବସି ସୁନା ଚେନ୍ ଲୁଟ କଲେ ଦୁର୍ବୃତ୍ତ। ଢେଙ୍କାନାଳ ଟାଉନଥାନା ଅନ୍ତର୍ଗତ ମହିଷାପାଟରେ ଘଟିଛି ଏହି ଲୁଟ୍ ଘଟଣା। ଲୁଟ ସମୟର ପୁରା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି । ଲୁଟର ଶିକାର ହୋଇଛନ୍ତି ମହିଷା ପାଟ ଅଂଚଳର ବିଦ୍ୟୁତଲତା ରଥ । ଦୁଇ ଦୁର୍ବୃତ୍ତ ଏକ ବାଇକରେ ଆସି ବିଦ୍ୟୁତଲତାଙ୍କ ଘର ଆଗରେ ଅଟକି ଥିଲେ । ଜଣେ ଯୁବକ ଓହ୍ଲାଇ ଭଡ଼ା ଘର ବୁଝି ସହ ମୋବାଇଲ ନଂବର ମାଗିଥିଲେ । ବିଦ୍ୟୁତଲତା ମନା କରି ଗେଟ ବନ୍ଦ କରିବାକୁ ଉଦ୍ୟମ କରିବା ସମୟରେ ଦୁର୍ବୃତ୍ତ ଜୋରଜବରଦସ୍ତି ଗେଟ ଭିତରକୁ ପଶି ଆସିଥିଲେ। ଆଉ ବିଦ୍ୟୁତଲତାଙ୍କୁ ତଳେ ମାଡ଼ବସି ବଳପୂର୍ବକ ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଘଟଣାସ୍ଥଳରୁ ଦୁଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଲୁଟେରାଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। କିଛି ଦିନ ହେବ ଢେଙ୍କାନାଳ ସହରରେ ଛିନତାଇ ବଢ଼ିଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



## କାଶୀପୁର ଗସ୍ତରେ ବିଧାୟକ: ଅସହାୟ ବୃଦ୍ଧାଙ୍କୁ ସହାୟତା ଓ ଏସ୍‌ଏସ୍‌ଜି କେନ୍ଦ୍ର ପରିଦର୍ଶନ



**ରାୟଗଡ଼ା,୧୬।୧ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କାଶୀପୁର ସଦର ଡ଼ମ୍ବ ସାହୀରେ ଗତ ୫ ତାରିଖ ରେ ଜଳିଯାଇଥିବା ଘର ଓ ସଂପୂର୍ଣ୍ଣ କ୍ଷୟକ୍ଷତି ସହିଛି ଏକ ୭୦ ବର୍ଷୀୟା ଅସହାୟ ବୃଦ୍ଧାଙ୍କୁ ସହାୟତା କରିବା ନିମନ୍ତେ ରାୟଗଡ଼ା ବିଧାୟକ ଶ୍ରୀ ଆପଲ ସ୍ୱାମୀ କାଶୀପୁର ଗସ୍ତ କରିଥିଲେ। ଘଟଣା ପରେ ପ୍ରଶାସନ ଓ ତହସିଲ ଅଧିକାରୀଙ୍କୁ ସରକାରୀ ସହାୟତା ଯୋଗାଇବା ନିମନ୍ତେ ତତ୍କାଳ ନିର୍ଦ୍ଦେଶ ଦେଇ ଅସହାୟ ପରିବାରକୁ ସିତ ବସ୍ତ୍ର, କମ୍ବଳ, ଶାଢ଼ୀ, ଚାଉଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବିଧାୟକ ତାଙ୍କ ପକ୍ଷରୁ ସମ୍ଭବ ସବୁ ପ୍ରକାର ସହଯୋଗ କରିବାର ଆଶ୍ୱାସନ ଦେଇଥିଲେ। ଅସହାୟ ବୃଦ୍ଧା ଜଣକ ଓ ତାଙ୍କ ତିନି ନାତିନାତୁଣୀଙ୍କୁ ଆଗାମୀ ଦିନରେ ସହଜୀବନ ପାଇଁ ସମ୍ବଲ ଯୋଗାଇବା ପ୍ରତିବଦ୍ଧତା ଜଣାଇଛନ୍ତି। ଏହି ଅବସରରେ ବିଧାୟକ ମାଁ ଭଗବତୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଚଳାଯାଇଥିବା ଶିଶୁ ଖାଦ୍ୟ ଛତୁଆ ପ୍ରସ୍ତୁତି କେନ୍ଦ୍ରକୁ ପରିଦର୍ଶନ କରିଥିଲେ। କେନ୍ଦ୍ରରେ ନିର୍ମିତ ଛତୁଆର ଗୁଣମାନ ଓ ପରିଷ୍କାରତା ସମ୍ପର୍କରେ ସ୍ୱୟଂ ସହାୟିକା ମହିଳାଙ୍କୁ ମାନକ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବିଧାୟକଙ୍କ ସହ ସଂସଦ ପ୍ରତିନିଧି ସାନ୍ଧୁଚରଣ ମାଝୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଯସେଫ ଖସଲା, ବ୍ଲକ ସଭାପତି ଅଙ୍ଗଦ ନାଏକ, ଏବଂ ଅନ୍ୟ କଇଏକ ନେତା ଉପସ୍ଥିତ ଥିଲେ। ବିଧାୟକଙ୍କ ଗସ୍ତରେ ଜନସାଧାରଣ ମଧ୍ୟ ଉତ୍ସାହ ପ୍ରକାଶ କରିଥିଲେ ଏବଂ ତାଙ୍କ ସାହାଯ୍ୟର ଭାବନାକୁ ଉଚ୍ଚମାନ କରିଥିଲେ।

● ଅଭିଯୋଗ ଆଣିଲେ ସ୍ୱାମୀ ବଳରାମ

## ୪ଲକ୍ଷରେ ସ୍ତ୍ରୀକୁ ବିକି ଦେଇଛନ୍ତି ଶଶୁରଘରଲୋକେ



**ରାୟଗଡା,୧୬।୧(ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ଭାଲେରି ଗ୍ରାମର ନରସିଂ ବାଗ ଙ୍କ ପୁଅ ବଳରାମ ବାଗ ତାଙ୍କ ସ୍ତ୍ରୀ ରଶ୍ମିତା ବାଗକୁ ତାଙ୍କ ଶଶୁର ଘର ଲୋକେ ୪ଲକ୍ଷ ଲକ୍ଷ ଟଙ୍କା ରେ ବିକ୍ରି କରିଥିବା ନେଇ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଉକ୍ତ ଅଭିଯୋଗ ପତ୍ର ବଳରାମ ବାଗ ମୁନିଗୁଡା ବ୍ଲକର ଅମ୍ବାଦଳା ଥାନା ରଘୁବାରି ପଞ୍ଚାୟତ ସଦର ଗୁରୁବାରୁ ଛାତ୍ରୀଆ ଙ୍କ ଝିଅ ରଶ୍ମିତା ଙ୍କୁ ପ୍ରାୟ ୧୪ବର୍ଷ ହେବ ପ୍ରେମ ବିବାହ କରିଥିଲେ। ତାଙ୍କ ଔରସରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ରହିଛି । ଘରର ଆର୍ଥିକ ଅଭାବ ଯୋଗୁଁ ବଳରାମ ଦାଦନ ଶ୍ରମିକ ଭାବେ ଆନ୍ଧ୍ରପ୍ରଦେଶ କୁ ଯାଇଥିଲେ । ବଳରାମ ବହୁ ଦିନ ଧରି ଘରକୁ ନ ଫେରିବାର ସୁଯୋଗ ନେଇ ୨୦୨୪ମସିହା ମେ ମାସ ୩୦ତାରିଖ ଅପରାହ୍ନରେ ରଶ୍ମିତା କୁ ତାଙ୍କ ଭାଇ ବକଚନ ଛାତ୍ରୀଆ ,ଅଭିମନ୍ୟୁ ଛାତ୍ରୀଆ ଓ ଭାଉଜ ପେଟ ଛାତ୍ରୀଆ ତିନିଜଣ ସୋଲା ସୁତରା କରି ରାଜସ୍ଥାନର ଏକ ଲୋକ ଠାରୁ ୪ଲକ୍ଷ ଟଙ୍କା ଆଣି ତାହା ସହିତ ବିବାହ କରାଇ ଦେଇ ଥିବା କହିବା ସହ ଅଭିଯୋଗ କରିଛନ୍ତି । ବଳରାମ କେରଳ ରେ ଥାଇ ସବୁ ଜାଣିବା ପରେ ଶାଶୁ ଘରକୁ ଯାଇ ରଶ୍ମିତା ବିଷୟରେ ବଚାରିଥିଲେ । ଦୁଇଶଳା ଓ ଭାଉଜ ମିଶି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତୋତେ ମାରି ଅଖା ବସ୍ତାରେ ଭରିକରି ନଦୀରେ ଫିଙ୍ଗି ଦେବୁ ଆମ ଭଉଣୀ କୁ ଯାହାବି କଲୁ କି ବିକିଲୁ ବୋଲି କହି ଠେଲା ପେଲା କରିବାରୁ ତିନି ପିଲାଙ୍କ ଭବିଷ୍ୟତ କଥା ଭାବି ଭୟରେ ସେହିଠାରୁ ଚାଲି ଆସିଲି । ଏହା ପୂର୍ବରୁ ୨୦୨୪ ମସିହା ଜୁନ ମାସ ୨୮ତାରିଖ ଦିନରେ ଥାନାରେ ଲିଖିତ ଅଭିଯୋଗ କରିଥିଲି କିନ୍ତୁ ସ୍ତ୍ରୀ ର କୌଣସି ଖବର ନ ପାଇବାରୁ ଆଜି ପୁନର୍ବାର ଥାନାରେ ଅଭିଯୋଗ କରିଛି । ଏହାର ସଠିକ ତଦନ୍ତ କରି ବଳରାମ କୁ ଉଚିତ ନ୍ୟାୟ ଦେବାପାଇଁ ଅଭିଯୋଗ କରିଛନ୍ତି ।

## ଦନ୍ତାହାତୀ ଆକ୍ରମଣରେ ପୁଣି ଫରେଷ୍ଟ କର୍ମଚାରୀ ଗୁରୁତର



**ଦେବଗଡ଼,୧୬।୧ (ସଂଚାର ବ୍ୟୁରୋ):** ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ସଙ୍ଗାପସି ଗ୍ରାମରେ ହାତୀ ଆତଙ୍କ। ଦନ୍ତାହାତୀ ଆକ୍ରମଣରେ ପୁଣି ଜଣେ ଫରେଷ୍ଟ ସ୍କ୍ୱାଡ୍ କର୍ମଚାରୀ ଗୁରୁତର ହୋଇଛନ୍ତି। କୁରଡ଼ପୋସି ଗ୍ରାମର ନାରାୟଣ ସାହୁ ହାତୀ ଘଉଡାଇବା ପାଇଁ ନିୟୋଜିତ ହୋଇଥିବା ବେଳେ ବୁଧବାର ବିଳମ୍ବିତ ରାତି ସଙ୍ଗାପସି ଗ୍ରାମରେ ହାତୀ ଆକ୍ରମଣ କରିଥିଲା। ନାରାୟଣ ଏକ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ନାରାୟଣଙ୍କୁ ହାତୀ ତଳେ କଚାଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଦୁଇଦିନ ତଳେ ସଙ୍ଗାପସି ଗ୍ରାମରେ ତଳେ କଚାଡ଼ି ଜଣେ ମହିଳାଙ୍କ ଜୀବନ ନେଇଥିଲା ଦନ୍ତା। ତେବେ ନରହନ୍ତା ଦନ୍ତାହାତୀକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଉତ୍ତେଜନା ଦେଖାଦେଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଯୁବ ଉତ୍ସବ ଓ ଫକୀରମୋହନ ସାହିତ୍ୟ ସମାରୋହ

**ଭୁବନେଶ୍ୱର,୧୬।୧ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଶାଖା ଆନୁକୂଲ୍ୟରେ ଯୁବ ଉତ୍ସବ ଓ ଫକୀରମୋହନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶ୍ରୀଯୁକ୍ତ ସମ୍ବିତ ତ୍ରିପାଠୀ ଯୋଗଦାନ କରି ବିଶ୍ୱ ଦର୍ଶନକୁ ବିବେକାନନ୍ଦ ବେଦାନ୍ତର ଅବଦାନ ଓ ବିଶ୍ୱ ସାହିତ୍ୟରେ ଫକୀରମୋହନ ସେନାପତିଙ୍କ ଅନବଦ୍ୟ ଦାନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶଶାଙ୍କ ଚୂଡ଼ାମଣି ବିବେକାନନ୍ଦ ଓ ଫକୀରମୋହନଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ବିବେକାନନ୍ଦଙ୍କ ବିବିଧ ବ୍ୟକ୍ତିତ୍ୱର ନିଦର୍ଶନ ଦେଇଥିଲାବେଳେ ଫକୀରମୋହନଙ୍କ ସାହିତ୍ୟରେ ସମକାଳୀନ ସମାଜ ଜୀବନର ବାସ୍ତବତା କିପରି ପ୍ରତିଫଳିତ ହୋଇଛି ମତ ରଖିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜାତୀୟ ସେବା ଯୋଜନାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ମୁଖ୍ୟ ଗୁରୁ ଡ. ଧୀରଜ ମହାପାତ୍ରଙ୍କ ସଂଯୋଜନା ଓ ନିର୍ଦ୍ଦେଶନାରେ ଫକୀରମୋହନଙ୍କ କାଳଜୟୀ କବିତାଗୁଡ଼ିକ ପରିବେଷଣ କରାଯାଇଥିଲା।




## ସାମ୍ବାଦିକ ପ୍ରତିନିଧିଙ୍କ ସହିତ ନୂତନ ବିଡିଓଙ୍କ ସାକ୍ଷାତ ଓ ଆଲୋଚନା



**ବୈଶିଙ୍ଗା,୧୬।୧ (ସଂଚାର ବ୍ୟୁରୋ):** ନିକଟରେ ଓ.ଏ.ଏସ. ସ୍ତରରେ ଅଦଳ ବଦଳକ୍ରମେ ବେତନଟୀରେ ନୂତନ ବିଡିଓ ଭାବେ ସୁଶାନ୍ତ କୁମାର ସୁତାର କାର୍ଯ୍ୟରେ ଗତ ୧୦ତାରିଖରେ ଯୋଗଦାନ କରିଛନ୍ତି। ୧୬ ତାରିଖ ଗୁରୁବାର ମଧ୍ୟାହ୍ନରେ ବେତନଟୀ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଙ୍କୁ ବିଭିନ୍ନ ସମ୍ବାଦପତ୍ରର ପ୍ରତିନିଧିଗଣ ସାକ୍ଷାତ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ସୀତାନାଥ ବେହେରା ଓ ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ସାକ୍ଷାତ କରି ବିଭିନ୍ନ ଆଲୋଚନା କରିଥିଲେ। ବେତନଟୀ ବ୍ଲକର ସର୍ବାଙ୍ଗୀନ ଉନ୍ନତି, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା, ସମସ୍ତଙ୍କୁ ସମାନ ଗୁରୁତ୍ୱ ପ୍ରଦାନ, ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକୁ ଆଗେଇନେବାରେ ସହାୟକ ହେବା, ବେତନଟୀର ସମସ୍ତ ପଦସ୍ଥ ଅଫିସରଙ୍କ ସହ ଏକତ୍ରିତ ହୋଇ ବୈଠକ ଓ ସମସ୍ୟା ସମାଧାନ, ନବ ଗଠିତ ଦୁଇ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣର ବ୍ୟବସ୍ଥା ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟୁତ୍ତରରେ ସରକାରୀ ନିର୍ଦ୍ଦେଶ ଓ ନିୟମାନୁସାରେ କାର୍ଯ୍ୟ ହେବ ବୋଲି ବିଡିଓ ଶ୍ରୀ ସୁତାର ପ୍ରକାଶ କରିଥିଲେ । ଏଥିରେ ଜନସାଧାରଣ, ବ୍ଲକର ନିର୍ବାଚିତସମସ୍ତ ପ୍ରତିନିଧିଗଣ, ମିଡ଼ିଆ ପ୍ରତିନିଧି ଆଦିଙ୍କର ସହଯୋଗକ୍ରମେ କାର୍ଯ୍ୟ ହେବାର ପ୍ରତିଶୃତି ବିଡିଓ ପ୍ରଦାନ କରିଥିଲେ ।

## ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ ଜିଲ୍ଲାପରିଷଦ ମୁହାଁମୁହିଁ, ଥାନାରେ ମାମଲା



**ହାଟଡ଼ିହି,୧୬।୧ (ସଂଚାର ବ୍ୟୁରୋ):** ହାଟଡ଼ିହି ବ୍ଲକ କାର୍ଯ୍ୟାଳୟ ପରିସରରେ ଗତକାଲି ସରପଞ୍ଚ ଓ ଜିଲ୍ଲାପରିଷଦ ମୁହାଁମୁହିଁ ହେବା ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ବୁଧବାର ପଞ୍ଚାୟତ ସମିତି ବୈଠକରେ ଜିଲ୍ଲା ପରିଷଦ ଶ୍ରୀମତୀ ସେଠୀ ଅକରୁଆ ପଞ୍ଚାୟତ କାର୍ଯ୍ୟାଳୟ ଖୋଲାଯାଉ ନଥିବା ଅଭିଯୋଗ କରିଥିଲେ। ବୈଠକ ସରିବା ପରେ ଜିଲ୍ଲାପରିଷଦ କୌଶଲ୍ୟା ସେଠୀ ବାହାରକୁ ଆସିବା ପରେ ସରପଞ୍ଚ ହେମଲତା ବେହେରା ଓ ତାଙ୍କ ସ୍ୱାମୀ ଚତୁର୍ଭୁଜ ସ୍ୱାଇଁ ତାଙ୍କୁ କଣ ପାଇଁ ମୋ ପଞ୍ଚାୟତ ବିରୁଦ୍ଧରେ ମିଥ୍ୟା ଅଭିଯୋଗ କରୁଛ କହି ପ୍ରଶ୍ନ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ପରିସ୍ଥିତି ବିଗୁଡ଼ୁଥିବା ଦେଖି ବିଡ଼ିଓ ଏବଂ ଅନ୍ୟ କିଛି ସରପଞ୍ଚ ଏଥିରେ ହସ୍ତକ୍ଷେପ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ସେଠୀ ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ବ୍ଲକ ପରିସରରେ ଶତାଧିକ ଲୋକଙ୍କ ସମ୍ମୁଖରେ ସରପଞ୍ଚଙ୍କ ସ୍ୱାମୀ ଚତୁର୍ଭୁଜ ସ୍ୱାଇଁ ଜାତିଆଣ ଆକ୍ଷେପ କରି ଅପମାନିତ କରାଯାଇଥିବା ସେ ନନ୍ଦିପଦା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ନନ୍ଦିପଦା ଥାନା ପୁଲିସ ଥାନା କେସ୍ ନଂ ୧୩/୨୦୨୫ରେ ଏକ ମାମଲା ରୁଜୁ କରିଛି। ଘଟଣାକୁ ନେଇ ଆଜି ଆନନ୍ଦପୁର ଏସଡ଼ିପିଓ ପ୍ରଶାନ୍ତ କୁମାର ବେହେରା ବ୍ଲକକୁ ଯାଇ ତଦନ୍ତ କରିଥିବା ଜଣାଯାଇଛି ।

## ଶହେ ଦିନରେ ପହଞ୍ଚିଲା ଉଠାଦୋକାନୀଙ୍କ ଆନ୍ଦୋଳନ

**ପୁରୀ,୧୬।୧ (ସଂଚାର ବ୍ୟୁରୋ):** ଶହେଦିନରେ ପହଞ୍ଚିଲା ବଡଦାଣ୍ଡରୁ ଉଛେଦ ହୋଇଥିବା ଉଠା ଦୋକାନୀଙ୍କ ଧାରଣା । ଶାନ୍ତିପୂର୍ଣ୍ଣ ଭାବରେ ଧାରଣା କରି ନିଜ ଜିଦରେ ଅଟଳ ଉଠାଦୋକାନୀ । ଶ୍ରୀସେତୁ ତଳେ ଯେଉଁଠି ଦୋକାନ ଘର ଦିଆଯାଇଛି ସେଠାରେ ବ୍ୟବସାୟ କଲା ଭଳି ପ୍ରାବଧାନ ନଥିବାରୁ, ଦୋକାନୀ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ତେଣୁ ବର୍ତ୍ତମାନ ପାଇଁ ସେମାନଙ୍କୁ ଚକ ଲଗା କିଓସ୍କ ମାଧ୍ୟମରେ ବ୍ୟବସାୟ କରିବାକୁ ଅନୁମତି ଦିଆଯାଉ ବୋଲି ଦାବି କରିଛନ୍ତି ଉଠାଦୋକାନୀ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଏମାନଙ୍କୁ ଉଛେଦ କରାଯାଇଥିଲା ହେଲେ ଆଇନ ଅନୁସାରେ ଉପଯୁକ୍ତ ଥଇଥାନ କରାଯାଇନି ବୋଲି ଅଭିଯୋଗ କରିଛନ୍ତି ଧାରଣାରେ ବସିଥିବା ଉଠା ଦୋକାନୀ ।



### ପ୍ରଶାସନିକ ସମନ୍ୱୟ କମିଟି ବୈଠକ

## ୩୦ରୁ ପାତାଳି ମହୋତ୍ସବ

**ସୁବର୍ଣ୍ଣପୁର,୧୬।୧ (ସଂଚାର ବ୍ୟୁରୋ):** ଜଗତର ନାଥ ଜଗନ୍ନାଥଙ୍କ ଅନନ୍ୟ ଲିଲାକ୍ଷେତ୍ର ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇ ସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର। ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି କ୍ଷେତ୍ରରେ ଚଳିତ ବର୍ଷ ଜାନୁୟାରୀ ୩୦ ରୁ ଫେବୃୟାରୀ ୦୬ ପର୍ଯ୍ୟନ୍ତ ପାଳିତ ହେବ ୨୦ ତମ ପାତାଳୀ ମହୋତ୍ସବ। ଏନେଇ ଆଜି ପ୍ରଶାସନିକ ସମନ୍ୱୟ କମିଟିର ବୈଠକ ବୀରମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ବୈଠକରେ ପାତାଳୀ ଶ୍ରୀକ୍ଷେତ୍ର କମିଟିର ସମ୍ପାଦକ ଉତ୍ତର ପାତ୍ର ପୂର୍ବ ବର୍ଷର ବିସ୍ତୃତ ବିବରଣୀ ଉପସ୍ଥାପନା କରିଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ପାତାଳୀ ମହୋତ୍ସବ କୁ ଆକର୍ଷଣୀୟ କରିବା ସହିତ ଲୋକାଭିମୁଖୀ କରିବା ନେଇ ଜିଲ୍ଲା ତଥା ରାଜ୍ୟ ସ୍ତରରେ ପ୍ରଚାର ପ୍ରସାର ଉପରେ ଆଲୋଚନା ହୋଇଥିଲା। ୨୦ ତମ ପାତାଳୀ ମହୋତ୍ସବ ର ପ୍ରଥମ ପ୍ରସ୍ତୁତି ତଥା ସମନ୍ୱୟ ବୈଠକ ରେ ମହୋତ୍ସବ କୁ ଯେପରି ସବୁବର୍ଗଙ୍କୁ ସାମିଲ କରାଯାଇ ଆକର୍ଷଣୀୟ, ସରସ ସୁନ୍ଦର ତଥା ସୁ ବ୍ୟବସ୍ଥିତ ଭାବେ ଅନୁଷ୍ଠିତ କରାଯାଇପାରିବ ସେଥିପ୍ରତି ବିଭିନ୍ନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି ମାନ୍ୟବର ବିଧାୟକ। ଏହି ପରିପ୍ରେକ୍ଷୀରେ ମହୋତ୍ସବ କୁ ସୁପରିଚାଳନା ସହ ବ୍ୟବସ୍ଥିତ କରିବାକୁ ପୂର୍ଣ୍ଣାଙ୍ଗ ମହୋତ୍ସବ କମିଟି ସହ ସବ କମିଟି ଗଠନ, ମହୋତ୍ସବ ସମୟ ରେ ପରିବେଶ କୁ ସଫା ରଖିବା, ମହିଳା ପୁରୁଷ ଙ୍କ ପାଇଁ ଅସ୍ଥାୟୀ ଶୌଚାଳୟ ନିର୍ମାଣ, କଳାକାର ଙ୍କ ରହିବା ପାଇଁ ସୁ ବ୍ୟବସ୍ଥା ମହୋତ୍ସବ ସମୟରେ ଆବଶ୍ୟକ ଆଲୋକୀକରଣ, ସ୍ୱତନ୍ତ୍ର ଖାଦ୍ୟ ଜୋନ ପ୍ରସ୍ତୁତି, ଶାନ୍ତି ଶୃଙ୍ଖଳା ତଥା ଟ୍ରାଫିକ ନିୟନ୍ତ୍ରଣ, କ୍ଷେତ୍ର ପରିସର କୁ ମହୋତ୍ସବ ପୂର୍ବରୁ ସମ୍ପୂର୍ଣ୍ଣ ସଫା ସୁତରା, ଭକ୍ତ ତଥା ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପ୍ରଭୃତି ବିଷୟ ଉପରେ କମିଟି ସଦସ୍ୟ ତଥା ଉପସ୍ଥିତ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ବିଧାୟକ ଇଂ ଜଗଦଲା। ବୈଠକରେ ସଂସ୍କୃତି ଅଧିକାରୀ ଯମୁନା ପଧାନ, ଡି.ଆଇ.ପି.ଆର.ଓ ଅଶ୍ୱିନୀ କୁମାର ଭୋଇ, ନିର୍ବାହୀ ଯନ୍ତ୍ରୀ ଟି ପି ଡବ୍ଲୁ ଓ ଡି ଏଲ ଇଂ ଅଶୋକ କୁମାର ମିଶ୍ର, ବିଡ଼ିଓ ଉଲୁଣ୍ଡା କରିସ୍ମା ବେସ୍ରା, ବିଡ଼ିଓ ବୀରମହାରାଜପୁର ପ୍ରିୟଦର୍ଶିନୀ ମିର୍ଦ୍ଧା ତଥା ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ, ପାତାଳି ଟ୍ରଷ୍ଟର ସଦସ୍ୟ ସଦସ୍ୟା, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ।

